

ଅର୍ଦ୍ଧଶତକରେ ବିଶ୍ୱ ରେକର୍ଡ
▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-207 ◆THURSDAY ◆22 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୦୭ ◆ଗୁରୁବାର ◆୨୨ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୨୮ରୁ ସଂସଦର ବଜେଟ ଅଧିବେଶନ

# ହକ୍ ଅପେକ୍ଷାରେ ଓଡ଼ିଶା

■ ଭୁବନେଶ୍ୱର, ୨୧।୧ (ସମିସ): କ୍ରମାଗତ ଭାବରେ କେନ୍ଦ୍ରୀୟ ଅବହେଳାର ଶିକାର ହୋଇଛି ଓଡ଼ିଶା। ରାଜ୍ୟ ସ୍ୱାର୍ଥ ସମ୍ବଳିତ ଦାବିକୁ କେନ୍ଦ୍ର ସରକାର ବିଭିନ୍ନ ବାହାନା ଦେଖାଇ ଏଡ଼ାଇ ଯାଉଛନ୍ତି କିମ୍ବା ନିରବ ରହୁଛନ୍ତି। ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର-ରାଜ୍ୟ ମଧ୍ୟରେ ଭାଗିଦାରୀ ରହିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ତାଙ୍କର ଭୂମିକା ନିର୍ବାହ କରୁଥିବାବେଳେ କେନ୍ଦ୍ର ସରକାର ଏ ଦିଗରେ ଯେପରି ତତ୍ପରତା ପ୍ରଦର୍ଶନ କରିବା କଥା ତାହା ଦେଖାଉ ନାହାନ୍ତି। ରାଜ୍ୟଗୁଡ଼ିକର ଆବଶ୍ୟକତା ଅନୁସାରେ କେନ୍ଦ୍ର ସରକାର ସହଯୋଗ କରିବାର ଆବଶ୍ୟକତା ରହିଛି ଏବଂ ଠିକ୍ ସମୟରେ ଓ ସଠିକ୍ ଅନୁପାତରେ କେନ୍ଦ୍ରୀୟ ଅନୁଦାନ ପାଇବା ରାଜ୍ୟଗୁଡ଼ିକର ହକ୍ ରହିଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସମୟରେ ବିଭିନ୍ନ ଫୋରମରେ ଏହି ପ୍ରସଙ୍ଗ ଉଲ୍ଲେଖ କରିଥିଲେ ବି କେନ୍ଦ୍ର ସରକାର ସେତେବେଳେ ଶୁଣିଲେ ନାହିଁ, ଏବେ ରାଜ୍ୟରେ ଡ଼ବଲ ଇଞ୍ଜିନ୍ ସରକାର ସମୟରେ ବି ଓଡ଼ିଶା ଅବହେଳିତ ହୋଇ ରହିଛି। ରାଜ୍ୟରେ ରେଳ ସାନ୍ଦ୍ରତା ବୃଦ୍ଧି, କୋଇଲା ରାଜଭାଗ ବୃଦ୍ଧି, ଉଷୁନା ଚାଉଳ ଉଠାଇବା, ଠିକ୍ ସମୟରେ ସାର ଯୋଗାଇବା, ସ୍ୱତନ୍ତ୍ର ଫୋକସ ରାଜ୍ୟ ମାନ୍ୟତା ସହ ରାଜ୍ୟକୁ ଅଧିକ ଅନୁଦାନ ପ୍ରଦାନ କରିବା, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିମନ୍ତେ ସହଯୋଗ କରିବା, ଜଳସେଚନ କ୍ଷେତ୍ରକୁ ଉପଯୁକ୍ତ ସହାୟତା ଦେବା ଆଦି ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାର ନକରାତ୍ମକ ମନୋଭାବ ପୋଷଣ କରୁଛନ୍ତି। ଏପରିକି ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଉଦାର ମନୋଭାବ ପୋଷଣ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ନିରବ ରହୁଛନ୍ତି। ଓଡ଼ିଶାକୁ କ୍ରମାଗତ ଉପେକ୍ଷା ରାଜ୍ୟବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ପରିସ୍ଥିତିରେ ଆସନ୍ତା ୨୮ ତାରିଖରୁ କେନ୍ଦ୍ର ବଜେଟ୍ ଅଧିବେଶନ ଉପରେ ଓଡ଼ିଶାବାସୀଙ୍କ ଧ୍ୟାନ କେନ୍ଦ୍ରୀତ ହୋଇଛି।



- ମିଳୁନି ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ଅନୁଦାନ
- ଅଟକି ରହିଛି ଓଡ଼ିଶା ସାମୁଦ୍ରିକ ବୋର୍ଡ ଆଇନ
- ପଡ଼ି ରହିଛି କୋଇଲା ରାଜଭାଗ ସଂଶୋଧନ ଦାବି
- ଦାବି ସତ୍ତ୍ୱେ ରାଜ୍ୟକୁ ମିଳୁନାହିଁ ଆବଶ୍ୟକ 'ଆବାସ'

ସାରା ରାଜ୍ୟରେ ବର୍ତ୍ତମାନ ଖରିଫ ଧାନ ସଂଗ୍ରହ ଜାରି ରହିଛି। ମାତ୍ର ଯାବତୀୟ ସମସ୍ୟା ଓ ଅନିୟମିତତା ଯୋଗୁଁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏଥିପାଇଁ ବିରୋଧୀ ରାଜ୍ୟ ସରକାରଙ୍କୁ ଦାୟୀ କରୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ନିଜର ଅଂଶ ପ୍ରଦାନରେ କାଳକ୍ଷେପଣ ନୀତି ଅବଲମ୍ବନ କରିବା ଯୋଗୁଁ ଧାନ କିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ସେହିପରି ବାରମ୍ବାର ଦାବି ସତ୍ତ୍ୱେ ▶ପୃଷ୍ଠା-୭

# ନୋବେଲ ପାଗଳ ଟ୍ରମ୍ପ

■ ୱାସିଂଟନ, ୨୧।୧ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଗଳାମୀ ଯାଉନାହିଁ। ଯେତେବେଳେ ସୁଯୋଗ ମିଳୁଛି, ସେ ଏହି ପୁରସ୍କାର ପାଇ ନଥିବାରୁ ନିଜର କ୍ଷୋଭ ପ୍ରକାଶ କରିବାକୁ ପଛାଉ ନାହାନ୍ତି। ନୋବେଲ ମିଳିନଥିବାରୁ ସାରା ବିଶ୍ୱକୁ ଥରହର କରି ରଖିଥିବା ଟ୍ରମ୍ପ ପୁଣି ଥରେ କହିଛନ୍ତି ଯେ ସେ ହିଁ ନୋବେଲ ପୁରସ୍କାର ପାଇବାର ହକ୍‌ଦାର। ଡାଭୋସ ଯିବା ପୂର୍ବରୁ ସେ ଆଜି ସାମ୍ବାଦିକମାନଙ୍କୁ କହିଛନ୍ତି, 'ଏପର୍ଯ୍ୟନ୍ତ ୮ଟି ଯୁଦ୍ଧକୁ ବନ୍ଦ କରିଛି ଓ ପ୍ରତ୍ୟେକଟି ପାଇଁ ମୋତେ ପୃଥକ ଭାବେ ନୋବେଲ ପୁରସ୍କାର ମିଳିବା ଉଚିତ। ଏହା ମୁଁ ନିଜେ କହିବାକୁ ଚାହୁଁନାହିଁ, କିନ୍ତୁ ଏହା ସତ୍ୟ। ଯଦି କେହି କୁହେ ଯେ, ମୋତେ ନୋବେଲ ପାଇବାରୁ ବଞ୍ଚିତ କରିବାରେ ନରୱେ ସରକାର କୌଣସି ଭୂମିକା ଗ୍ରହଣ କରିନାହିଁ, ତେବେ ଏହା ଭୁଲ୍। କାରଣ ନୋବେଲ ସେଠାରେ ପ୍ରଦାନ କରାଯାଇଥାଏ ଓ ସେମାନେ ହିଁ ନିଷ୍ପତ୍ତି ନେଇଥାନ୍ତି।'



'୮ଟି ଯୁଦ୍ଧ ବନ୍ଦ କରିଛି, ପ୍ରତ୍ୟେକଟି ପାଇଁ ନୋବେଲ ପାଇବାକୁ ଯୋଗ୍ୟ'

ସୂଚନାଯୋଗ୍ୟ ଯେ ନରୱେର ପ୍ରଧାନମନ୍ତ୍ରୀ ଜୋନାସ ଷ୍ଟୋର ସୋମବାର କହିଥିଲେ ଯେ, ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାର ନିଷ୍ପତ୍ତି ଏକ ସ୍ୱାଧୀନ ନୋବେଲ କମିଟି ଦ୍ୱାରା ନିଆଯାଇଥାଏ। ନରୱେ ସରକାରଙ୍କର ଏଥିରେ କୌଣସି ଭୂମିକା ନାହିଁ। ଏ ନେଇ ଟ୍ରମ୍ପଙ୍କୁ ପୂର୍ବରୁ ବୁଝାଇ ଦିଆଯାଇଛି। କିନ୍ତୁ ଟ୍ରମ୍ପ ବୁଝିବାକୁ ନାରାଜ। ସେ କହିଲେ ଯେ ଏଥର ନୋବେଲ ପାଇଥିବା ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ ମାଚାଡ଼ୋ ତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମାରିଆ କହିଥିଲେ ଯେ, ଟ୍ରମ୍ପ ଏହି ପୁରସ୍କାର ପାଇବାକୁ ଅଧିକ ଯୋଗ୍ୟ। କିନ୍ତୁ ଟ୍ରମ୍ପଙ୍କ ଭାଷାରେ ନରୱେ ମାନିବାକୁ ନାରାଜ।

ଟ୍ରମ୍ପ ଆଜି ପୁଣି କହିଛନ୍ତି ଯେ ୧୦ ମାସ ତଳେ ଭାରତ- ପାକିସ୍ତାନ ଯୁଦ୍ଧକୁ ରୋକି ସେ ବିଶ୍ୱକୁ ପରମାଣୁ ଯୁଦ୍ଧର ବିଭିଷୀକାରୁ ବଞ୍ଚାଇଥିଲେ। ଗତ ମେ'ରେ ଭାରତ- ପାକିସ୍ତାନ ସଂଘର୍ଷ ପରମାଣୁ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଥିଲା। ଦୁଇ ଦେଶ ମଧ୍ୟ ଯୁଦ୍ଧ ବିରତି ଘୋଷଣା କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଯୁଦ୍ଧ ବନ୍ଦ କରି ସେ ଏକ କୋଟି ଲୋକଙ୍କ ଜୀବନ ରକ୍ଷା କରିଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ମଧ୍ୟ ଏହା ସ୍ୱୀକାର କରିଛନ୍ତି। ତଥାପି ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ନମିଳିବା କ୍ଷୋଭର ବିଷୟ। ସୂଚନାଯୋଗ୍ୟ ଯେ ଭାରତ-ପାକିସ୍ତାନ ଯୁଦ୍ଧ କରାଇବା ନେଇ ସେ ପାଖାପାଖି ୬୦ରୁ ଅଧିକ ଥର କହିସାରିଛନ୍ତି। କିନ୍ତୁ ଭାରତ ଏହାକୁ ଖଣ୍ଡନ କରି କହିଛି ଯେ ଯୁଦ୍ଧ ବିରତିରେ କୌଣସି ତୃତୀୟ ପକ୍ଷର ଭୂମିକା ନଥିଲା।

# ୪ ଦିନରେ ୭ ଡିଗ୍ରୀ ବଢ଼ିଲା ତାପମାତ୍ରା

■ ଭୁବନେଶ୍ୱର, ୨୧।୧ (ସମିସ): ରାଜ୍ୟରେ ଶୀତର ପ୍ରଭାବ କମିବା ସହ ଦିନରେ ସୂର୍ଯ୍ୟଙ୍କ କିରଣ ପ୍ରଖର ହେବାରେ ଲାଗିଛି। ଯଦିଓ ରାତିରେ କିଛିକାଂଶରେ ଥଣ୍ଡା ଅନୁଭୂତ ହେଉଛି ମାତ୍ର ଗତ ୪ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ବଢ଼ିଛି। ଏହି ୪ ଦିନ ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ରାତିର ତାପମାତ୍ରା ୭ ଡିଗ୍ରୀ ବୃଦ୍ଧି ପାଇଥିବା ବେଳେ ଉପକୂଳବର୍ତ୍ତୀ ଜିଲ୍ଲାରେ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ବୃଦ୍ଧି ପାଇଛି। ବୁଧବାର ସକାଳ ୫ଟା ୩୦ରେ ରେକର୍ଡ ହୋଇଥିବା ତାମପାତ୍ରା ଅନୁଯାୟୀ ଝାରସୁଗୁଡାରେ ତାପମାତ୍ରା ୭.୨ ଡିଗ୍ରୀ ବଢ଼ି ୧୪ ଡିଗ୍ରୀ ରହିଥିଲା। ସେହିପରି କେନ୍ଦୁଝରେ ୫.୨ ଡିଗ୍ରୀ ୧୪.୬, ଭୁବନେଶ୍ୱରରେ ୨.୨ ଡିଗ୍ରୀ ୧୪.୬, ପାରାଦୀପରେ ୩ ଡିଗ୍ରୀ ବୃଦ୍ଧି ପାଇ ୧୫.୪, ବାଲେଶ୍ୱରରେ ୩ ଡିଗ୍ରୀ ବଢ଼ି ୧୬, ଚାନ୍ଦବାଲିରେ ୪ ଡିଗ୍ରୀ ବଢ଼ି ୧୬.୨ ଡିଗ୍ରୀ ରେକର୍ଡ ହୋଇଛି।

ରାତିରେ ହାଲୁକା ଶୀତ ସାଙ୍ଗକୁ ସାମାନ୍ୟ କୁହୁଡ଼ି ରହୁଛି। ହେଲେ ଦିନ ବେଳା ନିର୍ମଳ ଆକାଶ ସାଙ୍ଗକୁ ଟାଣ ଖରା ଅନୁଭୂତ ହେଉଛି। ଏହି କ୍ରମରେ ବୁଧବାର ଭୁବନେଶ୍ୱରରେ ଦିନର ତାପମାତ୍ରା ୩୨.୩ ଡିଗ୍ରୀ ରେକର୍ଡ ହୋଇଛି। ଝାରସୁଗୁଡ଼ା ୩୧.୪, ପାରାଦୀପ ୩୧.୪ ଓ ଭଦ୍ରକରେ ମଧ୍ୟ ଦିନର ତାପମାତ୍ରା ୩୧.୨ ଡିଗ୍ରୀ ରେକର୍ଡ ହୋଇଛି। ଏଭଳି ଭାବେ ବୁଧବାର ମୋଟ୍ ୧୯ ଟି ସହରରେ ଦିନର ତାପମାତ୍ରା ୩୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଛି। ପାଣିପାଗ କେନ୍ଦ୍ର କହିଛି ଆସନ୍ତା ୫ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ତେଣୁ ଉଭୟ ଦିନ ଓ ରାତିର ତାପମାତ୍ରା ଅପରିବର୍ତ୍ତିତ ରହିବାର ସମ୍ଭାବନା ରହିଛି। ଅନ୍ୟପଟେ ଭୋର ସମୟରେ ଅନେକ ସ୍ଥାନରେ କୁହୁଡ଼ି ଦୃଶ୍ୟମାନ ହେଉଛି। ୨୫ ତାରିଖ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ। ଏହି ▶ପୃଷ୍ଠା-୭

# ତୃଣମୂଳରେ ନୂଆ-ପୁରୁଣା କଳି

## ଓଡ଼ିଶା ବିଜେପି ନେତାଙ୍କୁ କାଟୁ କରିବ ତ 'ନିତିନ' ମନ୍ତ୍ର

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୧।୧ (ସମିସ): କେନ୍ଦ୍ରରେ ବିଜେପି ସଭାପତି ଭାବେ ଦାୟିତ୍ୱ ନେବା ପରେ ନିତିନ ନବୀନ ବିଭିନ୍ନ ରାଜ୍ୟର ବିଜେପି ସଭାପତି, ରାଜ୍ୟ ପ୍ରଭାରୀଙ୍କ ସହ ବୁଧବାର ବୈଠକ କରିଛନ୍ତି। ବୈଠକରେ ନିତିନ ଦଳୀୟ ସଂଗଠନରେ ଶୃଙ୍ଖଳା ଏବଂ ସମର୍ପଣ ସହ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଛନ୍ତି। ଏହାସହ ସଂଗଠନରେ ସମସ୍ତେ ମିଳିମିଶି କାମ କରିବା ସହ ସୁଷମ ଦାୟିତ୍ୱ ବଣ୍ଟନ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି କ୍ରମରେ ନିତିନ ଓଡ଼ିଶାର ବିଜେପି ନେତା ଓ ପ୍ରଭାରୀଙ୍କ ସହ ଏକ ବୈଠକରେ ଅନୁରୂପ ଭାବରେ ଶୃଙ୍ଖଳା-ସଂଗଠନ-ସୁସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଛନ୍ତି ଏହି ବୈଠକରେ ଉପସ୍ଥିତ ଥିବା ବିଜେପି ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡୀଙ୍କ ସହ ଆଲୋଚନା ସମୟରେ ରାଜ୍ୟରେ ସାଂଗଠନିକ ଦୃଢ଼ୀକରଣ ଓ ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ସମ୍ପ୍ରତି ରାଜ୍ୟ ବିଜେପିରେ ଛକାପଞ୍ଝା ଓ ଗୋଷ୍ଠୀ ବିବାଦ ଚରମ ସୀମାରେ ପହଞ୍ଚିଥିବାବେଳେ

**ଶୃଙ୍ଖଳା-ସଂଗଠନ-ସୁସମ୍ପର୍କ ଉପରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଗୁରୁତ୍ୱ**

ନୂଆ ବିଜେପି ସଭାପତିଙ୍କ ପରାମର୍ଶକୁ ଦଳ କେତେମାତ୍ରାରେ କାର୍ଯ୍ୟକାରୀ କରିପାରୁଛି, ତାହା ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।

ରାଜ୍ୟରେ ପ୍ରଥମଥର ସରକାର ଗଠନ କରିବାକୁ ବିଜେପିକୁ ୧୯ ମାସ ବିତି ସାରିଲାଣି। ମାତ୍ର ଏଯାବତ୍ ସରକାର ଏବଂ ସଂଗଠନ ଅଧପନ୍ତରିଆ ଭାବରେ ଜାରି ରହିଛି। ସରକାର ଏବଂ ସଂଗଠନ ମଧ୍ୟରେ ତାଳମେଳର ଅଭାବ, ଛାମୁଆ ନେତାଙ୍କ ମଧ୍ୟରେ ମତଭେଦ ଯୋଗୁଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଅଟକି ରହିଛି। ସେହିପରି ଜିଲ୍ଲା ଯୋଜନା ବୋର୍ଡଠାରୁ ଆରମ୍ଭ କରି ରାଜ୍ୟସ୍ତରରେ ନିଗମ, ବୋର୍ଡ ନିଯୁକ୍ତି ମଧ୍ୟ ହୋଇପାରୁ ନାହିଁ। ରାଜ୍ୟ ନେତୃତ୍ୱ ବାରମ୍ବାର ତାଲିକା ଧରି ଦିଲ୍ଲୀ ଧାଉଁଛନ୍ତି। ମାତ୍ର ଶେଷ ମୁହୂର୍ତ୍ତରେ ଏହା ଅଟକି ଯାଉଛି। ରାଜ୍ୟ ପ୍ରଭାରୀ ଅନେକବାର ନିଗମ ଓ ବୋର୍ଡ ନିଯୁକ୍ତି, ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ଇଙ୍ଗିତ ଦେଇଥିଲେ ବି ଶେଷ ମୁହୂର୍ତ୍ତରେ ଏହା ସାକାର ହୋଇ ପାରୁନାହିଁ। ଏଥିପାଇଁ ଦଳରେ ଅସନ୍ତୋଷ ବଢ଼ୁଛି, ନେତାମାନେ ଲୋକହସା ହେଉଛନ୍ତି। କେବଳ ଛାମୁଆ ନେତାଙ୍କ ମଧ୍ୟରେ ନୁହେଁ, ରାଜ୍ୟରେ ବିଜେପି କ୍ଷମତା ହାସଲ କରିବା ପରେ ତୃଣମୂଳସ୍ତରରେ ମଧ୍ୟରେ ନୂଆ-ପୁରୁଣା କଳି ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଗୋଟିଏ ପଟେ ଅନ୍ୟଦଳରୁ ନେତା, କର୍ମୀ ଆଣି ବିଜେପି ▶ପୃଷ୍ଠା-୭

# ଭୂସ୍ୱର୍ଗରେ ବି ବାୟୁ ଦୂଷିତ

## ଶ୍ରୀନଗର ପ୍ରଦୂଷଣ ୭ ବର୍ଷରେ ସବୁଠୁ ଖରାପ

■ ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି): ଭାରତର ଭୂସ୍ୱର୍ଗ କୁହାଯାଉଥିବା ଜମ୍ମୁ-କଶ୍ମୀର ଅବସ୍ଥା ମଧ୍ୟ ଖରାପ। ଏଠାରେ ବାୟୁ ପ୍ରଦୂଷଣ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ରାଜଧାନୀ ଶ୍ରୀନଗ।।ର।।ରେ ଗତ ସାତ ବର୍ଷରେ ଏଭଳି ସ୍ଥିତି କେବେ ଦେଖିବାକୁ ମିଳିନଥିଲା। ଆଜି ସହରର ବାୟୁ ମାନ ଇଣ୍ଡେକ୍ସ (ଏକ୍ୟୁଆଇ) ୩୦୮ ରେକର୍ଡ କରାଯାଇଛି। ଏୟାର ମନିଟରିଂ ଡାଟା ଅନୁସାରେ ଜାନୁଆରୀ ସହରର ଏକ୍ୟୁଆଇ ବହୁତ ଖରାପ ରହିଛି। ଶ୍ରୀନଗରରେ ବର୍ତ୍ତମାନ ହାରାହାରି ପିଏମ୍୨.୫ ସାନ୍ଦ୍ରତା ପ୍ରତି ଘନ ମିଟରରେ ୧୧୫ ମାଇକ୍ରୋଗ୍ରାମ ରହିଛି ଓ ଏହା ଡବ୍ଲ୍ୟୁଏଚ୍‌ଓ ସୀମାଠାରୁ ଯଥେଷ୍ଟ ଅଧିକ। ଏହି ସ୍ତର ନିଶ୍ଚିତ ଭାବେ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି ଓ ଏହା ଦିନକୁ ୪ଟି ସିଗାରେଟ ପିଇବା ସହ ସମାନ। ୨୦୧୯ ପରେ ୨୦୨୬ ଶ୍ରୀନଗର ସବୁଠାରୁ ପ୍ରଦୂଷିତ ବର୍ଷ ସାବ୍ୟସ୍ତ ହୋଇଛି ଓ ଏହାର ହାରାହାରି ଏକ୍ୟୁଆଇ ୧୫୯ ରହିଛି। ତେବେ ୨୦୨୩ ଗତ ୭ ବର୍ଷ ମଧ୍ୟରେ ସବୁଠାରୁ ସ୍ୱଚ୍ଛ ବାୟୁ ରେକର୍ଡ କରିଛି ଓ ଏହାର ହାରାହାରି ଏକ୍ୟୁଆଇ ଥିଲା ୪୯।

**ଦିଲ୍ଲୀରେ ପୁଣି ବଢ଼ିଲା ଏକ୍ୟୁଆଇ**

ଏକ୍ୟୁଆଇ ତଥ୍ୟ ଅନୁଯାୟୀ, ଶ୍ରୀନଗରରେ ପ୍ରତ୍ୟେକ ସନ୍ଧ୍ୟାରେ ହିଁ ପ୍ରଦୂଷଣ ଦ୍ରୁତଗତିରେ ବୃଦ୍ଧି ପାଇଥାଏ।



ସକାଳେ ବାୟୁ ସଫା ରହିଥାଏ। ସନ୍ଧ୍ୟାରେ ହାରାହାରି ଏକ୍ୟୁଆଇ ୨୨୮ ରେ ପହଞ୍ଚିଥାଏ। ଗତ ୭ ଦିନଧରି ଏକ୍ୟୁଆଇ ୧୦୦ ଉପରେ ରହିଛି। ଜାନୁଆରୀ ୧୬ରେ ଶ୍ରୀନଗରର ଏକ୍ୟୁଆଇ ସବୁଠାରୁ ଖରାପ ୪୧୫ ରେକର୍ଡ କରାଯାଇଥିଲା। ଏହା ପରିବେଶବିତଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

**ସ୍କୁଟିକୁ ଧକ୍କା ଦେଲା ଟ୍ରକ୍**

# ପୁଅ ଆଗରେ ଚାଲିଗଲା ବାପାର ଜୀବନ

■ ପାଲଲହଡ଼ା, ୨୧।୧ (ସମିସ): ପୁଅ ଆଖି ଆଗରେ ଚାଲିଗଲା ବାପାର ଜୀବନ। ୪୯ନଂ ଜାତୀୟ ରାଜପଥର ସ୍ଥାନୀୟ ମାଲ୍ୟଗିରି ମହାବିଦ୍ୟାଳୟ ଛକ ନିକଟରେ ଏକ ସ୍କୁଟିକୁ ଟ୍ରକ୍ ଧକ୍କା ଦେବାରୁ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ତାଳଚେର ଥାନା ଗୁରୁଜାଙ୍ଗୁଲି ଅଞ୍ଚଳର କ୍ଷୀରୋଦ ପାଣିଗ୍ରାହୀ। ଏହି ଦୁର୍ଘଟଣାରେ କ୍ଷୀରୋଦଙ୍କ ପୁଅ ସରୋଜ ପାଣିଗ୍ରାହୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତଦେହ ରଖି ରାଜପଥ ଅବରୋଧ କରିଥିଲେ। ଫଳରେ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ସମୟ ପରେ ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ▶ପୃଷ୍ଠା-୭

# ଗଛରେ ପିଟିହେଲା ବାଇକ୍; ଦୁଇ ସାଙ୍ଗ ମୃତ

■ ପଡ଼ିଆ, ୨୧।୧ (ସମିସ): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ସଦର ମହକୁମାସ୍ଥିତ କୁମ୍ଭାରସାହି ଓ ପଡ଼ିଆ ମୁଖ୍ୟ ରାସ୍ତା ବୁଲାଣିରେ ଆଜି ଏକ ଦୁର୍ଘଟଣା ଦୁଇ ସାଙ୍ଗଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ସମୀର ହନ୍ତାଳ ଓ ତାର ବନ୍ଧୁ ଦୀପକ କୁମାର ଲିମା। ଦୁହିଁଙ୍କ ଘର ପଡ଼ିଆ ଗ୍ରାମରେ। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଆଜି ଭୋର୍ ପ୍ରାୟ ୩ଟାରେ ସମୀର ଓ ଦୀପକ ଏକ ବୁଲେଟ୍ ବାଇକ୍‌ରେ କୁମ୍ଭାରସାହିରୁ ପଡ଼ିଆ ଗ୍ରାମ ଅଭିମୁଖେ ଆସୁଥିଲେ। କୁମ୍ଭାରସାହି ନିକଟସ୍ଥ ବୁଲାଣି ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ▶ପୃଷ୍ଠା-୭

## ପରିବହନ ବିଭାଗର 'ଅନ୍ଧ ନୀତି'

# କଳାତାଲିକାଭୁକ୍ତ ସଂସ୍ଥାକୁ ଠିକା ଦେବାକୁ ଏସ୍‌ଟିଏର ଜିଦ୍

■ ଭୁବନେଶ୍ୱର, ୨୧।୧ (ସମିସ): ଯାତ୍ରୀବାହୀ ଗାଡ଼ିଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ 'ଭେଇକିଲ୍ ଲୋକେସନ ଟ୍ରାକିଂ ଡିଭାଇସ୍' (ଭିଏଲ୍‌ଟିଡି) ବ୍ୟବସ୍ଥା ଆପଣାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଓଡ଼ିଶାରେ ଏପର୍ଯ୍ୟନ୍ତ ପ୍ରାୟ ୫୨ ହଜାର ଗାଡ଼ିରେ ଏହି ବ୍ୟବସ୍ଥା ଲାଗିସାରିଥିବା ବେଳେ ଆହୁରି ୨ ଲକ୍ଷରୁ ଅଧିକ ଗାଡ଼ିରେ ଏହି ବ୍ୟବସ୍ଥା ଲାଗୁ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି କାମ ପାଇଁ ରାଜ୍ୟ ସରକାର 'ସି-ଡିଏସି' ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାକୁ



- ବିନା ଟେଣ୍ଡରରେ ୧୪ କୋଟି ଟଙ୍କାର ଚୁକ୍ତି ପାଇଁ ମସୁଧା
- ଭିଏଲ୍‌ଟିଡି ପରିଚାଳନା ପାଇଁ ଗଳାକାଟ ଆପଣାଇଛି 'ସି-ଡିଏସି'
- ଏସ୍‌ଟିଏକୁ ଚିଠି ଲେଖି କଳା କାରନାମା ଦର୍ଶାଇଲା 'ଓଭିଡିଏ'
- ୨୮ରେ ଚୁକ୍ତିନାମା, ହାଇକୋର୍ଟରେ ମାମଲା ପାଇଁ ଚେତାବନୀ

ନିଷ୍ପତ୍ତି ନେଇଛନ୍ତି। ଏହି ସଂସ୍ଥା ସହ ଆସନ୍ତା ୨୮ ତାରିଖରେ ରାଜ୍ୟ ସରକାର ଚୁକ୍ତି କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ବିଭିନ୍ନ ସମୟରେ ବିବାଦୀୟ ରହିଥିବା ଏହି ସଂସ୍ଥା ସହ ଚୁକ୍ତି ପାଇଁ କାହିଁକି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଆଗ୍ରହ ଦେଖାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଓଡ଼ିଶା ଭେଇକିଲ୍ ଡିଲର ଆସୋସିଏସନ୍ (ଓଭିଡିଏ) ଏ ସଂକ୍ରାନ୍ତରେ ଆପତ୍ତି ଉଠାଇବା ସହ ଏସ୍‌ଟିଏ କମିଶନରଙ୍କୁ ଚିଠି ଲେଖି 'ସି-ଡିଏସି' ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଛି। ନିଜ ଚିଠିରେ ସଂଘ ପୂରା କଳା ଚିଠା ଖୋଲିଥିବା ବେଳେ ଏହି ବୁଝାମଣା ପଛରେ ବଡ଼ କାରବାର ଅଛି ବୋଲି ଅଭିଯୋଗ କରିଛି। ଅଭିଯୋଗ ଅନୁସାରେ ପୂର୍ବରୁ ଓଡ଼ିଶାରେ ଭିଏଲ୍‌ଟିଡ଼ି ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

HOTEL MANAGEMENT PROGRAMMES
- BHMCT (Bachelor of Hotel Management and Catering Technology)
- MBA (Hospitality Management)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com



# ଜନ୍-ରୋହିତ୍‌ଙ୍କ ଫିଲ୍ମର ଟାଇଟଲ ସାମ୍ନାକୁ ଆସିଲା

ବଲିଉଡ୍‌ର ଆରାଧାଡ଼ିର ନିର୍ଦ୍ଦେଶକ ରୋହିତ୍ ସେଟ୍ଟୀ ତାଙ୍କ ଆକ୍ସନ୍ ଓ କମେଡି ଫିଲ୍ମଗୁଡ଼ିକ ପାଇଁ ଜଣାଯାନ୍ତି। ରୋହିତ୍ ପ୍ରଥମ ଥର ଦର୍ଶକଙ୍କ ପାଇଁ ଏକ ବାୟୋପିକ୍ ଫିଲ୍ମ ନେଇ ଆସୁଛନ୍ତି। ତାଙ୍କର ଆଗାମୀ ଫିଲ୍ମ ପୁଲିସ୍ ଅଧିକାରୀ ରାକେଶ ମାରିଆଙ୍କ ଉପରେ ଆଧାରିତ। ଏଥିରେ ଜନ୍ ଆବ୍ରାହାମ୍ ଲିଡ୍ ରୋଲରେ ଦେଖାଯିବେ। ତେବେ ଏହି ଫିଲ୍ମର ଟାଇଟଲ୍ ଏବେ 'ମାରିଆ ଆଇପିଏସ୍' ରଖାଯାଇଛି। ଫିଲ୍ମର ସୁଟିଂ ସରିଯାଇଛି। ଏହାର ଅଧିକାଂଶ ସୁଟିଂ ମୁମ୍ବାଇରେ ହୋଇଛି। ମୁମ୍ବାଇର ଏଲୋରା ଷ୍ଟୁଡିଓରେ ପୁଲିସ୍ ଷ୍ଟେସନ୍‌ର ସେଟ୍ ତିଆରି କରାଯାଇଥିଲା। ଏହି ଫିଲ୍ମ ମାଧ୍ୟମରେ ରୋହିତ୍ ଦର୍ଶକଙ୍କୁ ଆକ୍ସନ୍, ଥ୍ରିଲର୍ ଓ ସତ୍ୟଘଟଣା ଉପରେ ଆଧାରିତ ଏକ କାହାଣୀର ଅନୁଭବ ଦେବାକୁ ଯାଉଛନ୍ତି। ତେବେ ଏହି ଫିଲ୍ମର ନାଁ ଆଉ କିଛି ରଖିବାକୁ ବି ଟିମ୍ ବିଚାର କରୁଛି। ଆସନ୍ତା ଫେବୃଆରୀରେ ଫିଲ୍ମର ଫାଇନାଲ ଟାଇଟଲ ଓ ରିଲିଜ୍ ଡେଟ୍ ପ୍ରକାଶ ପାଇପାରେ ବୋଲି କୁହାଯାଉଛି।

# ଜ୍ୱାଇଁ ପାଇଁ ୧୩୭୪ ବ୍ୟଞ୍ଜନ

ଭାରତୀୟ ସଂସ୍କୃତିରେ ଜ୍ୱାଇଁ ଶ୍ୱଶୁର ଘରକୁ ଆସିଲେ ଶ୍ରଦ୍ଧା ଓ ସମ୍ମାନର ସହ ଆତିଥ୍ୟତା ପ୍ରଦାନ କରାଯାଏ। ଏଥିସହ ଭଳିକି ଭଳି ବ୍ୟଞ୍ଜନ ପରଶି ସ୍ୱାଗତ କରାଯାଏ। ଏହି କ୍ରମରେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲ୍ଲାର ତେନାଲୀର ଏକ ପରିବାର ମକର ସଂକ୍ରାନ୍ତି ଉପଲକ୍ଷେ ଜ୍ୱାଇଁଙ୍କୁ ସ୍ୱାଗତ କରିବା ପାଇଁ ୧୩୭୪ ବ୍ୟଞ୍ଜନ ପ୍ରସ୍ତୁତ କରି ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି। ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ବିଜ୍ଞାପୁ ଭେଙ୍କଟ ରତ୍ନମ୍ ଏବଂ ତାଙ୍କ ପତ୍ନୀ ସୁଶୀଳା ନିଜ ଝିଅ କିର୍ତ୍ତିଶ୍ରୀ ଏବଂ ଜ୍ୱାଇଁ ବୋଲ୍ଲୁ ସାଇ ଶରତଙ୍କ ସ୍ୱାଗତ ପାଇଁ ଏହି ଦିବ୍ୟ ଭୋଜନର ଆୟୋଜନ କରିଥିଲେ। କେବଳ ଏତେସଂଖ୍ୟକ ବ୍ୟଞ୍ଜନ ନୁହେଁ, ଏହାର ସାଜସଜ୍ଜା ଏବଂ ପ୍ରସ୍ତୁତି ମଧ୍ୟ ଦେଖିବା ଯୋଗ୍ୟ ଥିଲା। ପ୍ରତ୍ୟେକ ବ୍ୟଞ୍ଜନକୁ ଖୁବ୍ ସ୍ନେହ ଏବଂ ଶ୍ରଦ୍ଧାର ସହ ପ୍ରସ୍ତୁତ କରାଯାଇଥିଲା। ଏହାକୁ ଖୁବ୍ ସୁନ୍ଦର ଭାବେ ଟେବୁଲ ଉପରେ ସଜା ମଧ୍ୟ ଯାଇଥିଲା। ଏହାକୁ ଦେଖି ଲୋକେ ପୁଣି ଥରେ କୋନାସୀମା ଅଞ୍ଚଳର ଭବ୍ୟ ଆତିଥ୍ୟତାକୁ ମନେ ପକାଉଥିଲେ। ତେବେ ବିବାହ ପରେ ଶ୍ୱଶୁର ଘରେ ଶରତଙ୍କର ଏହା ପ୍ରଥମ ସଂକ୍ରାନ୍ତି ଥିଲା। ଏହାକୁ ତେଲୁଗୁ ପରିବାରରେ ଖୁବ୍ ଶୁଭ ମନାଯାଏ। ତେଣୁ ଏହାକୁ ସ୍ୱତନ୍ତ୍ର କରିବା ପାଇଁ କିର୍ତ୍ତିଶ୍ରୀଙ୍କ ପରିବାର ଲୋକେ ଏହି ଦିବ୍ୟ ଭୋଜନର ଆୟୋଜନ କରିଥିଲେ। ଏଥିସହ ଝିଅ ଜ୍ୱାଇଁଙ୍କ ସ୍ୱାଗତ ପାଇଁ ସ୍ୱତନ୍ତ୍ର ବୋର୍ଡ, ସେଲ୍ଫି ପଏଣ୍ଟ ଏବଂ ଶୁଭେଚ୍ଛା ବାର୍ତ୍ତାର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଶରତଙ୍କୁ ଶ୍ୱଶୁର ଘର ପକ୍ଷରୁ ୧୨ ଟି ଉପହାର ମଧ୍ୟ ମିଳିଥିଲା। ଏହି ଉପହାରକୁ ୧୨ ମାସର ପ୍ରତୀକ ଭାବେ ଜଣାଯାଏ। ଶରତଙ୍କୁ ପରଷା ଯାଇଥିବା ବ୍ୟଞ୍ଜନଗୁଡ଼ିକ ମଧ୍ୟରେ ପାରମ୍ପରିକ ସ୍ୱାଦ, ବିଭିନ୍ନ ସ୍ଥାନୀୟ ବ୍ୟଞ୍ଜନ, ସତେଜ ଫଳ, ଜୁସ୍ ଏବଂ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନର ଖାଦ୍ୟପାନୀୟ ସାମିଲ ଥିଲା। ସବୁ ଖାଦ୍ୟକୁ କଦଳୀ ପତ୍ରରେ ପରଷା ଯାଇଥିଲା।



## ଆଜିର ଇତିହାସ

- ୧୬୬୬- ମୋଗଲ ସମ୍ରାଟ୍ ଶାହାଜାହାନଙ୍କ ଦେହାନ୍ତ।
- ୧୯୦୧- ମହାରାଣୀ ଭିକ୍ଟୋରିଆଙ୍କ ଦେହାନ୍ତ।
- ୧୯୩୪-ପ୍ରସିଦ୍ଧ ଫିଲ୍ମ ନିର୍ମାତା ବିଜୟଆନନ୍ଦଙ୍କ ଜନ୍ମ।
- ୧୯୬୩- ଡେରାଡୁନରେ ଦୃଷ୍ଟିବାଧିତଙ୍କ ପାଇଁ ଜାତୀୟ ପୁସ୍ତକାଳୟର ଆରମ୍ଭ ହେଲା।
- ୨୦୦୧- ପାକିସ୍ତାନରେ ତାଲିବାନର ସମସ୍ତ କାର୍ଯ୍ୟାଳୟକୁ ବନ୍ଦ କରି ଦିଆଗଲା।
- ୨୦୦୯- ଫିଲ୍ମ 'ସ୍ଲମଡଗ୍ ମିଲେନିୟର୍' ଓସ୍କାର ପୁରସ୍କାର ପାଇଁ ମନୋନୀତ ହେଲା।


## ନିଆରା ବ୍ୟକ୍ତି

# ୫୦ ବର୍ଷ ଧରି ଉଜାଗର !



ଶରୀର ପାଇଁ ନିଦ ଖୁବ୍ ଜରୁରି। ଏଥିପାଇଁ ସାତରୁ ଆଠ ଘଣ୍ଟା ଶୋଇବା ପାଇଁ କୁହାଯାଏ। ହେଲେ ମଧ୍ୟପ୍ରଦେଶ ରୀବାର ଅବସରପ୍ରାପ୍ତ ସରକାରୀ ଅଧିକାରୀ ମୋହନ ଲାଲ ଦ୍ୱିବେଦୀ ଦୀର୍ଘ ୫୦ ବର୍ଷ ଧରି ଶୋଇ ନ ଥିବା ଦାବି କରନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ସେ ଦୀର୍ଘଦିନ ଧରି ଶୋଇ ନ ଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଅଛନ୍ତି। ତେବେ ତାଙ୍କର ଏହି ନିଆରା କ୍ଷମତା ଦେଖି ଡାକ୍ତର ମଧ୍ୟ ଚକିତ ହୋଇଛନ୍ତି। ୭୫ ବର୍ଷୀୟ ମୋହନଲାଲଙ୍କ କହିବାନୁଯାୟୀ, ସେ ଶେଷଥର ପାଇଁ ଜରୁରୀକାଳୀନ ପରିସ୍ଥିତି ସମୟରେ ଶାନ୍ତିରେ ଶୋଇଥିଲେ। ତା ପରଠୁ ଅଦ୍ୟାବଧି ସେ ଆଦୌ ଶୋଇ ନାହାନ୍ତି। ପଲକ ବନ୍ଦ ହେବା ସତ୍ତ୍ୱେ ଆଖିକୁ ତାଙ୍କର ନିଦ ଆସେନି। ୫୦ ବର୍ଷ ଧରି ଅନିଦ୍ରା ଥିଲେ ମଧ୍ୟ ତାଙ୍କୁ ଥକ୍କାପଣ, ଦୁର୍ବଳତା ତଥା ମାଂସପେଶୀରେ ଏଲାଗି କୌଣସି ଯନ୍ତ୍ରଣା ଅନୁଭୂତ ହୁଏ ନାହିଁ। ସେ ଗୋଟିଏ ମୁଦ୍ରାରେ ଘଣ୍ଟା ଘଣ୍ଟା ମଧ୍ୟ ବସିପାରନ୍ତି। କେବଳ ସେତିକି ନୁହେଁ, ଦୀର୍ଘ ସମୟ ଧରି କାର୍ଯ୍ୟ ମଧ୍ୟ କରିପାରନ୍ତି। ଏନେଇ ମୋହନଲାଲଙ୍କ କହିବା କଥା, "ତାଙ୍କ ଆଖିକୁ ନିଦ ଆସେନି। ରାତିରେ ଖଟରେ ଶୋଇଲେ ମଧ୍ୟ ତାଙ୍କୁ ନିଦ ହୁଏନି। ଫଳରେ ସେ ରାତିରେ ବହି ପଢ଼ିବା ସହ ବୁଲାବୁଲି କରନ୍ତି। ଏହା ଏବେ ତାଙ୍କ ଜୀବନଚର୍ଯ୍ୟା ପାଲଟି ଯାଇଛି।" ଚାକିରି ଜୀବନରେ ତାଙ୍କ କାର୍ଯ୍ୟ ଶୈଳୀକୁ ନେଇ ମଧ୍ୟ ବେଶ୍ ଚର୍ଚ୍ଚା ହୁଏ। ତାଙ୍କ ଅଧୀନସ୍ଥ କର୍ମଚାରୀ ତାଙ୍କ ସହ କାର୍ଯ୍ୟ କରିବାକୁ ମଧ୍ୟ ଡରନ୍ତି। କାରଣ ସେ ବିଶ୍ରାମ ନ ନେଇ ଘଣ୍ଟା ଘଣ୍ଟା ଧରି କାର୍ଯ୍ୟ କରିପାରନ୍ତି। ତେବେ ଏହି ନିଦ ନ ଲାଗିବା ସମସ୍ୟାକୁ ନେଇ ସେ ଦିଲ୍ଲୀ, ମୁମ୍ବାଇର ବଡ଼ ବଡ଼ ଡାକ୍ତରଙ୍କୁ ଦେଖାଇଥିଲେ, କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଯୋଗ, ପ୍ରାଣାୟାମରୁ ନେଇ ଝଡ଼ା ଫୁଙ୍କା ସବୁ ଜିନିଷ ଆପଣାଇଲେ ମଧ୍ୟ ନିଦ ଆସି ନ ଥିଲା। ମୋହନଲାଲଙ୍କ କହିବାନୁଯାୟୀ, ସେ ପ୍ରଥମେ ଏହାକୁ ନେଇ ଚିନ୍ତାରେ ଥିଲେ। ଏବେ ଏହା ତାଙ୍କର ଅଭ୍ୟାସ ପାଲଟିଛି। ବିନା ନିଦ୍ରାରେ ୫୦ ବର୍ଷ ଏହା ବିଜ୍ଞାନ ପାଇଁ ମଧ୍ୟ ଏକ ରହସ୍ୟଜନକ କଥା। ତାଙ୍କର ଏହି ନିଆରା ଅଭ୍ୟାସ ଏବେ ବି ଡାକ୍ତରଙ୍କୁ ଚକିତ କରିଛି।


# କାମ ଦେଉନି ଆଣ୍ଟିବାୟୋଟିକ୍!



ଏସ୍ଏମ୍ଏସ୍ ମେଡିକାଲ କଲେଜର ଏକ ଗବେଷଣାରେ ଆଣ୍ଟିବାୟୋଟିକ୍ ଔଷଧକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରାଯାଇଛି। ଗବେଷଣାରୁ ଜଣାପଡ଼ିଛି ଯେ, ଏସିନେଟୋବ୍ୟାକ୍ଟର ଜୀବାଣୁରୁ ହେଉଥିବା ସଂକ୍ରମଣ ଯୋଗୁଁ ଆଣ୍ଟିବାୟୋଟିକ୍ ଔଷଧର ପ୍ରଭାବ ଦ୍ରୁତ ଭାବେ ହ୍ରାସ ପାଉଛି। ଗବେଷଣାରେ ଏହି ସଂକ୍ରମଣର ଚିକିତ୍ସା ନିମନ୍ତେ ବ୍ୟବହାର କରାଯାଇଥିବା ୧୫ଟି ଆଣ୍ଟିବାୟୋଟିକ୍ ଔଷଧର ପରୀକ୍ଷା କରାଯାଇ ଥିଲା। ଏହି ଜୀବାଣୁ ଉପରେ ୧୩ଟି ଔଷଧ ପ୍ରଭାବହୀନ ସାବ୍ୟସ୍ତ ହୋଇଥିଲା। ତେଣୁ ଏହି ସ୍ଥିତିକୁ ବର୍ତ୍ତମାନ ଚିନ୍ତାଜନକ ବୋଲି କୁହାଯାଉଛି। ଏସିନେଟୋବ୍ୟାକ୍ଟର ସଂକ୍ରମଣ ମୁଖ୍ୟତଃ ଗମ୍ଭୀର ରୋଗ ସହିତ ଜଡ଼ିତ। ଡାକ୍ତରଙ୍କ ମତରେ, ଏହି ଜୀବାଣୁ କ୍ଷତରେ ସଂକ୍ରମଣ, ମୂତ୍ର ସଂକ୍ରମଣ ଏବଂ ନିମୋନିଆ ଭଳି ସମସ୍ୟା ସୃଷ୍ଟି କରିଥାଏ। ବିଶେଷକରି ଟ୍ରମା ରୋଗୀ, କ୍ୟାଥେଟର ବ୍ୟବହାର କରୁଥିବା ଲୋକ ଏବଂ ଭେଣ୍ଟିଲେଟରରେ ଥିବା ରୋଗୀଙ୍କଠାରେ ଏହି ବିପଦ ଅଧିକ। ଏହି ଗବେଷଣାରେ ଆଣ୍ଟିବାୟୋଟିକ୍ କାମ ନ ଦେବାର ପଛରେ ଅନେକ କାରଣ ଥିବା କୁହାଯାଇଛି। ଡାକ୍ତରୀ ପରାମର୍ଶ ବିନା ଆଣ୍ଟିବାୟୋଟିକ୍ କିଣିବା, ଭୁଲ୍ ଉପାୟରେ ଏହାକୁ ବ୍ୟବହାର କରିବା, ଭାଇରାଲ ରୋଗରେ ମନଇଚ୍ଛା ଆଣ୍ଟିବାୟୋଟିକ୍ ସେବନ କରିବା ଏହାର କାରଣ ବୋଲି କୁହାଯାଉଛି। ସେହିପରି ଗବେଷଣାରେ ଏସିନେଟୋବ୍ୟାକ୍ଟର ସଂକ୍ରମଣର ୧୭୬୬ ମାମଲାକୁ ବିଶ୍ଳେଷଣ କରାଯାଇ ଥିଲା। ଏନେଇ ଡାକ୍ତରଙ୍କ କହିବା କଥା, ଏହି ଔଷଧ ସମ୍ପୂର୍ଣ୍ଣ ଭାବେ ପ୍ରଭାବଶୂନ୍ୟ ନ ହେଲେ ବି ଏହାର ପ୍ରଭାବ ପୂର୍ବ ଅପେକ୍ଷା ବହୁତ କମିଛି। ଗବେଷଣାରେ ଏକଥା ବି ସାମ୍ନାକୁ ଆସିଛି ଯେ, ଏହି ଜୀବାଣୁ ଉପରେ ସାଧାରଣ ଆଣ୍ଟିବାୟୋଟିକ୍ କାମ କରୁ ନ ଥିବା ଦେଖାଯାଇଛି। ଅନ୍ୟପଟେ ଏହି ଅବହେଳା ଯଦି ଏମିତି ଜାରି ରହିବ ଆଗକୁ ସ୍ଥିତି ଅଧିକ ବିପଦଜନକ ହେବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି।

# ରାଗ ଶାନ୍ତ ପାଇଁ ନିଆରା ସେବା

ଚୀନ୍‌ରେ 'ଇନଷ୍ଟାଣ୍ଟ ରିପ୍ଲାଏ' ନାମକ ଏକ ବିଚିତ୍ର ସେବାର ଆରମ୍ଭ ହୋଇଛି। ଯେଉଁମାନେ ଏହି ସେବା ପ୍ରଦାନ କରୁଛନ୍ତି ସେମାନଙ୍କୁ 'ମିଆଓ ହୁଇ ସି' ବୋଲି କୁହାଯାଉଛି। ଏହି ସେବାରେ ନିୟୋଜିତ ବ୍ୟକ୍ତି ରାଗୀ ତଥା କ୍ରୋଧୀ ଲୋକଙ୍କ ସହିତ କଥା ହୋଇ ସେମାନଙ୍କୁ ଶାନ୍ତ କରିବା କାମ କରନ୍ତି। ଯେତେବେଳେ ଜଣେ ରାଗ, ନିରାଶ କିମ୍ବା ଭାବନାତ୍ମକ ସ୍ତରରେ ବ୍ୟତିବ୍ୟସ୍ତ ଥାଆନ୍ତି ଏଭଳି ସେବା ପ୍ରଦାନକାରୀ ଲୋକେ ସେମାନଙ୍କ କଥାକୁ ଧୈର୍ଯ୍ୟର ସହ ଶୁଣନ୍ତି ଏବଂ ତତ୍‌କ୍ଷଣାତ୍ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଇଥାନ୍ତି। ମୁଖ୍ୟତଃ ସେମାନଙ୍କ କାମ ହେଉଛି, ଲୋକଙ୍କ ସହିତ ଏମିତି କଥା ହେବା, ଯେମିତି ସେମାନେ ଖୁସି ହେବେ ଏବଂ ସେମାନଙ୍କ ଦୁଃଖ ଦୂର ହେବ। ଏଠାରେ ଏହି ସେବାକୁ ଲୋକମାନେ ବେଶ୍ ପସନ୍ଦ କରୁଛନ୍ତି। କାରଣ ଏହା ଦ୍ୱାରା ଲୋକଙ୍କ ମାନସିକ ଚାପ କମ୍ ହେଉଛି। ଏହାବାଦ୍ ରୋଜଗାରର ବି ଏହା ଏକ ନୂତନ ଓ ନିଆରା ବିକଳ୍ପ ବି ହୋଇପାରିଛି। ଏହି ସେବା ମାଧ୍ୟମରେ ଲୋକେ ମାସକୁ ୧.୨୯ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି। ତେବେ ଏହି ସେବା ଲାଗି ସମୟ ଆଧାରରେ ଫିସ୍ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ। ଅବଶ୍ୟ ଅଧିକାଂଶ ଲୋକ ଏହାକୁ ପାର୍ଟଟାଇମ୍ ଭାବେ କରିବାକୁ ପସନ୍ଦ କରୁଛନ୍ତି। ସେହିପରି ବିଦ୍ୟାର୍ଥୀଙ୍କ ଲାଗି ଏହା ଆୟର ଏକ ଉତ୍ତମ ମାଧ୍ୟମ ହୋଇପାରିଛି। ଏହି ସେବାର ଲାଭ ମୁଖ୍ୟତଃ କର୍ପୋରେଟ୍ କର୍ମଚାରୀ ଉଠାଉଛନ୍ତି। କର୍ପୋରେଟ୍‌ରେ କାମ କରୁଥିବା ଲୋକେ ଅଧିକ କାମ କରି ନିରାଶ ଭାବ ପ୍ରକାଶ କରନ୍ତି। ଏହାବାଦ୍ ଏକୁଟିଆ ରହୁଥିବା ଯୁବକ, ପରସ୍ପରଠାରୁ ଦୂରରେ ରହୁଥିବା ଦମ୍ପତି, ଅବସାଦ ଦେଇ ଗତି କରୁଥିବା ଲୋକ ଏଭଳି ସେବା ଅଧିକ ଲୋଡ଼ୁଥିବାର ଦେଖାଯାଇଛି। ଅନ୍ୟପକ୍ଷରେ ପେସାଦାର ଥେରାପିଷ୍ଟଙ୍କ ଚାର୍ଜ ଅପେକ୍ଷା ଏଭଳି ସେବାର ଫିସ୍ ଶସ୍ତା ହୋଇଥାଏ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଏଭଳି ଲୋକଙ୍କ ସହିତ କଥା ହୋଇ ରାଗୀ ଲୋକମାନଙ୍କର ରାଗ ଅନେକ ପରିମାଣରେ ହ୍ରାସ ପାଉଥିବା ଦେଖାଯାଉଛି।





# ପରଟା ତିଆରି କରିବା ମହଙ୍ଗା ପଡ଼ିଲା

ସାମାଜିକ ଗଣମାଧ୍ୟମରେ ଅନେକ ଆଶ୍ଚର୍ଯ୍ୟ କଲା ଭଳି ଘଟଣା ସବୁ ସାମ୍ନାକୁ ଆସେ। ଏହିକ୍ରମରେ ଏବେ ଜଣେ ପ୍ରବାସୀ ମହିଳାଙ୍କ କଥା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ବ୍ରିଟେନରେ ରହୁଥିବା ଭାରତୀୟ ମହିଳା ଅଧ୍ୱାନ କପୁର ଘରେ ପରଟା ତିଆରି କରୁଥିଲେ। ହେଲେ ଏହା ପରେ ଯାହା ଘଟିଲା, ତା'କୁ ଜାଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ସେ ଏ ବାବଦରେ ସାମଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର୍ କରି କହିଛନ୍ତି। ସେ ଯେତେବେଳେ ପରଟା ସେକିବା ଆରମ୍ଭ କଲେ, ତାଙ୍କ ଘରର ଫାୟାର ଆଲାରାମ୍ ଅଚାନକ ବାଜି ଉଠିଲା। ସେ ଏହାଦେଖି ବ୍ୟସ୍ତ ହୋଇ ପଡ଼ିଲେ। କାରଣ ଖାଦ୍ୟ ନ ଜଳିବା ସତ୍ତ୍ୱେ ବି ଆଲାରାମ୍ ଲଗାତାର ବାଜି ଚାଲିଥିଲା। ଏହି ଘଟଣା ରାତି ପ୍ରାୟ ସାଢ଼େ ୧୧ଟାରେ ଘଟିଥିଲା। ଏହି ସମୟରେ ତାଙ୍କ ଘର ବାହାରର ତାପମାତ୍ରା ଶୂନ୍ୟ ଥିଲା। ବ୍ରିଟେନରେ ରହିବା ସମୟରେ ଏହା ତାଙ୍କ ଲାଗି ସବୁଠୁ ଲଜ୍ୟାଜନକ ମୁହୂର୍ତ୍ତ ଥିଲା ବୋଲି ଅଧ୍ୱାନ କହିଛନ୍ତି। ଆଲାରାମ୍ ପାଖାପାଖି ୨୦ ମିନିଟ୍ ପର୍ଯ୍ୟନ୍ତ ବାଜିଲା ଏବଂ ଶେଷରେ ତାଙ୍କୁ ଦମକଳ ବାହିନୀଙ୍କୁ ଡାକିବାକୁ ପଡ଼ିଲା। ଦମକଳ ବାହିନୀ ଆସି ଆଲାରମ୍‌ଟିକୁ ବନ୍ଦ କରିଥିଲେ। ପରଟା ତିଆରି କରିବା ତାଙ୍କ ପକ୍ଷେ ମହଙ୍ଗା ସାବ୍ୟସ୍ତ ହୋଇଥିବା ସେ କହିଛନ୍ତି। ତେବେ ଭିଡିଓରେ ତାଙ୍କ ପ୍ରତିକ୍ରିୟା ଏବଂ ଚିନ୍ତା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ସେହିପରି ତାଙ୍କର ଏହି ଭିଡିଓରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି। କିଛି ଲୋକ ଏଥିରେ ପ୍ରତିକ୍ରିୟା ଦେଇ କହିଛନ୍ତି, 'ବ୍ରିଟେନରେ ସ୍ମୋକ୍ ଆଲାର୍ମ ଖୁବ୍ ସମ୍ବେଦନଶୀଳ ଏବଂ ଭାରତୀୟ ରାନ୍ଧଣା ବେଳେ ଏହା ଅନେକ ସମୟରେ ବାଜି ଉଠେ। ସେନ୍‌ସର୍‌କୁ ଘୋଡ଼ାଇ ନଚେତ ଏଗଜଷ୍ଟ ଫ୍ୟାନ୍ ବ୍ୟବହାର କରି ଏଭଳି ସ୍ଥିତିକୁ ରୋକାଯାଇପାରିବ।' ସେହିପରି ଉକ୍ତ ଭିଡିଓଟି ପ୍ରବାସୀମାନେ ବିଦେଶରେ ସାମ୍ନା କରୁଥିବା ସମସ୍ୟାକୁ ପ୍ରତିଫଳିତ କରିଛି ବୋଲି କେହିକେହି ମତ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଭାବିଥିବା କାମ ପୂରା କରିବେ। ବନ୍ଧୁଙ୍କ ସହଯୋଗ ମିଳିବ। ଆଇନଜୀବୀଙ୍କୁ ଶୁଭଫଳ ମିଳିବ। ନୂଆ କାମ ଆରମ୍ଭ କରିବାକୁ ଇଚ୍ଛା କରିବେ। ଅର୍ଥପ୍ରାପ୍ତି ଯୋଗ ଅଛି। ବରିଷ୍ଠ ଅଧିକାରୀଙ୍କ ସହ ଭେଟ ହେବ।

**ବୃଷ:** ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ। ଅଫିସ୍ କାମ ସୁଚାରୁରୂପେ ତୁଲାଇବେ। ଜୀବନସାଥୀଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଛାତ୍ରଛାତ୍ରୀମାନେ ପଢ଼ାରେ କୃତକାର୍ଯ୍ୟ ହେବେ। ମନ ଖୁସି ରହିବ।

**ମିଥୁନ:** ଅଫିସ୍‌ରେ ନୂଆ ଦାୟିତ୍ୱ ମିଳିବ। ଘର ପାଇଁ ନୂଆ ଜିନିଷ କିଣିବେ। ବ୍ୟବସାୟରେ ଲାଭ ହେବ। ମାର୍କେଟିଂ ସହ ଜଡ଼ିତ ଲୋକଙ୍କୁ ସଫଳତା ମିଳିବ। ନବବିବାହିତା ଦମ୍ପତି ଦୂର ସ୍ଥାନକୁ ବୁଲିବାକୁ ଯିବେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବାପାମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିରୋଧୀ କାମରେ ବାଧା ଦେବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ।

**ସିଂହ:** ଭାଇଭଉଣୀଙ୍କ ସାହାଯ୍ୟ ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସମୟ ପୂର୍ବରୁ କାମ ପୂରା କରିବେ। ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ହେବ। ଜୀବନସାଥୀଙ୍କ ସହ ସୁନ୍ଦର ସମୟ ଅତିବାହିତ କରିବେ।

**କନ୍ୟା:** ଯାତ୍ରାରୁ ଲାଭ ହେବ। କୌଣସି କାର୍ଯ୍ୟକୁ ପୂରା କରିବାରେ ପଡ଼ୋଶୀ ସହାୟତା କରିବେ। ମହିଳାମାନେ କର୍ମଚଞ୍ଚଳ ରହିବେ। ଆଧ୍ୟାତ୍ମିକ ପ୍ରତି ରୁଚି ବଢ଼ିବ। ଦାମ୍ପତ୍ୟ ଜୀବନରେ ଖୁସି ବଜାୟ ରହିବ।

**ତୁଳା:** ଆର୍ଥିକ ସ୍ଥିତି ମଜଭୁତ ହେବ। ପାରିବାରିକ ସମସ୍ୟା ଦେଖା ଦେବ। ଯାନବାହନ ଚାଳନା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ।

**ବିଛା:** ମାନସିକ ଚିନ୍ତା ଦୂର ହେବ। ସମାଜସେବା ଲାଗି ସମ୍ମାନିତ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ସମ୍ବନ୍ଧ ମଜଭୁତ ହେବ। ନୂଆ କାମ ଶିଖିବାର ଅବସର ଜୁଟିବ।

**ଧନୁ:** ବ୍ୟବସାୟରେ ଉନ୍ନତି ଘଟିବ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ମନ ପ୍ରସନ୍ନ ରହିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀ ସମ୍ମାନିତ କରିବେ। ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ।

**ମକର:** କାମ ବୋଝ ଅଧିକ ରହିବ। କୋର୍ଟ କଚେରୀ ମାମଲାରେ ସଫଳତା ମିଳିବ। ମାନ ସମ୍ମାନ ବଢ଼ିବ। ପରିବାରକୁ ନେଇ କୌଣସି ବଡ଼ ନିଷ୍ପତ୍ତି ନେବେ। କ୍ୟାରିୟରକୁ ଆଗକୁ ନେବା ପାଇଁ ନୂଆ ସୁଯୋଗ ମିଳିବ।

**କୁମ୍ଭ:** ଶୁଭ ଖବର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ। ମହିଳା ବନ୍ଧୁଙ୍କ ସହଯୋଗ ମିଳିବ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଛାତ୍ରଛାତ୍ରୀମାନେ ଖେଳକୁଦ ଓ ମନୋରଞ୍ଜନରେ ସମୟ ଅତିବାହିତ କରିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ।

### ନବୀନ ନିବାସରେ ପହଞ୍ଚିଲେ ପାଟକୁରା କର୍ମୀ ଓ ନେତା

# ପାଟକୁରା ବିଧାୟକ ଅରବିନ୍ଦଙ୍କ ନିଲମ୍ବନକୁ ସ୍ୱାଗତ




ଭୁବନେଶ୍ୱର,୨୧।୧(ସମିସ): ବୁଧବାର ସନ୍ଧ୍ୟାରେ ପାଟକୁରା ନିର୍ବାଚନ ମଣ୍ଡଳୀର ଶହ ଶହ ବିଜେଡି କର୍ମୀ ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେମାନେ ପାଟକୁରା ବିଧାୟକଙ୍କୁ ନିଲମ୍ବନ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏହାସହିତ ଦଳକୁ ମଜବୁତ କରିବାକୁ ଆଗାମୀ ଦିନରେ ସଭାପତି ଯାହା ନିଷ୍ପତ୍ତି ନେବେ ସେଥିପ୍ରତି ସେମାନଙ୍କର ଦୃଢ଼ ସମର୍ଥନ ମଧ୍ୟ ଘୋଷଣା କରିଛନ୍ତି।

ଏହି ଅବସରରେ ପାଟକୁରା ନିର୍ବାଚନମଣ୍ଡଳୀର କର୍ମୀଙ୍କୁ ସମ୍ବୋଧନ କରି ନବୀନ କହିଛନ୍ତି ଯେ ବିଜେଡି ସବୁବେଳେ ଲୋକଙ୍କ ସେବାରେ ବିଶ୍ୱାସ କରେ। ଲୋକଙ୍କ ସ୍ୱାର୍ଥ ବିରୋଧରେ ତଥା ଦଳ ବିରୋଧରେ କାମ କରୁଥିବା ବ୍ୟକ୍ତି ଯେତେ ଶକ୍ତିଶାଳୀ ହେଲେବି ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯିବ। ଅନ୍ୟପକ୍ଷରେ ନବୀନ ପାଟକୁରା ବିଧାୟକଙ୍କ ନିଲମ୍ବନର କାରଣ ମଧ୍ୟ କର୍ମୀଙ୍କୁ ଜଣାଇଛନ୍ତି। ସେ କହିଛନ୍ତି ଯେ ପାଟକୁରାରେ ଜନସାଧାରଣଙ୍କ କାର୍ଯ୍ୟ କରିବା ପାଇଁ ମୁଁ ଜଣଙ୍କୁ ବିଶ୍ୱାସ କରି ସୁଯୋଗ ଦେଇଥିଲି। ଆପଣଙ୍କ ନିର୍ବାଚନମଣ୍ଡଳୀ ପାଇଁ ଭଲ କାମ କରିବାକୁ ସୁଯୋଗ ଦେଇଥିଲି; କିନ୍ତୁ ଜାଣିଲି ଯେ ତାଙ୍କ ପାଇଁ ପାଟକୁରାବାସୀ ହଇରାଣ ହରକତ ହେଉଛନ୍ତି। ଦଳରେ ରହି ଯିଏ ଆପଣଙ୍କୁ ହଇରାଣ କରିବ ତାଙ୍କର ସ୍ଥାନ ଦଳରେ ନାହିଁ। ଆପଣମାନେ ଦଳ ପାଇଁ କାମ କରନ୍ତୁ। ଆପଣମାନଙ୍କ ପାଇଁ ଜଣେ ଭଲ ମୁଖିଆ ଆସିବେ ବୋଲି ନବୀନ କହିଥିଲେ। ଆଜି ପାଟକୁରା ବିଜେଡି କର୍ମୀମାନେ ନବୀନଙ୍କୁ ଭେଟିବା ସମୟରେ ବିଧାୟକ ପ୍ରତାପ କେଶରୀ ଦେବ, ବିଧାୟକ ଧ୍ରୁବ ଚରଣ ସାହୁ, ସୁନୀଲ ମହାନ୍ତି, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନାଙ୍କ ସମେତ କେନ୍ଦ୍ରାପଡ଼ାର ୫ ଜଣ ଜିଲ୍ଲା ପରିଷଦ ସଭ୍ୟ, ପାଟକୁରାର ଦୁଇ ବ୍ଲକ ଅଧ୍ୟକ୍ଷ ମଧ୍ୟ ଉପସ୍ଥିତ ଥିଲେ।

**ଲୋକଙ୍କ ସ୍ୱାର୍ଥ ବିରୋଧରେ କାମ କଲେ କଠୋର କାର୍ଯ୍ୟାନୁଷ୍ଠାନ: ନବୀନ**

# ୨.୩ କୋଟି ଠକିନେଲେ ସାଇବର୍ ଲୁଟେରା

- ଗୁଜୁରାଟ ଓ ମହାରାଷ୍ଟ୍ରରୁ ୩ ଠକଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ
- ଅନ୍‌ଲାଇନ୍ ଟ୍ରେଡିଂ ଓ ଡିଜିଟାଲ ଆରେଷ୍ଟ ନାଁରେ ଲୁଟିଥିଲେ






କଟକ, ୨୧।୧(ସମିସ): ତିନି ପୃଥକ୍ ସାଇବର ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ପୁଲିସ ୩ଜଣ ଠକଙ୍କୁ ମହାରାଷ୍ଟ୍ର ଓ ଗୁଜୁରାଟରୁ ଗିରଫ କରିଛି। ଅନଲାଇନ୍ ଟ୍ରେଡିଂ ଓ ଡିଜିଟାଲ ଆରେଷ୍ଟ ଆଳରେ ଏହି ଅଭିଯୁକ୍ତମାନେ ୩ଜଣଙ୍କଠାରୁ ମୋଟ ୨ କୋଟି ୩୦ଲକ୍ଷରୁ ଅଧିକ ଟଙ୍କା ଠକି ନେଇଥିଲେ। ମହାରାଷ୍ଟ୍ରର ପୁନେରୁ ଗିରଫ ଅଭିଯୁକ୍ତଜଣଙ୍କ ହେଲା ରମେଶ ଆଞ୍ଜନା (୩୧)। ମୁମ୍ବାଇ ପୁଲିସର ପରିଚୟ ଦେଇ ସେ ଜଣେ ବ୍ୟକ୍ତିଙ୍କୁ ହ୍ୱାଟସଆପ୍ ଭିଡିଓ କଲ୍ ମାଧ୍ୟମରେ ଧମକଚମକ ଦେଇଥିଲା। ତାଙ୍କ ନାମରେ ମନି ଲଣ୍ଡରିଂ ମାମଲାରେ ଗିରଫ ପରୱାନା ଜାରି ହୋଇଛି କହି ତାଙ୍କୁ ଡିଜିଟାଲ ଆରେଷ୍ଟ କରିଥିଲା। ଅଭିଯୁକ୍ତ ତାଙ୍କୁ ଅନଲାଇନ୍‌ରେ ଜେରା କରି ମାନସିକ ନିର୍ଯାତନା ଦେଇଥିଲା। ଏପରିକି, ଆରବିଆଇକୁ ଟଙ୍କା ପଠାଇବାକୁ କହିଥିଲା। ଭୟରେ ବ୍ୟକ୍ତିଜଣଙ୍କ ପ୍ରାୟ ୬୨.୧୮ ଲକ୍ଷ ଟଙ୍କା ଠକମାନଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ଠକେଇର ଶିକାର ହୋଇଥିଲେ।

ସେହିଭଳି, ଆଉ ଏକ ଘଟଣାରେ ଅନଲାଇନ୍ ନିବେଶର ପ୍ରଲୋଭନ ଦେଖାଇ ଲୋକଙ୍କୁ ଠକିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ମହାରାଷ୍ଟ୍ରରୁ ତାନାଜୀ ରାମଚନ୍ଦ୍ର ଶେଲାର(୪୬)ଙ୍କୁ ଗିରଫ କରିଛି। ଏକ ନକଲି ଟ୍ରେଡିଂ ପ୍ଲାଟଫର୍ମରେ ନିବେଶ କଲେ ଅଧିକ ରିଟର୍ଣ୍ଣ ମିଳିବ ବୋଲି ବିଶ୍ୱାସ ଜନ୍ମାଇ ସେ ପ୍ରାୟ ୩୮ ଲକ୍ଷ ୩୮ ହଜାର ଟଙ୍କା ଠକି ନେଇଥିଲା। ସେହିପରି, ନିବେଶ ଆଳରେ ୧.୩୦ କୋଟି ଟଙ୍କାର ଚୂନ ମାରିଥିବା ଜଣେ ଠକକୁ କ୍ରାଇମ୍‌ବ୍ରାଞ୍ଚ ଗୁଜରାଟର ସୁରଟ ଅଞ୍ଚଳରୁ ଗିରଫ କରିଛି। ସେ ହେଲା, ନାସିତ ଭୌତିକଭାଇ ଜୟନ୍ତୀଭାଇ (୩୪)। ତଦନ୍ତକାରୀ ଦଳ ଅଭିଯୁକ୍ତମାନଙ୍କ ନିକଟରୁ ମୋବାଇଲ୍ ଫୋନ୍ ଏବଂ ସିମ୍‌କାର୍ଡ ଜବତ କରିଛନ୍ତି। ଆଇନରେ ଡିଜିଟାଲ ଆରେଷ୍ଟ ବୋଲି କୌଣସି ଶବ୍ଦ ନାହିଁ, ତେଣୁ ନାଗରିକମାନେ ଏପରି କଲ୍ ପ୍ରତି ସତର୍କ ରହିବାକୁ କ୍ରାଇମବ୍ରାଞ୍ଚ ସତର୍କ କରାଇଛି।

### ହାତୀ ଘଉଡାଇବା ବେଳେ ଅଘଟଣ

# ଜଣଙ୍କୁ କଚାଡ଼ି ମାରିଲା ଦନ୍ତା

ରାଉରକେଲା, ୨୧।୧ (ସମିସ): ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ବିଶ୍ରା ବନାଞ୍ଚଳରେ ଆଜି ସକାଳେ ହାତୀ ଘଉଡ଼ାଇବା ବେଳେ ଅଘଟଣ ଘଟିଛି। ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ନୂଆଗାଁ ବ୍ଲକ୍ ବାରିଲେପଟା ପଞ୍ଚାୟତ ପାହାଡ଼ଟୋଲି ବସ୍ତିର ଚାଷୀ ଲବ ସିଂ(୪୮)।



ସକାଳ ପ୍ରାୟ ୭ଟାରେ ଗୋଟିଏ ଝାଡ଼ଖଣ୍ଡୀ ଦନ୍ତା ହାତୀ ବାରିଲେପଟା ପାହାଡ଼ଟୋଲି ବସ୍ତିକୁ ପଶି ଆସିଥିଲା। ହାତୀଟି ଗାଁର ଗଙ୍ଗା ସିଂଙ୍କ ଖଳାରେ ଧାନ ଖାଇଥିଲା। ଏହି ସମୟରେ କିଛି ଗ୍ରାମବାସୀ ହାତୀକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ହାତୀଟି ହଠାତ୍ ବୁଲିପଡ଼ି ଲବଙ୍କ ଆଡ଼କୁ ଦ୍ରୁତଗତିରେ ମାଡ଼ି ଆସିଥିଲା। ଲବ ଜୀବନ ବିକଳରେ ଦୌଡ଼ିବା ବେଳେ ତଳେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି ତଳେ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବିଶ୍ରା ବନ ବିଭାଗର ଫରେଷ୍ଟର୍ ପାଉଲୁସ ଓରାମ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀଟିକୁ ସେଠାରୁ ଘଉଡ଼ାଇଥିଲେ। ଅପରପକ୍ଷେ, ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଶ୍ରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲବଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ, ଦୀର୍ଘ ୪ମାସ ହେବ ବିଶ୍ରା ବନାଞ୍ଚଳର ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଲାଗି ରହିଛି। କିନ୍ତୁ ବନ ବିଭାଗ ସେମାନଙ୍କୁ ଘଉଡ଼ାଉ ନଥିବାରୁ ଆଜି ଏହି ଅଘଟଣ ଘଟିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ସାତକୋଶିଆରେ ମାତିଛି ମହାବଳ

### ଖାଇଲା ୨ ବଳଦ ଓ ୨ ଗାଈ

ମହୁଲଡିହା/ଠାକୁରମୁଣ୍ଡା, ୨୧।୧(ସମିସ): ସାତକୋଶିଆରେ ମାତିଛି ମହାବଳ। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳରେ ଗୋଟିଏ ବାଘ ୨ ଦିନରେ ୨ଟି ଗାଈ ଓ ୨ଟି ବଳଦ ମାରି ଖାଇଛି। ଏହାକୁ ନେଇ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଭୟର ବାତାବରଣ ଖେଳି ଯାଇଛି। ବାଘ ଭୟରେ ସଂଧ୍ୟା ହେଲେ ଗାଁରେ ତାଟିକବାଟ ପଡ଼ି ଯାଉଛି।



ସୂଚନା ମୁତାବକ, ଜଙ୍ଗଲର କମ୍ପାଟମେଣ୍ଟ ନମ୍ବର ୧୪ରେ ବାଘଟି ଗତ କିଛି ଦିନ ହେଲା ଘୂରି ବୁଲୁଛି। ଭାଲିଆଡାଳ ଗ୍ରାମର ଖେଜୁରୀ ପୂର୍ତ୍ତିଙ୍କ ଗୋଟିଏ ବଳଦ ଓ ଗୋଟିଏ ଗାଈ, କୃପା ହେମ୍ବ୍ରମଙ୍କ ଗୋଟିଏ ବଳଦ, କାଣ୍ଡେରାମ ଜଙ୍କଙ୍କ ଗୋଟିଏ ଗାଈ ଜଙ୍ଗଲକୁ ଚରିବାକୁ ଯାଇଥିବା ବେଳେ ବାଘ ହାବୁଡ଼ରେ ପଡ଼ିଥିଲେ। ଗୋରୁଗୁଡ଼ିକ ସାଳନ୍ଦୀ ନଦୀ (ବାଲିଦର)କୁ ପାଣି ପିଇବାକୁ ଯାଇଥିବା ବେଳେ ବାଘଟି ସେମାନଙ୍କୁ ଶିକାର କରିଥିଲା। ଏପଟେ ଗୋରୁଗୁଡ଼ିକ ନିଖୋଜ ଥିବାରୁ ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ଜଙ୍ଗଲରୁ ସେମାନଙ୍କ ଅଧାଖିଆ ଶବ ଦେଖି ଆଜି ବନ ବିଭାଗକୁ ଖବର ଦେଇଥିଲେ। ସାତକୋଶିଆ ରେଞ୍ଜର୍ ରବୀନ୍ଦ୍ର ମହାନ୍ତ, ମହୁଲଡିହା ବନପାଳ ବିଶ୍ୱଜିତ ମହାନ୍ତ, ସାତକୋଶିଆ ବନପାଳ ଗୌତମ ମହାନ୍ତ, ବନରକ୍ଷୀ ମକରଧ୍ୱଜ ନାଏକ, ସନତ ମହାନ୍ତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଗୋରୁଗୁଡ଼ିକୁ ମହାବଳ ଶିକାର କରିଥିବା ସେମାନେ ସ୍ପଷ୍ଟ କରିଥିଲେ। ଅପରପକ୍ଷେ, ଏହି ଘଟଣା ଜଣାପଡ଼ିବା ପରେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଭୟର ବାତାବରଣ ଖେଳି ଯାଇଛି। ସଂଧ୍ୟା ପରେ ଘରୁ ନ ବାହାରିବାକୁ କିମ୍ବା ଗାଈଗୋରୁଙ୍କୁ ଜଙ୍ଗଲକୁ ନ ଛାଡ଼ିବାକୁ ବନ ବିଭାଗ ସଚେତନ କରାଇଛି।

# ଢାବାରେ ହାତୀଦାନ୍ତ ମୂଲଚାଲ

### ଗ୍ରାହକ ସାଜି ୨ଜଣଙ୍କୁ କାବୁ କଲା ବନ ବିଭାଗ

ବାରିପଦା,୨୧।୧(ସମିସ): ହାଡ଼କୁ ହାତୀଦାନ୍ତ କହି ବିକିବାକୁ ଗରାଖ ଖୋଜୁଥିଲେ। ବନ ବିଭାଗ ଗ୍ରାହକ ସାଜି ସେମାନଙ୍କୁ ମାଡ଼ି ବସିଲା। ବାରିପଦା ସଦର ଥାନା ଅଧୀନ ବାଲଡ଼ିହା ପଞ୍ଚାୟତରେ ଥିବା ଏକ ଢାବାରୁ ବନ ବିଭାଗ ଦୁଇ ଠକ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ବାରିପଦା ସଦର ଥାନା ଅଧୀନ ବାଲଡିହା ଅଞ୍ଚଳର ପ୍ରଶାନ୍ତ ମାଝୀ (୩୦) ଓ ସୋମନାଥ ନାୟକ(୩୨)। ସେମାନଙ୍କଠାରୁ ବନ ବିଭାଗ ୨ରୁ ୩ ଇଞ୍ଚ ମୋଟେଇ ଏବଂ ୧୦ରୁ ୧୨ଇଞ୍ଚ ଲମ୍ବର ଏକ ହାଡ଼ ଜବତ କରିଛି। ସେମାନେ ତାକୁ ହାତୀର ଦାନ୍ତ ଭଳି ଆକାର ଦେଇଥିଲେ। ତେବେ ହାଡ଼ଟି କେଉଁ ବନ୍ୟପ୍ରାଣୀର ହାଡ଼, ତାହା ଜାଣିବା ପାଇଁ ବନ ବିଭାଗ ତାହାକୁ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଇଛି।

ସୂଚନା ମୁତାବକ, ପ୍ରଶାନ୍ତ ଓ ସୋମନାଥ ଗତକାଲି ଏକ ଢାବାରେ ବସି ହାତୀଦାନ୍ତ ପାଇଁ ମୂଲଚାଲ କରୁଥିଲେ। ପାଖରେ ଦୁର୍ମୂଲ୍ୟ ହାତୀଦାନ୍ତ ଅଛି ବୋଲି କହି ଗ୍ରାହକ ଯୋଗାଡ଼ କରୁଥିଲେ। ଏହି ଖବର ବନବିଭାଗ କାନରେ ପଡ଼ିବା ପରେ ଦୁହିଁଙ୍କୁ ଧରିବା ପାଇଁ ବନ ବିଭାଗ ଜାଲ ବିଛାଇଥିଲା। ସ୍ଥାନୀୟ ପୁଲିସ ସହାୟତାରେ ବନ ବିଭାଗ ଉକ୍ତ ଢାବାରେ ପହଞ୍ଚିଥିଲା। ବନ ବିଭାଗର ଦୁଇ ତିନିଜଣ କର୍ମଚାରୀ ହାତୀଦାନ୍ତ କିଣିବାକୁ ଆଗ୍ରହ ପ୍ରକାଶ କରି ପ୍ରଶାନ୍ତ ଓ ସୋମନାଥ ସହ ଡିଲ୍ କରିଥିଲେ। ଡିଲ୍ ଫାଇନାଲ ହେବା ପରେ ଦୁହେଁ ଏକ ବ୍ୟାଗ୍‌ରୁ ହାଡ଼ ବାହାର କରୁଥିବା ବେଳେ ପାଖରେ ଛକି ରହିଥିବା ପୁଲିସ୍ ଓ ଅନ୍ୟ ବନ କର୍ମଚାରୀମାନେ ସେମାନଙ୍କୁ କାବୁ କରିନେଇଥିଲେ। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ଦୁହେଁ ହାତୀଦାନ୍ତ ନାଁରେ ଏକ ହାଡ଼ ବିକିବାକୁ ଆଣିଥିଲେ। ବନ ବିଭାଗ ସେମାନଙ୍କୁ ଅଧିକ ପଚରାଉଚରା କରି ଅଧିକ ତଦନ୍ତ ଚଳାଇଛି। ଏମାନଙ୍କ ସହ ଆଉ କିଛି ଅଭିଯୁକ୍ତ ଏହି ବେଆଇନ କାରବାରେ ସଂପୃକ୍ତ ଥାଇପାରନ୍ତି ବୋଲି ବନ ବିଭାଗ ସନ୍ଦେହ କରିଛି।

## ୨୦୨୭ ସୁଦ୍ଧା ଦେଢ଼ ଶହ ଜନସଂଖ୍ୟା ଥିବା ସମସ୍ତ ଗାଁକୁ ରାସ୍ତା

ଭୁବନେଶ୍ୱର,୨୧।୧(ସମିସ): ୨୦୨୭ ସୁଦ୍ଧା ଦେଢ ଶହ ଜନସଂଖ୍ୟା ଥିବା ସମସ୍ତ ଗାଁକୁ ରାସ୍ତା ନିର୍ମାଣ ହେବ। ଏହି କ୍ରମରେ ୨୦୨୭ ସୁଦ୍ଧା ୭୫ ହଜାରରୁ ଅଧିକ ରାସ୍ତା ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ୩୦ ହଜାରରୁ ଅଧିକ ରାସ୍ତା ନିର୍ମାଣ ହୋଇଥିବା ବେଳେ ସମୟ ସୀମା ମଧ୍ୟରେ ସମସ୍ତ କାମ ସାରିବାକୁ ଟାର୍ଗେଟ ରଖାଯାଇଛି ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ୯୨ଟି ବ୍ରିଜ୍‌କୁ ଆପ୍ରୋଚ ରାସ୍ତା ନଥିଲା। ସରକାର ଆସିବା ପରେ ୫୦ଟି ବ୍ରିଜ୍ ପାଇଁ ଜମି ଅଧିଗ୍ରହଣ ସରିଲାଣି। ଖୁବଶୀଘ୍ର ବାକି କାମ ମଧ୍ୟ ଶେଷ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଆସନ୍ତା ୩ ମାସରେ ଶତ ପ୍ରତିଶତ ବଜେଟ୍ ଖର୍ଚ୍ଚ କରିବାକୁ ସବୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବଜେଟ ଖର୍ଚ୍ଚ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା କରାଯାଇଛି। ଏହି ସମୀକ୍ଷା ପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ସୁଦ୍ଧା ୫୩ ପ୍ରତିଶତ ବଜେଟ୍ ଖର୍ଚ୍ଚ ସରିଥିବା ବେଳେ ୩ ମାସରେ ଶତ ପ୍ରତିଶତ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରହିଥିବା ମନ୍ତ୍ରୀ କହିଛନ୍ତି।

# ଜନସ୍ୱାର୍ଥ ମାମଲାର ଅପବ୍ୟବହାର ନେଇ ହାଇକୋର୍ଟଙ୍କ ଅସନ୍ତୋଷ

କଟକ,୨୧।୧(ସମିସ): ଜନସ୍ୱାର୍ଥ ମାମଲାର ଅପବ୍ୟବହାର ହେଉଥିବା ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଣେ ସରକାରୀ ଅଧିକାରୀଙ୍କ ବଦଳି ପ୍ରସଙ୍ଗକୁ ଏକ ଜନସ୍ୱାର୍ଥ ମାମଲା ଭାବେ ଦାୟର କରାଯିବାକୁ ନେଇ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରି ୫୦ହଜାର ଟଙ୍କା ତଣ୍ଡ ରାଶି ପଇଠ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଅର୍ଥରାଶିକୁ ତିନି ସପ୍ତାହ ମଧ୍ୟରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିକଟରେ ଜମା କରିବାକୁ କୁହାଯାଇଛି। ଏହି ଜରିମାନା ଅର୍ଥ ରାଜ୍ୟର ଶିଶୁ ସୁଧାର ଗୃହର ଅନ୍ତେବାସୀମାନଙ୍କୁ ଉନ୍ନତ ସୁବିଧା ସୁଯୋଗ ଯୋଗାଇବା ପାଇଁ ବ୍ୟବହାର କରାଯିବ ବୋଲି କୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଏବଂ ଜଷ୍ଟିସ୍ଏ ମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଡକ୍ଟର ଲକ୍ଷ୍ମୀଧର ବିଶ୍ୱାଳ ଓ ଅନ୍ୟମାନଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ବଦଳି ବା ନିଯୁକ୍ତି ହେଉଛି ସରକାରୀ ସେବାର ଏକ ଅଭିନ୍ନ ଅଙ୍ଗ। କେଉଁ ଅଧିକାରୀ କେଉଁଠି ନିଯୁକ୍ତି ପାଇବେ, ତାହା ପ୍ରଶାସନିକ କର୍ତ୍ତୃପକ୍ଷ ସ୍ଥିର କରିବେ। କିଛି ବ୍ୟକ୍ତି ନିଜର ସ୍ୱାର୍ଥ ହାସଲ ପାଇଁ କିମ୍ବା କୌଶଳର ସହ ଜନସ୍ୱାର୍ଥ ମାମଲାର ଆଳ ନେଇ ପ୍ରଶାସନିକ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରୁଛନ୍ତି, ଯାହା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ଖଣ୍ଡପୀଠ। ଆବେଦନକାରୀ ଜଣେ ସରକାରୀ ଅଧିକାରୀଙ୍କ ବଦଳିକୁ ଚ୍ୟାଲେଞ୍ଜ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ ସରକାରୀ ନିୟମ ଅନୁସାରେ ଜଣେ କର୍ମଚାରୀଙ୍କୁ ତାଙ୍କ ନିଜ ଜିଲ୍ଲା ବା ହୋମ-ଟାଉନରେ ନିଯୁକ୍ତି ଦିଆଯାଇପାରିବ ନାହିଁ।

**୫୦ ହଜାର ଟଙ୍କା ତଣ୍ଡ ଗଣିବେ ଆବେଦନକାରୀ**

### କନିଷ୍ଠ ଯନ୍ତ୍ରୀ (ସିଭିଲ) ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା

# ଆବେଦନକାରୀଙ୍କୁ ଓଏସ୍ଏସ୍‌ସିର ବାସନ୍ଦ ହାଇକୋର୍ଟରେ ରଦ୍ଦ

କଟକ, ୨୧।୧(ସମିସ): ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସଏସସି) ଦ୍ୱାରା ପରିଚାଳିତ କନିଷ୍ଠ ଯନ୍ତ୍ରୀ (ସିଭିଲ) ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ପ୍ରଶ୍ନପତ୍ର ଲିକ୍ ବିବାଦ ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଆବେଦନକାରୀ ପରୀକ୍ଷାର୍ଥୀମାନଙ୍କ ବିରୋଧରେ ଓଏସ୍ଏସ୍‌ସି ଜାରି କରିଥିବା ୬ବର୍ଷିଆ ବାସନ୍ଦ ଆଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ସେମାନଙ୍କ ପରୀକ୍ଷାଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୋପାଳକ୍ରିଷ୍ଣ ବେହେରା ଓ ଅନ୍ୟ ୨୮ଜଣଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

୨୦୨୩ ସେପ୍ଟେମ୍ବର ୩ରେ ଅନୁଷ୍ଠିତ ମୁଖ୍ୟ ପରୀକ୍ଷାରେ ଯେଉଁ ଆବେଦନକାରୀମାନେ ଭାଗ ନେଇଥିଲେ ଏବଂ ଯଦି ସେମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇନାହିଁ, ତେବେ ସେମାନଙ୍କ ପରୀକ୍ଷାଫଳ ୨୦୨୬ଜୁନ ସୁଦ୍ଧା ପ୍ରକାଶ କରିବାକୁ ଆୟୋଗକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ସେମାନେ ଯୋଗ୍ୟବିବେଚିତ ହୁଅନ୍ତି, ନିୟମ ଅନୁଯାୟୀ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ଅନ୍ୟପଟରେ, ଯଦି ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ ଶେଷ ହେବା ପରେ ଯଦି କୌଣସି ପରୀକ୍ଷାର୍ଥୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୁଏ, ତେବେ ବାସନ୍ଦ ଆଦେଶ ସ୍ୱୟଂଚାଳିତ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୨୨ ନଭେମ୍ବରରେ ୧୦୦୮ଟି କନିଷ୍ଠ ଯନ୍ତ୍ରୀ (ସିଭିଲ) ପଦବୀ ପାଇଁ ଓଏସ୍ଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୨୦୨୩ ଜୁଲାଇ ୧୬ ତାରିଖରେ ଅନୁଷ୍ଠିତ ମୁଖ୍ୟ ଲିଖିତ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହେବା ପରେ ବାଲେଶ୍ୱରର ସହଦେବଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ କିଛି ପରୀକ୍ଷାର୍ଥୀଙ୍କୁ ତାଳସାରି ବେଳାଭୂମି ନିକଟସ୍ଥ ଏକ ସ୍ଥାନକୁ ନିଆଯାଇ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିଲା। ଏହା ପରେ ଆୟୋଗ ପକ୍ଷରୁ ପୂର୍ବ ପରୀକ୍ଷାକୁ ବାତିଲ କରାଯାଇ ୨୦୨୩ ସେପ୍ଟେମ୍ବର ୩ରେ ପୁଣିଥରେ ମୁଖ୍ୟ ପରୀକ୍ଷା କରାଯାଇଥିଲା। ଏହି ମାମଲାରେ ସଂପୃକ୍ତି ଥିବା ସନ୍ଦେହ କରି ଓଏସଏସ୍‌ସି (ଓଡ଼ିଶା ଷ୍ଟାଫ ସିଲେକ୍ସନ କମିସନ) ଗତ ୨୦୨୫ ମେ' ୧୨ ରେ ଏକ ଆଦେଶ ଜାରି କରି ଆବେଦନକାରୀମାନଙ୍କୁ ୧୬ ଜୁଲାଇ ୨୦୨୩ରୁ ୧୫ଜୁଲାଇ ୨୦୨୯ ପର୍ଯ୍ୟନ୍ତ, ୬ବର୍ଷ ପାଇଁ କୌଣସି ପରୀକ୍ଷାରେ ଅବତୀର୍ଣ୍ଣ ହେବାକୁ ବାରଣ କରିଥିଲା। ଏଥିସହ ସେମାନଙ୍କର ସମସ୍ତ ପରୀକ୍ଷା ଆବେଦନକୁ ରଦ୍ଦ କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ପରୀକ୍ଷାର୍ଥୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଦ୍ୱାରା ଦାଖଲ ହୋଇଥିବା ପ୍ରାଥମିକ ଚାର୍ଜସିଟ୍‌ରେ ସେମାନଙ୍କର ନାମ ନଥିବା ଏବଂ ସେମାନଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରମାଣ ମିଳି ନଥିବା ତଦନ୍ତକାରୀ ଅଧିକାରୀ କହିଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

### ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ବିରୋଧରେ ଗିରଫ ପରୱାନା ପ୍ରସଙ୍ଗ

# ପାଣିରେ ପଡୁଛି ବାର୍ଷିକ ଦେଢ଼ କୋଟି ଦରମା!

ଭୁବନେଶ୍ୱର, ୨୧।୧ (ସମିସ): ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁପାଳନ ନକରିବା ଯୋଗୁଁ ଉଚ୍ଚଶିକ୍ଷା ସଚିବଙ୍କ ନାମରେ ଗିରଫ ପରୱାନା ଜାରି କରିଛନ୍ତି ହାଇକୋର୍ଟ। ଏହାକୁ ନେଇ ପାୱାର୍ କରିଡର୍‌ରେ କମ୍ପନ ସୃଷ୍ଟି ହୋଇଛି। ଉଚ୍ଚଶିକ୍ଷା ବିଭାଗର ଦାୟିତ୍ୱହୀନତା ଓ ବେପାରୁଆ ମନୋଭାବକୁ ଶିକ୍ଷାବିତ୍‌ମାନେ ନିନ୍ଦା କରୁଥିବା ବେଳେ ଆହୁରି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ବିଭାଗ ସମ୍ବନ୍ଧିତ ନ୍ୟାୟିକ ମାମଲା ପରିଚାଳନା ପାଇଁ ସରକାର ୩ଜଣ ଅତିରିକ୍ତ ନିର୍ଦ୍ଦେଶକ (ଆଇନ) ନିଯୁକ୍ତ କରିଥିବା ବେଳେ ଜଣେ ଓଏସ୍‌ଡି, ୧୦ଜଣ ଲିଗାଲ୍ କନସଲଟାଣ୍ଟ ଏବଂ ୩୫ଜଣ ଲିଗାଲ୍ ଟ୍ରେନି ଭାବେ ନିଯୁକ୍ତ ହୋଇଛନ୍ତି। ଏମାନେ ବାର୍ଷିକ ପ୍ରାୟ ଦେଢ଼ କୋଟିରୁ ଅଧିକ ଟଙ୍କା ଦରମା ପାଉଥିବା ବେଳେ କିପରି କାମ କରୁଛନ୍ତି ଯେ ସଚିବଙ୍କ ନାମରେ ଗିରଫ ପରୱାନା ଜାରି ହେଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ଉଚ୍ଚଶିକ୍ଷା ବିଭାଗରେ ଆଇନ ସମ୍ବନ୍ଧୀୟ ମାମଲାର ପରିଚାଳନା କରିବା ପାଇଁ ସରକାରୀ ଭାବେ ୩ଜଣ ଅତିରିକ୍ତ ନିର୍ଦ୍ଦେଶକ (ଆଇନ) ନିଯୁକ୍ତ ହୋଇଛନ୍ତି। ମାମଲା ସଂଖ୍ୟା ଅଧିକ ହେଉଥିବାରୁ ବିଭାଗ ପକ୍ଷରୁ ପ୍ରାୟ ୪୬ଜଣ ଆଇନ ବିଶେଷଜ୍ଞଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଛି। ପ୍ରାୟ ଦେଢ଼ ବର୍ଷ ପୂର୍ବରୁ ଅବସର ନେଇଥିବା ଅତିରିକ୍ତ ନିର୍ଦ୍ଦେଶକ (ଆଇନ) ସୂର୍ଯ୍ୟନାରାୟଣ ମହାପାତ୍ରଙ୍କୁ ଓଏସ୍‌ଡି ଭାବେ ପୁନଃନିଯୁକ୍ତ କରାଯାଇଛି। ସେହିପରି ମାସିକ ପ୍ରାୟ ୫୦ହଜାର ଲେଖାଏଁ ଦରମା ଦେଇ ୧୦ଜଣଙ୍କୁ ଲିଗାଲ୍ କନସଲଟାଣ୍ଟ ଏବଂ ମାସିକ ୨୦ ହଜାର ଟଙ୍କା ଲେଖାଏଁ ଦେଇ ୩୫ଜଣଙ୍କୁ ଲିଗାଲ୍ ଟ୍ରେନି ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତ କରାଯାଇଛି। ଅର୍ଥାତ୍ ଆଇନଗତ ମାମଲା ପରିଚାଳନା ପାଇଁ କେବଳ ଉଚ୍ଚଶିକ୍ଷା ବିଭାଗ ୪୬ଜଣଙ୍କୁ ନିଯୁକ୍ତ କରିଥିବା ବେଳେ ଏଥିପାଇଁ ବାର୍ଷିକ ପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟ କରୁଛି। ମାତ୍ର ଅଦାଲତଙ୍କ ରାୟ ପାଳନ ସଠିକ୍ ସମୟରେ ହୋଇପାରୁନାହିଁ। ଏଣୁ, ଏକାଧିକ ଆବେଦନକାରୀ ପୁଣି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଉଛନ୍ତି। ସରକାର ବିପୁଳ ପରିମାଣର ଅର୍ଥ ବ୍ୟୟ କରୁଥିବା ବେଳେ ଅଦାଲତଙ୍କ ରାୟ ପାଳନ ହୋଇ ନ ପାରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

- ଆଇନଗତ ମାମଲା ପରିଚାଳନା ପାଇଁ ୪୬ ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି
- ଅବସରପ୍ରାପ୍ତଙ୍କୁ ମଧ୍ୟ ଦିଆଯାଇଛି ପୁନଃ ନିଯୁକ୍ତି

ଶିକ୍ଷାବିତ୍ ଓ ଆଇନ ବିଶେଷଜ୍ଞଙ୍କ କହିବା କଥା, ପର୍ଯ୍ୟାପ୍ତ ମାନବସମ୍ବଳ ନିୟୋଜିତ ହୋଇଥିଲେ ମଧ୍ୟ ତଦନୁଯାୟୀ କାର୍ଯ୍ୟ ନହେବା ଦୁର୍ଭାଗ୍ୟଜନକ। ଅଭିଜ୍ଞତା ନ ଥିବା ପିଲାଙ୍କୁ ଲିଗାଲ୍ ଟ୍ରେନି ଭାବେ ନିଯୁକ୍ତି ଦେବା କାରଣରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଏପରିକି, କିଛି କଲେଜ ପିଲାଙ୍କୁ ପାଠପଢ଼ା ସରିବା ପୂର୍ବରୁ ମଧ୍ୟ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ତେଣୁ, ନେଡି ଗୁଡ଼ କହୁଣିକୁ ବୋହିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏବେ ବିଭାଗର ସର୍ବୋଚ୍ଚ ଅଧିକାରୀଙ୍କ ବିରୋଧରେ ଗିରଫ ପରୱାନା ଜାରି ପର୍ଯ୍ୟନ୍ତ କଥା ଗଲାଣି। ବିଭାଗ ତ୍ରୁଟି ନ ସୁଧାରିଲେ ଆଗକୁ ଏପରି ଘଟଣାର ପୁନରାବୃତ୍ତି ଘଟିବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ତପନ କୁମାର ପଟ୍ଟନାୟକ ଓ କ୍ଷୀରୋଦ ପ୍ରସାଦ ସାହୁଙ୍କ ତରଫରୁ ଦାୟର ଦୁଇ ପୃଥକ୍ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ବିରୋଧରେ ଜାମିନଯୋଗ୍ୟ ଗିରଫ ପରୱାନା ଜାରି କରିଛନ୍ତି। ଆସନ୍ତାକାଲି ଅର୍ଥାତ୍ ଗୁରୁବାର ସଚିବଙ୍କୁ ହାଜର କରାଇବା ପାଇଁ ଏହି ଗିରଫ ପରୱାନା ଜାରି କରାଯାଇଛି।

# ୩୦ ଜିଲ୍ଲା ପାଇଁ ୩୦ ଜଳପ୍ରଭାରୀ ନିଯୁକ୍ତ

ଭୁବନେଶ୍ୱର,୨୧।୧(ସମିସ): ରାଜ୍ୟରେ ତୃଣମୂଳସ୍ତରରେ କାର୍ଯ୍ୟାନ୍ୱୟନ ହେଉଥିବା ଜଳସେଚନ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ଶେଷ ହେଉନାହିଁ। ଏହାଦ୍ୱାରା ପ୍ରକଳ୍ପ ଅଟକଳ ରାଶି ବଢ଼ିବଢ଼ି ଯାଉଥିବା ବେଳେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଲ୍ଲାସ୍ତରରେ କାର୍ଯ୍ୟାନ୍ୱୟନ ହେଉଥିବା ପ୍ରକଳ୍ପର ନିରୀକ୍ଷଣ ତଥା ତଦାରଖ ପାଇଁ ବିଭାଗ ପକ୍ଷରୁ ୩୦ ଜିଲ୍ଲା ପାଇଁ ୩୦ ପ୍ରଭାରୀ ନିଯୁକ୍ତ ହୋଇଛନ୍ତି। ସେମାନେ ନିୟମିତ ଜିଲ୍ଲା ଗସ୍ତ କରି ପ୍ରକଳ୍ପ ସମୀକ୍ଷା କରିବେ।

ନିର୍ଦ୍ଦେଶ ଅନୁଯାୟୀ, ଜିଲ୍ଲାପାଳଙ୍କ ଉପସ୍ଥିତିରେ ସମୀକ୍ଷା ବୈଠକରେ ଜଳସମ୍ପଦ ବିଭାଗର ବିଭିନ୍ନ ଶାଖାର ଅଧିକାରୀଙ୍କ ସହ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେଉଥିବା ଅଞ୍ଚଳର ତହସିଲଦାର ଓ ବିଡିଓ ଉପସ୍ଥିତ ରହିବେ। ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେଉଥିବା ଅଞ୍ଚଳରେ ଥିବା ପୁନର୍ବାସ ଓ ଥଇଥାନ କଲୋନୀକୁ ଜଳପ୍ରଭାରୀ ଗସ୍ତ କରିବା ସହ ସେମାନଙ୍କର ପ୍ରତିକ୍ରିୟା ସଂଗ୍ରହ କରିବେ।

ବିଜ୍ଞପ୍ତି ଅନୁଯାୟୀ ଢେଙ୍କାନାଳ ଜିଲ୍ଲା ପାଇଁ ଆଇଏଏସ୍ ନରହରି ସେଠୀଙ୍କୁ ଜଳପ୍ରଭାରୀ ଭାବେ ନିଯୁକ୍ତି ମିଳିଥିବା ବେଳେ ଗଞ୍ଜାମ ପାଇଁ ମୁକୁଳ ବେରା (ସର୍ବୋଚ୍ଚ ଯନ୍ତ୍ରୀ, ପ୍ରକ୍ୟୁୟୋରମେଣ୍ଟ)ଙ୍କୁ ନିଯୁକ୍ତି ମିଳିଛି। ନୟାଗଡ ଜିଲ୍ଲା ପାଇଁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଇ. ସାଗର ମହାନ୍ତି, କେନ୍ଦ୍ରାପଡା ଜିଲ୍ଲା ପାଇଁ ଭକ୍ତ ରଞ୍ଜନ ମହାନ୍ତି(ସର୍ବୋଚ୍ଚ ଯନ୍ତ୍ରୀ, ସ୍କିମ ଓ ମନିଟରିଂ) ନିଯୁକ୍ତ ହୋଇଛନ୍ତି।

# ରୁପାକୁଣ୍ଡରେ ପାନୀୟଜଳ ସମସ୍ୟା ଉତ୍କଟ, ଉପଜିଲ୍ଲାପାଳଙ୍କୁ ଫେରାଦ

ଚମ୍ପୁଆ,୨୧।୧(ସମିସ):

ଚମ୍ପୁଆ ବ୍ଲକ୍ ଉଛବାଲି ପଞ୍ଚାୟତର ପିକ୍‌ନିକ୍‌ସ୍ଥଳୀ ତଥା ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇନଥିବା ଦେବ ସ୍ଥାନ ଭାବେ ପରିଚିତ ରୁପାକୁଣ୍ଡ ଅଞ୍ଚଳରେ ଉତ୍କଟ ପାନୀୟଜଳ ସମସ୍ୟା ଦେଖିବାକୁ ମିଳିଛି। ପାନୀୟଜଳ ସମସ୍ୟା ସହ ଅନ୍ୟାନ୍ୟ ସମସ୍ୟା ନେଇ ଆଜି ମନ୍ଦିର କମିଟି ଉପଜିଲ୍ଲାପାଳଙ୍କ ଠାରେ ଫେରାଦ ହୋଇ ସମାଧାନ ନିମନ୍ତେ ଦାବି କରିଛନ୍ତି। ଅଭିଯୋଗ ଅନୁସାରେ ପୁଣ୍ୟତୋୟା ବୈତରଣୀ ନଦୀ କୂଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ରୂପାକୁଣ୍ଡ ଅବସ୍ଥିତ। ଏହି କୁଣ୍ଡ ଓ ଦେବସ୍ଥାନର ସମ୍ପର୍କ ଖ୍ରିଟିଂ ସହ ରହିଥିବା ଅଞ୍ଚଳବାସୀ କୁହନ୍ତି। ବର୍ଷ ସାରା ଏଠାରେ ବଣଭୋଜି ତଥା ମକର ସମୟରେ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳିଥାଏ। ଏଠାରେ ରୂପେଶ୍ୱର ମହାଦେବ ମନ୍ଦିରରେ ନିୟମିତ ପୂଜା ହୋଇଆସୁଥିବା ବେଳେ ସ୍ଥାନୀୟ ଲୋକ ତଥା ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ। ମାତ୍ର ଏଠାରେ ପାନୀୟଜଳର ସୁବ୍ୟବସ୍ଥା ନଥିବା ବେଳେ ବୈତରଣୀ ନଦୀ ତଟ ଦିନକୁଦିନ ନଦୀରେ ଲିନ ହେବାକୁ ବସିଲାଣି। ଫଳରେ ମନ୍ଦିରର ଭବିଷ୍ୟତକୁ ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକଟ କଲେଣି। ଏହାର ସମାଧାନ ସମେତ ପାନୀୟଜଳର ସୁବ୍ୟବସ୍ଥା ନିମନ୍ତେ ଉପଜିଲ୍ଲାପାଳଙ୍କୁ ଗୁହାରି କରିବା ସହିତ ମନ୍ଦିର କମିଟି ସଭାପତି ଡମ୍ବରୁଧର ନାଏକ, ସମ୍ପାଦକ ଭଳାନାଥ ନାଏକ ଓ ସଦସ୍ୟ ହେମନ୍ତ ନାଏକ, ବୈଶାଖୁ ନାଏକ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଏ ନେଇ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଚମ୍ପୁଆ ବିଡିଓଙ୍କୁ ଅବଗତ କରାଇବା ସହିତ ତୁରନ୍ତ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

# ବଳକା ଧାନ ପାଇଁ ଆସୁନି ଟୋକନ; ବଢ଼ୁଛି ଚାଷୀଙ୍କ ଚିନ୍ତା



ହାଟଡ଼ିହୀ,୨୧।୧(ସମିସ): ଚଳିତବର୍ଷ ସରକାର ଚାଷୀମାନଙ୍କ ଠାରୁ ଉପଯୁକ୍ତ ପରିମାଣର ଧାନ ଉଠାଉ ନଥିବାବେଳେ ଅଳ୍ପ ପରିମାଣର ଟୋକନ୍ ଆସୁଛି। ଫଳରେ ଲୋକେ ବଳକା ଧାନ ବିକ୍ରି ନେଇ ଚିନ୍ତାରେ ପଡ଼ିଛନ୍ତି। ପ୍ରତିଦିନ ସମବାୟ ସମିତିକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ସମବାୟ ସମିତିର କେହି ବି ଅଧିକାରୀ ଏ ନେଇ ସନ୍ତୋଷଜନକ ଉତ୍ତର ଦେଇପାରୁନାହାନ୍ତି। ଜଳକଳଙ୍ଗ ଗ୍ରାମର ଚାଷୀ ମଙ୍ଗୁଲି ଚରଣ ନାୟକଙ୍କ କହିବା ଅନୁଯାୟୀ ତାଙ୍କର ୪୮ କ୍ୱିଣ୍ଟାଲ ଧାନ ବିକିବା ପାଇଁ ଟୋକନ୍ ଆସିବା କଥା। ମାତ୍ର ୨୩ କ୍ୱିଣ୍ଟାଲ ଧାନ ବିକିବାକୁ ଟୋକନ୍ ମିଳିଛି। ଏତେ କମ୍ ପରିମାଣର ଟୋକନ୍ ଆସିବାରୁ ସେ ସଙ୍ଗେ ସଙ୍ଗେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପ୍ରଥମ ପର୍ଯ୍ୟାୟରେ ଏତିକି ଆସିଛି, ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ଟୋକନ୍ ଆସିପାରେ ବୋଲି କହିଥିଲେ। ମାତ୍ର ମାସାଧିକାଳ ଅତିକ୍ରମ କରିବା ପରେ ମଧ୍ୟ ଆଉ ଟୋକନ୍ ଆସୁନି। ତେଣୁ ସେ କିପରି ତାଙ୍କ ବଳକା ଧାନ ବିକିବେ ସେ ନେଇ ଚିନ୍ତାର ଅଛନ୍ତି। ସେହିପରି ହାଟଡ଼ିହୀ, ବଡ଼ରମ୍ପାସ, ଆମ୍ରୋ, ଛେନାପଦି, ବଞ୍ଜୋ ଆଦି ଗ୍ରାମରେ ଅନେକ ଚାଷୀଙ୍କ ଏପରି ସମସ୍ୟା ହୋଇଥିବାବେଳେ ଅନେକ ଚାଷୀଙ୍କ ଆଦୌ ଟୋକନ୍ ଆସିନାହିଁ। ଏ ସମ୍ପର୍କରେ ମରେଇଗାଁ ସମବାୟ ସମିତିର ସମ୍ପାଦକ ଶରତ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅନେକ ଲୋକ ଆମ ପାଖକୁ ଏପରି ଅଭିଯୋଗ ମାନ ଧରି ଆସୁଛନ୍ତି, କିନ୍ତୁ ଆମ ପାଖରେ କୌଣସି ଉତ୍ତର ନଥିବାରୁ ସେମାନେ ନିରାଶ ହୋଇ ଫେରିବାକୁ ବାଧ୍ୟ ହେଉଛନ୍ତି।

# ଲୋକତନ୍ତ୍ର ସେନାନୀ ସଙ୍ଘର ବୈଠକ



ଆନନ୍ଦପୁର,୨୧।୧(ସମିସ):

କେନ୍ଦୁଝର ଜିଲ୍ଲା ଲୋକତନ୍ତ୍ର ସେନାନୀ ସଂଘର ଏକ ସ୍ୱତନ୍ତ୍ର ବୈଠକ ଜିଲ୍ଲା ପ୍ରଭାରୀ ଅଧ୍ୟାପକ ଗଦାଧର ମିଶ୍ରଙ୍କ ବାସଭବନ "ସୋମନୀଡ଼'ରେ ପୂର୍ବତନ ବିଧାୟକ କ୍ଷୀରୋଦ ପ୍ରସାଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନକୁ ରାଜ୍ୟ ଲୋକତନ୍ତ୍ର ସେନାନୀ ସଂଘର ଡେପୁଟି ସେକ୍ରେଟେରୀ ସତ୍ୟନାରାୟଣ ମହାପାତ୍ର ଉଦ୍‌ଘାଟନ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତ୍ୟେକ ବିନ୍ଦୁରେ ଥିବା ସଂଘ ସମସ୍ୟା ସହିତ ପରଲୋକଗତ ସେନାନୀ ସଦସ୍ୟଙ୍କ ପରିବାରକୁ ପେନସନ ପ୍ରଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହିତ ଆନୁସଙ୍ଗିକ ହିନ୍ଦୁ ସଂଗଠନ ମାଧ୍ୟମରେ ହେବାକୁ ଥିବା ବିଶାଳ ଶୋଭାଯାତ୍ରାରେ ସାମିଲ ହେବାପାଇଁ ଜିଲ୍ଲା ଲୋକତନ୍ତ୍ର ସେନାନୀ ସଙ୍ଘ ପକ୍ଷରୁ ଦୃଢ଼ ସମର୍ଥନ ପ୍ରକାଶ ପାଇଥିବାରୁ ସଦସ୍ୟଙ୍କୁ ଶ୍ରୀ ସ୍ୱାଇଁ ଓ ଶ୍ରୀ ମହାପାତ୍ର ଧନ୍ୟବାଦ ପ୍ରଦାନ କରିବା ସହିତ ଏହି ଜନଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଲୋକ ତନ୍ତ୍ର ସେନାନୀ ସଦସ୍ୟ ଅରୁଣ କୁମାର ମିଶ୍ର, ରବୀନ୍ଦ୍ର ପ୍ରସାଦ ଚାନ୍ଦ, ନଗେନ ଚନ୍ଦ୍ର ଚାନ୍ଦ ଓ ନିତ୍ୟାନନ୍ଦ ଦାସ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଧଳା ଜହର କାରବାରରେ ୩ ଗିରଫ



ଯୋଡ଼ା,୨୧।୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା କଣ୍ଡରା ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଧଳାଜହର (ବ୍ରାଉନ୍‌ସୁଗର) କାରବାରରେ ସଂପୃକ୍ତ ୩ଜଣଙ୍କୁ ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲଙ୍କ ସୂଚନା ମୁତାବକ ଇନ୍ସପେକ୍ଟର ଆଲୋକ କୁମାର ପରିଡ଼ା ଏବଂ ସହକର୍ମୀ ମଙ୍ଗଳବାର ସନ୍ଧ୍ୟାରେ କଣ୍ଡରା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବ୍ରାଉନ୍‌ସୁଗର୍ କାରବାର ଖବର ପାଇ ସେଠାରେ ଚଢ଼ଉ କରି ଘଟଣାସ୍ଥଳରୁ କିଛି ବ୍ରାଉନ୍‌ସୁଗର ଜବତ କରିଥିଲେ। ଏଥିସହ ଓଡି ୦୯ ଏଇ-୦୦୮୯ ନମ୍ବର ବିଶିଷ୍ଟ କାର୍, ୩ ଟି ମୋବାଇଲ ଫୋନ ଏବଂ ନଗଦ ୧୮ ହଜାର ୨ଶହ ଟଙ୍କା ଜବତ କରିବା ସହ ଏନ୍‌ଡିପିଏସ୍ ମାମଲା କେସ୍ ନଂ ୨୧/୨୦୨୬ ରୁଜୁକରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ସିଭଗଞ୍ଜ ଜିଲ୍ଲାର ରିଣ୍ଟୁ ଅନସାରୀ (୩୦), ଯୋଡ଼ା ବ୍ଲକ୍ ଗୁଆଲି ଅଞ୍ଚଳର ଦେବବ୍ରତ ବାରିକ (୩୪) ଏବଂ ଲୋଇଡ଼ାପଦା ଅଞ୍ଚଳର ସିରପାଣି ମୁଣ୍ଡା(୩୦)। ତେବେ ଆଗକୁ ତଦନ୍ତ ଜାରି ରହିବା ସହ ଅଞ୍ଚଳରେ ଯୋଡ଼ା ପୁଲିସର ତୀକ୍ଷ୍ଣ ନଜର ରହିଛି ବୋଲି ଯୋଡ଼ା ପୁଲିସ ତରଫରୁ ସୂଚନା ଦିଆଯାଇଛି।

# ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ ୧୮୮୬ ଛାତ୍ରଛାତ୍ରୀ

ଚମ୍ପୁଆ,୨୧।୧(ସମିସ): ଚଳିତବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିବାବେଳେ ଚମ୍ପୁଆ ବ୍ଲକ୍ ଶିକ୍ଷା ବିଭାଗ ଅଧୀନରେ ୧୮୮୬ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବେ ବୋଲି ଜଣାଯାଇଛି। ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚମ୍ପୁଆ ବ୍ଲକ୍‌ରେ ୧୦ଟି ପରୀକ୍ଷା କେନ୍ଦ୍ରରେ ୮୮୦ ଜଣ ଛାତ୍ର ଓ ୧୦୦୬ ଜଣ ଛାତ୍ରୀ ବୋର୍ଡ ପରୀକ୍ଷା ଦେବେ। ଏ ନେଇ ବିଭାଗ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଥିବା ବେଳେ ପରୀକ୍ଷା ସୁଚାରରୂପେ ପରିଚାଳନା ପାଇଁ ଅବ୍‌ଜରଭର୍, ପରୀକ୍ଷା ପରିଚାଳକଙ୍କୁ ନିଯୁକ୍ତ କରାଯାଇଛି। ୧୯ ଫେବୃୟାରୀରୁ ପରୀକ୍ଷା ଆରମ୍ଭ ହୋଇ ୨୧ ମାର୍ଚ୍ଚରେ ଶେଷ ହେବ ବୋଲି ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ନାଏକ ସୂଚନା ଦେଇଛନ୍ତି।

# ପାଗଳ କୁକୁର କାମୁଡ଼ାରେ ୧୨ ଗୁରୁତର





ତୁରୁମୁଙ୍ଗା,୨୧।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଞ୍ଚଳରେ ଏକ ପାଗଳ କୁକୁର ଆତଙ୍କ ଖେଳାଇଛି। ଏହି କୁକୁର କାମୁଡ଼ାରେ ୧୨ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ବୁଧବାର ସକାଳୁ ପାଗଳ କୁକୁର କାମୁଡ଼ାରେ ବେଗନା ଗ୍ରାମର ୭ ଜଣ ଗୁରୁତର ହୋଇଥିବା ବେଳେ ସନ୍ଧ୍ୟାରେ ଆଉ ୫ ଜଣଙ୍କୁ କାମୁଡ଼ି ଲହୁ ଲୁହାଣ କରିଥିଲା। ସେମାନଙ୍କୁ ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ବ୍ୟକ୍ତିମାନେ ହେଲେ ପାଟଣାଥାନା ବେଗନା ଗ୍ରାମର ସିଲୁ ନାଏକ(୩୦), କ୍ରିସ୍ ନାଏକ (୫), ଦିବ୍ୟ ସେଠୀ (୨୦), ଦୈତାରୀ ମହାନ୍ତ (୪୦), ବନିତା ସେଠୀ(୨୫), ସାଇ ଶ୍ରଦ୍ଧା ସେଠୀ(୩), ବର୍ଷାରାଣୀ ମହାନ୍ତ(୨୦)। ସେହିପରି ଅସନପାଟ ଗ୍ରାମର ନିରଞ୍ଜନ ଗିରି (୨୧), ପାଟଣାର ଅଜିତ ମୁଣ୍ଡା (୧) ଓ ଭାଲିଆଡାଳ ଗ୍ରାମର ଶକୁନ୍ତଳା ମହାନ୍ତ (୨୭), ନୂଆପଡ଼ା ଗ୍ରାମର ପପୁନ ନାଏକ (୭), ମଲ୍ଲିପଶି ଗ୍ରାମର ହିମାଂଶୁ ଶେଖର ବିଶ୍ୱାସ (୬୦) ଗୁରୁତର ହୋଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି।

# ଗୟଳମୁଣ୍ଡା ବିଦ୍ୟାଳୟରେ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର,୨୧।୧(ସମିସ): ଗୟଳମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଶୁଭ୍ରାଂଶୁ ଶେଖର ମିଶ୍ର ଆନନ୍ଦପୁର ଉପଖଣ୍ଡସ୍ତରୀୟ କ୍ୱିଜ୍ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବାରୁ ବିଦ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରେଣୀ ଶିକ୍ଷକ ଦୁର୍ଯ୍ୟୋଧନ ମହାନ୍ତଙ୍କ ସହିତ ଅନ୍ୟ ଶିକ୍ଷକମାନଙ୍କର ନିଷ୍ଠାପର ମାର୍ଗଦର୍ଶନ ଫଳରେ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗନେବାକୁ ସାହସ ଓ ପ୍ରେରଣା ପାଉଛନ୍ତି। ବିଦ୍ୟାଳୟର ପ୍ରାୟ ସମସ୍ତ ପ୍ରତିଯୋଗିତାରେ ସକ୍ରିୟ ଭାଗନେଇ କୃତକାର୍ଯ୍ୟ ହେଉଥିବାରୁ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ଉତ୍ସାହ ବୃଦ୍ଧି ପାଇଛି। ଆଦିବାସୀ ଅଞ୍ଚଳରେ ଅବସ୍ଥିତ ଏହି ବିଦ୍ୟାଳୟ ପ୍ରତିଭା ଅନ୍ୱେଷଣରେ ଲଗାତାର ସଫଳତା ପାଇଁ ପଞ୍ଚାୟତବାସୀ ଓ ଅଭିଭାବକମାନେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସମସ୍ତ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା

ଆନନ୍ଦପୁର,୨୦।୧(ସମିସ):



କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, କେନ୍ଦୁଝର ଆନୁକୂଲ୍ୟରେ ଆନନ୍ଦପୁର ଷ୍ଟାଡିୟମ ପରିସରରେ ତିନିଦିନିଆ "ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ହାଟଡିହୀ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଘସିପୁରା ଜିଲ୍ଲା ପରିଷଦ (ଜୋନ୍ ନଂ ୧୨) ସଭ୍ୟ ସଂଜୀବ କୁମାର ମଲ୍ଲିକ ଏବଂ ଜୋନ୍ ନଂ ୨ ଜିଲ୍ଲା ପରିଷଦ ସଭ୍ୟ ଜିତେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରି କୃଷି କ୍ଷେତ୍ରରେ ଉନ୍ନତି ଆଣିବାକୁ ପରାମର୍ଶ ଦେଇଥିଲେ। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଏବଂ ଉତ୍ତରାଞ୍ଚଳ ସମ୍ବଲପୁରର କୃଷି ଅଧିକ୍ଷଣ ଯନ୍ତ୍ରୀ ଇଂ. ନରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ସରକାରୀ ଯୋଜନା ଓ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାରର ଉନ୍ନତ କୃଷି ଯନ୍ତ୍ରପାତି ଯଥା- ଡ୍ରୋନ୍, ଟ୍ରାକ୍ଟର, ହାରଭେଷ୍ଟର ଏବଂ ସିଞ୍ଚନ ଯନ୍ତ୍ରର ପ୍ରଦର୍ଶନୀ କରାଯାଇଥିଲା। ଏହି ମେଳାରେ ଯନ୍ତ୍ରପାତିଗୁଡ଼ିକ ରିହାତି ଦରରେ ବିକ୍ରୟ ପାଇଁ ଉପଲବ୍ଧ କରାଯାଇଛି। କୃଷି ଜିଲ୍ଲା ଅଧିକାରୀ ଶ୍ରୀ ନୀଳମାଧବ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ କୃଷି ଅଧିକାରୀ ଜୟନ୍ତ କୁମାର ଦାଶ (ଆନନ୍ଦପୁର), ଶୁଭଶ୍ରୀ ନାୟକ (ଘସିପୁରା), ଭମାଞ୍ଜରୀ ମହାନ୍ତ (ହାଟଡିହୀ), ପରିଚାଳକ ହରିଓଁ ପାଣିଗ୍ରାହୀ ଏବଂ କୃଷିକର୍ମଚାରୀ ଅମିୟ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଫଳ ଚାଷୀଙ୍କୁ ସମ୍ମାନ ଓ କୃଷି ପୁରସ୍କାର ପ୍ରଦାନ କରାଯାଇଥିଲା। ଡିଜିଟାଲ ଫସଲ ସର୍ବେକ୍ଷଣ ଓ କୃଷକ ପଞ୍ଜୀକରଣ ଚାଷୀଙ୍କୁ ବୈଷୟିକ ଜ୍ଞାନକୌଶଳ ଶିକ୍ଷା ପାଇଁ ସ୍ୱତନ୍ତ୍ର ପାଠଶାଳା ଓ ଆଲୋଚନାଚକ୍ର ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତଏହି ମେଳା ଆସନ୍ତା ଜାନୁୟାରୀ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଞ୍ଚଳର ସମସ୍ତ ଚାଷୀ ଭାଇଭଉଣୀମାନେ ଏହି ମେଳାରେ ଯୋଗଦେଇ କୃଷି ଯନ୍ତ୍ରପାତି ଓ ସରକାରୀ ସୁବିଧା ସୁଯୋଗର ଲାଭ ଉଠାଇବାକୁ କୃଷି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ମେଳାରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ବିକ୍ରୟ ହେଉଛି। ଆନନ୍ଦପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରିୟଦର୍ଶିନୀ ନାୟକ ଏ ନେଇ ସୂଚନା ଦେଇଛନ୍ତି।

# ଆନନ୍ଦପୁର ପୌରପାଳିକା ପକ୍ଷରୁ 'ବନ୍ଦେ ମାତରମ୍' ଉତ୍ସବ

ଆନନ୍ଦପୁର,୨୧।୧(ସମିସ): ଆନନ୍ଦପୁର ପୌରପାଳିକା ପକ୍ଷରୁ ରାଷ୍ଟ୍ରଗୀତ "ବନ୍ଦେମାତରମ୍'ର ୧୫୦ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି ଗୀତର ସାମୂହିକ ଗାନ ଉତ୍ସବ ଆନନ୍ଦପୁର ପୌରପାଳିକା ପକ୍ଷରୁ କଲ୍ୟାଣ ମଣ୍ଡପଠାରେ ରାଜଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଯୋଗଦେଇ ଦେଶାତ୍ମବୋଧ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ଅଧ୍ୟକ୍ଷତାରେ ସାଂସଦ ପ୍ରତିନିଧି ରାମଚନ୍ଦ୍ର ସାହୁ,



ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ଡିଏମ୍‌ଏମ୍ ରାକେଶ ମଲିକ, କାଉନ୍‌ସିଲର ସନତ କର, ସମ୍ବିତ ଦାସ, କୃଷ୍ଣ ରଣା, ନିବେଦିତା ବେହେରା, ଲିନାରାଣୀ ସାହୁ, ସୁପ୍ରିୟା ମିଶ୍ର ଜ୍ୟୋସ୍ନାରାଣୀ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୌରପାଳିକା ସ୍ୱଚ୍ଛସାଥି ସଂଗୀତା ଦଳେଇ ପ୍ରିୟଙ୍କା ଭଞ୍ଜ କବିତା ରାଜ ରଞ୍ଜିତା ବେହେରା, ସତ୍ୟଭାମା ସାହୁ, ଜୟନ୍ତୀ ସେନାପତି, ମିନତୀ ବାରିକ, ସଂଯୁକ୍ତା ସେନ, ସରୋଜିନୀ ଜେନା ପ୍ରମୁଖ ସହଯୋଗ କରିଥିଲେ। କର୍ମଚାରୀ ତୁଷାରକାନ୍ତ ରଣା, ଧନୁର୍ଜୟ ଦାଶ, ଶୁଭକାନ୍ତ ଜେନା, ଅଂଶୁମାନ ପାଢ଼ୀ, ଏସ୍କେ. ଶାହାବାଜ ଆଲାମ, ଭାଗୀରଥି ଦାଶଙ୍କ ସହ ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

## ଖଣି ଅଞ୍ଚଳରେ ନିଆରା ପଦକ୍ଷେପ

# ଷ୍ଟ୍ରବେରୀ ଚାଷ କରି ଉଦାହରଣ ପାଲଟିଛନ୍ତି ଗଙ୍ଗାଧର

କେନ୍ଦୁଝର/ଯୋଡ଼ା,୨୧।୧(ସମିସ):



କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳର ଲାଲ ମାଟିରେ ଚାଷର ନୂଆ ଅଧ୍ୟାୟ ଆରମ୍ଭ କରିଛନ୍ତି ଚମକପୁର ପଞ୍ଚାୟତ ଅଧୀନ ରେଭେନ୍ସାପୁର (କ) ଗାଁର ଗଙ୍ଗାଧର ମୁଣ୍ଡା। ସ୍ଥାନୀୟ ବୃଦ୍ଧାଶ୍ରମ ନିକଟସ୍ଥ ସୁନା ନଦୀ କୂଳରେ ଆଧୁନିକ ପଦ୍ଧତିରେ ଚାଷ କରି ସଫଳତାର ନୂଆ କାହାଣୀ ଲେଖିଛନ୍ତି ଗଙ୍ଗାଧର। ଟାଟା ଷ୍ଟିଲ୍ ଫାଉଣ୍ଡେସନ ସହଯୋଗ ଫଳରେ ପ୍ରାକୃତିକ ପଦ୍ଧତିରେ ଚାଷ କରି ଆଜି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ୨୦୨୦ ମସିହାରେ ଏକ ସରକାରୀ ପ୍ରକଳ୍ପ ପାଇଁ ନିଜ ଜମି ହରାଇବା ପରେ ଗଙ୍ଗାଧର ଯୋଡ଼ା ଅଞ୍ଚଳକୁ ଆସିଥିଲେ। ଜମିହରା ପରିବାରର ଅଧିକାଂଶ ଲୋକ ଖଣିରେ ଶ୍ରମିକ ଭାବେ କାମ କରୁଥିବା ବେଳେ ଗଙ୍ଗାଧର କିନ୍ତୁ ପିଲାଦିନର ସ୍ୱପ୍ନକୁ ସାକାର କରିବା ପାଇଁ ଲାଗିପଡ଼ିଥିଲେ। ସ୍କୁଲରେ ପାଠ ପଢ଼ିବା ବେଳେ ସେ ଯେତେବେଳେ କହୁଥିଲେ ମୁଁ "କୃଷକ' ହେବି, ସେତେବେଳେ ଅନ୍ୟମାନେ ତାଙ୍କ କଥାକୁ ହସରେ ଉଡ଼ାଇ ଦେଉଥିଲେ। ହେଲେ ସେହି ସ୍ୱପ୍ନକୁ ବାସ୍ତବ ରୂପ ଦେବାକୁ ଅଣ୍ଟା ଭିଡ଼ିଥିଲେ ଗଙ୍ଗାଧର।

ସ୍ଥାନୀୟ ଜମି ମାଲିକମାନଙ୍କ ସହଯୋଗରେ ପଡ଼ିଆ ପଡ଼ିଥିବା ଚାରି ଏକର ଜମିକୁ ଉଦ୍ଧାର କରି ସେଠାରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଜମି ମାଲିକଙ୍କୁ ବୁଝାଇବା ଓ ସେ ମାଟିରେ କିଭଳି ଚାଷ କରାଯାଇପାରିବ ଜାଣିବାକୁ ୩ ମାସ ସମୟ ଲାଗିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ରାସାୟନିକ ସାର ବ୍ୟବହାର ପରେ ମାଟିର ଉର୍ବରତା ହ୍ରାସ ପାଉଥିବା ଦେଖି ଗଙ୍ଗାଧର ଚିନ୍ତିତ ଥିଲେ। ଏହି ସମୟରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ତାଙ୍କୁ ସହାୟତାର ହାତ ବଢ଼ାଇଥିଲା। ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ମଲ୍‌ଚିଂ ବୀଜାମୃତ ଏବଂ ଜୀବାମୃତ ଭଳି ପ୍ରାକୃତିକ ଚାଷ ପ୍ରଣାଳୀ ବାବଦରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାଦ୍ୱାରା ଚାଷ ଖର୍ଚ୍ଚ କମିବା ସହ ଅମଳ ମଧ୍ୟ ବୃଦ୍ଧି ପାଇଲା।

ଜମିରେ ବିଭିନ୍ନ ପ୍ରକାରର ପନିପରିବା, ଶାଗ ଏବଂ ପିଜୁଳି, ଅମୃତଭଣ୍ଡା ଭଳି ଫଳ ଚାଷ କରିବା ସହ ଷ୍ଟ୍ରବେରୀ ଚାଷ କରି ଗଙ୍ଗାଧର ସମସ୍ତଙ୍କୁ ଚକିତ କରିଦେଇଛନ୍ତି।

ବିଗତ ତିନିବର୍ଷ ଧରି ଏହି ଜମିରେ ଷ୍ଟ୍ରବେରୀ ଚାଷ କରିଆସୁଥିବା ଗଙ୍ଗାଧର କହନ୍ତି "ଷ୍ଟ୍ରବେରୀ ଏକ ଲାଭଦାୟକ ଚାଷ ଓ ଏ ଅଞ୍ଚଳର ଜଳବାୟୁ ଦେଖି ମୁଁ ପ୍ରଥମେ ଆଶଙ୍କାରେ ଥିଲି, କିନ୍ତୁ ଚାଷ କଲାପରେ ଜାଣି ପାରିଲି ଏହି ଚାଷ ମଧ୍ୟ ଏଭଳି ଜାଗାରେ ହୋଇ ପାରିବ। ଏହା ମୋତେ ପ୍ରେରଣା ମଧ୍ୟ ଦେଇଛି ଆଗକୁ ଅଧିକରୁ ଅଧିକ ଚାଷ କରିବା ପାଇଁ। ଏ ସମସ୍ତ ସହାୟତା ଏବଂ ମାର୍ଗଦର୍ଶନ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନକୁ ଦେସ ଧନ୍ୟବାଦ ଦେଇଛନ୍ତି। ସେ ଏହି ଷ୍ଟ୍ରବେରୀ ଚାଷରୁ ବାର୍ଷିକ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ପାଆନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ପଲିହାଉସ୍, ବିହନ ଏବଂ ବୈଷୟିକ ପରାମର୍ଶ ବଳରେ ସେ ମାସିକ ପ୍ରାୟ ୨୬ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ଖଣି ଗୁଣ୍ଡରୁ ଫସଲକୁ ସୁରକ୍ଷା ଦେବା ପାଇଁ ସେ ଡ୍ରିପ୍ ଇରିଗେସନ୍ ଏବଂ ସ୍ପ୍ରିଙ୍କଲର ବ୍ୟବହାର କରୁଛନ୍ତି। ଚାଷ ପାଇଁ ଆଗ୍ରହୀ ଥିବା ଆଖପାଖ ଅଞ୍ଚଳର ଅନେକ ଲୋକ ଗଙ୍ଗାଧରଙ୍କ ଫସଲ ଜମି ବୁଲି ଦେଖିବା ସହ ତାଙ୍କଠାରୁ ପ୍ରାକୃତିକ ଚାଷ ପ୍ରଣାଳୀ ସମ୍ପର୍କରେ ପଚାରି ବୁଝୁଛନ୍ତି। ଖଣିର ଛାଇ ତଳେ ଗଙ୍ଗାଧର ବୁଣିଥିବା ଏହି ସବୁଜ ସ୍ୱପ୍ନ ଆଜି ସାରା କେନ୍ଦୁଝର ଜିଲ୍ଲାର ଚାଷୀଙ୍କୁ ଏକ ନୂଆ ଦିଗ ଦେଖାଇଛି। ଗଙ୍ଗାଧରଙ୍କ ସଫଳତା ସମ୍ପର୍କରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଯୋଡ଼ା ଇମ୍ପାକ୍ଟ କ୍ଲଷ୍ଟର୍ ମୁଖ୍ୟ ରବୀନ୍ଦ୍ର କୁମାର କହିଛନ୍ତି, "ଗଙ୍ଗାଧରଙ୍କ ସଫଳତା ପ୍ରମାଣ କରିଛି ଯେ, ସଠିକ୍ କୌଶଳ ଏବଂ ସହଯୋଗ ମିଳିପାରିଲେ ପ୍ରତିକୂଳ ପରିବେଶରେ ମଧ୍ୟ କୃଷିକୁ ଜୀବିକା ଭାବେ ଗ୍ରହଣ କରାଯାଇପାରିବ।

# ଜିତୁ ଦାଶଙ୍କୁ 'ନୃତ୍ୟ ଗରିମା' ସମ୍ମାନ



ଆନନ୍ଦପୁର,୨୧।୧(ସମିସ): ଭୁବନେଶ୍ୱରସ୍ଥିତ ମା'ବୈଷ୍ଣୋଦେବୀ ମହିଳା ସମିତିର ୧୫ତମ ବାର୍ଷିକ ଉତ୍ସବ ସିଆର୍‌ପି ରେଣ୍ଟାର କଲୋନୀରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୀଣାପାଣି କଳାନିକେତନର ନୃତ୍ୟ ଗୁରୁ ଜିତୁ ଦାଶଙ୍କୁ ନୃତ୍ୟ ଗରିମା ସମ୍ମାନରେ ସମ୍ମାନିତ କରାଯାଇଛି। ସମ୍ମାନିତ ଅତିଥି ରୂପେ କର୍ପୋରେଟର ପିଙ୍କି ସ୍ୱାଇଁ ଓ ସମ୍ପାଦିକା ଜାନକୀ ସାହୁ ଯୋଗ ଦେଇଥିଲେ। ଓଡ଼ିଶା ତଥା ଓଡ଼ିଶା ବାହାରେ ବହୁ ପ୍ରତିଷ୍ଠିତ ମଞ୍ଚରେ ନୃତ୍ୟାଭିନୟ ନିର୍ଦ୍ଦେଶନା ତଥା ନୃତ୍ୟ ପରିବେଷଣ କରିଥିବାରୁ କର୍ପୋରେଟର ପିଙ୍କି ସ୍ୱାଇଁ, ଜାନକୀ ସାହୁ ଓ ମହିଳାସମିତିର ସଦସ୍ୟ ନୃତ୍ୟ ଗୁରୁଙ୍କୁ ନୃତ୍ୟ ଗରିମା ସମ୍ମାନରେ ସମ୍ମାନିତ କରିଥିଲେ। ଶେଷରେ କଟକର ନୃତ୍ୟ ଗୁରୁ ଡ. ଶୁଭଲକ୍ଷ୍ମୀ ଦାସଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶୁଭ୍ରାଂଶୁ ପଟ୍ଟନାୟକ।

## ଟ୍ରାନ୍ସଫର୍ମର ଯନ୍ତ୍ରାଂଶ ଚୋରି

ରାଇରଙ୍ଗପୁର,୨୧।୧ (ସମିସ): ବାଦାମପାହାଡ଼ ଥାନା ଅଞ୍ଚଳର ଦୁଇଟି ସ୍ଥାନରୁ ଟ୍ରାନ୍ସଫର୍ମର ଯନ୍ତ୍ରାଂଶ ଚୋରି ହୋଇଛି। ଏ ନେଇ ଟିପିଏନଓଡିଏଲ କୁସୁମୀ ବିଦ୍ୟୁତ୍ ସେକ୍ସନ ପରିଚାଳକ ପ୍ରମୋଦ ଦାସ ବାଦାମପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ଲାଇନମ୍ୟାନ ଓ ଅନ୍ୟ କର୍ମଚାରୀ ପଢ଼ିଆ ଓ ବାଦାମପାହାଡ଼ ଅଞ୍ଚଳର ଗ୍ରାମକୁ କାର୍ଯ୍ୟ କରିବାକୁ ଯାଇଥିଲେ। ୨୫ କେଭିର ଟ୍ରାନ୍ସଫର୍ମର କୋର ଓ ଯନ୍ତ୍ରାଂଶ ସାମଗ୍ରୀ ଚୋରି ହୋଇଥିବା ଜାଣି ତାଙ୍କୁ ଜଣାଇଥିଲେ। ଫଳରେ ଉକ୍ତ ଅଞ୍ଚଳର ଶହ ଶହ ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ରହିଛନ୍ତି। ଦୁଇଟି ସ୍ଥାନରୁ ଚୋରି ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏ ନେଇ ବାଦାମପାହାଡ଼ ଥାନାରେ ଦୁଇଟି ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ସିଦ୍ଧାର୍ଥଙ୍କ ପାଇଁ ବେତନଟୀ ଗର୍ବିତ

ବେତନଟୀ,୨୧।୧(ସମିସ): ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ରମାକାନ୍ତ ସିଂହ ଓ ମିନତୀ ସିଂହଙ୍କ ପୁତ୍ର ଡ. ସିଦ୍ଧାର୍ଥ ସିଂହ ଗୁଜରାଟର ଅହମ୍ମଦାବାଦ ବିଜେ ମେଡିକାଲ କଲେଜସ୍ଥ ୟୁଏନ ମେହେଟା କାର୍ଡିଆକ୍ ରିସର୍ଚ୍ଚ ସେଣ୍ଟରରୁ କାର୍ଡିଆକ୍ ଆନାସ୍ଥେସିଆରେ ଡି.ଏମ. (ଡକ୍ଟରେଟ୍ ଅଫ ମେଡିସିନ) ଡିଗ୍ରୀ ହାସଲ କରିଛନ୍ତି। ପ୍ରଫେସର ମୃଗେଶ ପ୍ରଜାପତିଙ୍କ ତତ୍ତ୍ୱାବଧାନରେ ତିନିବର୍ଷ ଅଧ୍ୟୟନ ଓ ଗବେଷଣା କରି ସେଏହିଡିଗ୍ରୀଲାଭକରିସହକାରୀଅଧ୍ୟାପକଓଗବେଷକଭାବେସେଠାରେଯୋଗଦେଇ ବେତନଟୀକୁ ଗର୍ବିତ କରିଛନ୍ତି। ଏହି ୧୨୫୧ ଶଯ୍ୟା ବିଶିଷ୍ଟ ହୃଦ୍‌ରୋଗ ଗବେଷଣା ପ୍ରତିଷ୍ଠାନ ଭାରତର ସର୍ବବୃହତ୍ ଓ ବିଶ୍ୱର ଦ୍ୱିତୀୟ ହୃଦ୍ ଗବେଷଣା କେନ୍ଦ୍ର ମାନ୍ୟତା ଲାଭ କରିଛି। ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସିଦ୍ଧାର୍ଥ ଚେନ୍ନାଇ ସରକାରୀ ଷ୍ଟାନ୍ ମେଡିକାଲ କଲେଜରୁ ଏମବିବିଏସ୍ ଡିଗ୍ରୀ, ସିଏମସି ଲୁଧିଆନାରୁ ସ୍ନାତକୋତ୍ତର ଡିଏଓ ମ୍ୟାକୁ, ବିଏଲ କପୁର କର୍ପୋରେଟ ହସ୍‌ପିଟାଲ ନୂଆଦିଲ୍ଲୀରୁ ଡିଏନବି ଡିଗ୍ରୀ ହାସଲ କରି ମୟୂରଭଞ୍ଜର ଗୌରବ ବୃଦ୍ଧି କରିଛନ୍ତି।

## ସରିଲା ବୀରେଶ୍ୱରପୁର ନାଏବ ସରପଞ୍ଚ ନିର୍ବାଚନ

ବଡସାହି,୨୧।୧(ସମିସ): ବଡ଼ସାହି ବ୍ଲକ୍ ଅଧୀନ ବିରେଶ୍ୱରପୁର ପଞ୍ଚାୟତରେ ରାଜନୈତିକ ବିବାଦ ଥମିବାର ନାମ ଧରୁନି। ପ୍ରଥମେ ଏହି ପଞ୍ଚାୟତର ନାଏବ ସରପଞ୍ଚଙ୍କ ବିରୋଧରେ ଅନସ୍ଥା ଅଣାଯାଇଥିବାବେଳେ ପରେ ପୁଣି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଅଣାଯାଇଥିଲା। ଯେଉଁଥିରେ କି ଉଭୟ ନିଜର ବହୁମତ ସାବ୍ୟସ୍ତ କରି ନ ପାରି ପରାସ୍ତ ହୋଇଥିଲେ। ଫଳରେ ପଞ୍ଚାୟତର ଉନ୍ନୟନମୂଳକ କାମ ବହୁ ମାତ୍ରାରେ ବାଧାପ୍ରାପ୍ତ ହୋଇଥିଲା। ଜଣେ ୱାର୍ଡ ମେମ୍ବର ଲିଳିମଣୀ ସିଂଙ୍କୁ ଅସ୍ଥାୟୀ ସରପଞ୍ଚ ଦାୟିତ୍ୱ ଦେଇ କାମ ଚଳାଯାଉଥିଲା। ମାତ୍ର ସରକାରଙ୍କ ନିର୍ଦ୍ଦେଶ ଓ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନାଏବ ସରପଞ୍ଚ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଂଚାୟତର ୧୨ଟି ୱାର୍ଡରୁ ୧୦ ଜଣ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୧୦ ନମ୍ବର ୱାର୍ଡ ମେମ୍ବର ସୁବ୍ରତ ରାଉତ ଏକାକୀ ନାମାଙ୍କନପତ୍ର ଦାଖଲ କରିଥିଲେ। ଫଳରେ ସେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାଯାଇଛି। ବିଡିଓ ବନଜା ଦାସ ନିର୍ବାଚନ ଅଧିକାରୀ ଥିବାବେଳେ ଜିପିଓ ଅବିନାଶ ପଣ୍ଡା ଓ ପିଇଓ ମହାନ୍ତ ଏହି ନିର୍ବାଚନ ପରିଚାଳନା କରିଥିଲେ। ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ପାଇଁ ବଡସାହି ପୁଲିସ ମୁତୟନ ଥିଲେ।

## ଆଜି ବାଦାମପାହାଡ଼-ଟାଟାନଗର ମେମୁ ଟ୍ରେନ୍ ବାତିଲ

ରାଇରଙ୍ଗପୁର,୨୧।୧(ସମିସ): ମରାମତି କାମ ପାଇ: ବାଦାମପାହାଡ଼-ଟାଟାନଗର ମେମୁ ଟ୍ରେନ ଗୁରୁବାର ସାମୂହିକ ବନ୍ଦ ରହିବ। ଏନେଇ ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ବିଜ୍ଞପ୍ତି ଯୋଗେ ସୂଚନା ପ୍ରଦାନ କରାଯାଇଛି। ଚକ୍ରଧରପୁର ରେଳ ରୁଟରେ ମରାମତି କାର୍ଯ୍ୟ ନିମନ୍ତେ ଗୋଟିଏ ଦିନ ନିମନ୍ତେ ଟ୍ରେନ ବାତିଲ କରାଯାଇଛି। ବାଦାମପାହାଡ଼-ଟାଟାନଗର ମେମୁ ଟ୍ରେନ ଗୁରୁବାର ବନ୍ଦ ରହିବ। ମରାମତି କାର୍ଯ୍ୟ ଶେଷ ହେବା ପରେ ଶୁକ୍ରବାରଠାରୁ ପୂର୍ବଭଳି ଟ୍ରେନ ଚଳାଚଳ ସ୍ୱାଭାବିକ ହେବ ବୋଲି ସୂଚନା ମିଳିଛି। ସମସ୍ତ ଯାତ୍ରୀଙ୍କ ସହଯୋଗ ନିମନ୍ତେ ରେଳବାଇ ପକ୍ଷରୁ ନିବେଦନ କରାଯାଇଛି।

## ବେତନଟୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ବେତନଟୀ, ୨୧।୧(ସମିସ): ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ବେତନଟୀ ମହାବିଦ୍ୟାଳୟର ସ୍ମାର୍ଟ୍ କ୍ଲାସ୍‌ରୁମରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ଅତିଥି ଭାବେ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ, ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ କଳ୍ପଲତା ବେହେରା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପିକା ଶ୍ରୀମତୀ ବାଲିମଣି ସିଂ, ବାଣିଜ୍ୟ ବିଭାଗ ଅଧ୍ୟାପିକା ମନୀଷାରାଣୀ ଅଗ୍ରୱାଲ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ପ୍ରଶିକ୍ଷିକା ସରୋଜିନୀ ସିଂ ଓ ନମିତା ନାଏକ ଉପସ୍ଥିତ ରହି ପ୍ରଶିକ୍ଷଣ କୌଶଳ ସମ୍ପର୍କରେ ଅବଗତ କରାଇଥିଲେ। ଶିବିରରେ ୧୩୫ ଜଣ ଛାତ୍ରୀ ଯୋଗ ଦେଇଛନ୍ତି। ସାଂପ୍ରତିକ ସମାଜରେ ଏହାର ଉପଯୋଗିତା ସମ୍ପର୍କରେ ଅଧ୍ୟକ୍ଷ ଉପସ୍ଥିତ ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଅଧ୍ୟାପିକା ଭାନୁପ୍ରିୟା ମାଝୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ରାଇରଙ୍ଗପୁରରେ ଚାଲିଛି କଳିଙ୍ଗ ହର୍ବାଲ ମେଳା

# ଶୀତୁଆ ସନ୍ଧ୍ୟାରେ ଜମୁଛି ଲୋକଙ୍କ ଭିଡ଼

■ ହାତପାହାନ୍ତାରେ ମିଳୁଛି ପ୍ରକୃତିଜାତ ଦ୍ରବ୍ୟ ■ ଜଡ଼ିବୁଟି କିଣିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ

ରାଇରଙ୍ଗପୁର,୨୧।୧(ସମିସ)





ରାଇରଙ୍ଗପୁର କଚେରୀ ଷ୍ଟାଡ଼ିୟମ ପରିସରରେ କଳିଙ୍ଗ ହର୍ବାଲ ମେଳା ଚାଲିଛି। ଶୀତୁଆ ସନ୍ଧ୍ୟାରେ ମେଳାରେ ଲୋକଙ୍କ ଭିଡ଼ ଜମୁଛି। ଏହି ମେଳା ମାଧ୍ୟମରେ ଜଡ଼ିବୁଟି, ପ୍ରାକୃତିକ ଔଷଧ ଓ ପ୍ରକୃତିଜାତ ଦ୍ରବ୍ୟ ଭଳି ବହୁ ମୂଲ୍ୟବାନ ଜିନିଷକୁ ହାତପାହାନ୍ତାରେ ଲୋକେ ପାଉଥିବାବେଳେ କିଣିବା ସୁଯୋଗ ହାତଛଡା କରୁନାହାଁନ୍ତି। ଆୟୁର୍ବେଦ ଚିକିତ୍ସା ଓ ଔଷଧର ପ୍ରଚାର ପ୍ରସାର କରିବା ଲକ୍ଷ୍ୟ ରଖି ରାଇରଙ୍ଗପୁର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ ପକ୍ଷରୁ ମେଳା ଆୟୋଜିତ କରାଯାଇଛି। ଏହାଦ୍ୱାରା ଲୋକମାନେ ଅତି ସହଜରେ ବିଭିନ୍ନ ପ୍ରକୃତି ଜାତ ଦ୍ରବ୍ୟକୁ ଗୋଟିଏ ଯାଗାରୁ ପାଇପାରୁଛନ୍ତି।

ମାନବ ସମାଜ ନିମନ୍ତେ ପ୍ରକୃତି ଅନେକ କିଛି ପ୍ରଦାନ କରିଛନ୍ତି। କିନ୍ତୁ ଏହାର ପ୍ରଚାର ଓ ପ୍ରସାର ଅଭାବରୁ ଲୋକଙ୍କ ମଧ୍ୟରୁ ହଜିଯାଉଛି। ଏହି ମେଳା ଜରିଆରେ ତାହାକୁ ଦୂର କରିବାକୁ ପ୍ରୟାସ କରାଯାଇଛି। ଉକ୍ତ ପ୍ରକୃତି ପ୍ରଦତ୍ତ ଜଡିବୁଟି ପଦ୍ଧତିରେ ପୂର୍ବ କାଳରୁ ବଇଦ ଓ କବିରାଜମାନେ ଚିକିତ୍ସା କରି ସୁସ୍ଥ କରୁଥିଲେ। ଯାହାର କୌଣସି ବି ପାଶ୍ୱର୍ ପ୍ରତିକ୍ରିୟା ହେଉ ନ ଥିଲା। ତେଣୁ ଏହା ଭାରତର ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ରହିଛି। ହର୍ବାଲ ଦ୍ରବ୍ୟକୁ ଅଧିକ ବ୍ୟାପକ କରାଯିବା ଲକ୍ଷ୍ୟରେ ମେଳାର ଆୟୋଜନ କରାଯାଇଛି। ପ୍ରକୃତିଜାତ ଦ୍ରବ୍ୟରୁ ପ୍ରସ୍ତୁତ ସାମଗ୍ରୀ ମଣିଷ ସମାଜ ପାଇଁ ବିଶେଷ ଉପଯୋଗୀ ହୋଇଥାଏ। ତେଣୁ ମେଳା ଜରିଆରେ ଲୋକେ ପ୍ରାକୃତିକ ଉପଚାର ସମ୍ପର୍କରେ ସଚେତନ ହେବା ସହ ଦ୍ରବ୍ୟ କ୍ରୟ କରୁଛନ୍ତି। ଉକ୍ତ ମେଳାରେ ପ୍ରକୃତି ଜାତ ସାମଗ୍ରୀ ଗୋଟିଏ ଜାଗାରେ ଉପଲବ୍ଧ ମଧ୍ୟ ହୋଇପାରିଛି। ଅଧିକରୁ ଅଧିକ ଔଷଧୀୟ ବୃକ୍ଷରୋପଣ କରି ବୃକ୍ଷଲତା ଔଷଧୀୟ ଗୁଣକୁ ବ୍ୟାଧି ନିରାକରଣରେ ବ୍ୟବହାର କରିବା ପାଇଁ ଆସିଥିବା ବ୍ୟବସାୟୀ ଓ ବୈଦ୍ୟମାନେ ଲୋକଙ୍କୁ ବୁଝାଉଥିବାବେଳେ ହର୍ବାଲ ସାମଗ୍ରୀ ନେବାକୁ ସନ୍ଧ୍ୟା ହେଲେ ଲୋକଙ୍କ ଭିଡ ଲାଗୁଛି।

ଗୋଟିଏ ଜାଗାରେ ଜଙ୍ଗଲ ବା ପ୍ରକୃତି ଜାତ ଖାଦ୍ୟ ସାମଗ୍ରୀ ସହ ଜଡିବୁଟି ଜିନିଷ ମିଳୁଥିବାରୁ ଲୋକମାନେ ବିନା ରସାୟନର ଉପକରଣ କିଣୁଥିବା ଦେଖିବାକୁ ମିଳିଛି। ଆଜିର ଆଧୁନିକ ଜୀବନଶୈଳୀ ମଧ୍ୟରେ ମଣିଷ ନିଜର ଯତ୍ନ ନିମନ୍ତେ ରାସାୟନଯୁକ୍ତ ସାମଗ୍ରୀ ଉପରେ ନିର୍ଭର କରୁଛନ୍ତି। ତେବେ ପ୍ରକୃତି ଜାତ ଦ୍ରବ୍ୟକୁ ହାତ ପାହାନ୍ତାରେ ପାଇ ଖୁସି ହୋଇ ଗ୍ରାହକମାନେ କିଣି ନେଉଥିବା ପରିଲକ୍ଷିତ ହୋଇଛି। ରାଜଧାନୀ ସମେତ ଆଖପାଖ ଅଞ୍ଚଳରୁ ଲୋକମାନେ ଆସି ହର୍ବାଲ ସାମଗ୍ରୀ ନେଉଥିବାବେଳେ ବ୍ୟବସାୟ ବି ଭଲ ହେଉଛି। ଉକ୍ତ ୫ଦିନିଆ ମେଳାରେ ୬୦ଟି ଷ୍ଟଲରେ ପାରମ୍ପରିକ ଚିକିତ୍ସକ ଦୁରାରୋଗ୍ୟ ବ୍ୟାଧିର ନିରାକରଣ ନିମନ୍ତେ ଦ୍ରବ୍ୟ ପ୍ରଦାନ କରୁଛନ୍ତି। ଆଦିବାସୀ ବହୁଳ ରାଇରଙ୍ଗପୁର ଅଞ୍ଚଳରେ ପାରମ୍ପରିକ ଚେରମୂଳିର ଚିକିତ୍ସା ପଦ୍ଧତିକୁ ଲୋକେ ଗ୍ରହଣ କରୁଛନ୍ତି। ହର୍ବାଲ ଜିନିଷ ପ୍ରାକୃତିକ ଉପାୟରେ ହେଉଥିବାରୁ ଏହା ଶରୀର ପାଇଁ ଉପକାରୀ ଅଟେ। ତେଣୁକରି ଉକ୍ତ ମେଳାରେ ଏହାର ଖୁବ ଆଦର ପରିଲକ୍ଷିତ ହୋଇଛି।

## ମଣ୍ଡି ସମସ୍ୟାକୁ ନେଇ ନବନିର୍ମାଣ କୃଷକ ସଂଗଠନର ଧାରଣା



ବାରିପଦା, ୨୧।୧(ସମିସ): ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ଧାନମଣ୍ଡିରେ ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସହିତ ଆଲେଚନା କରିବା ପାଇଁ ବିଭିନ୍ନ ବ୍ଲକରୁ ନେତୃବୃନ୍ଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ। ତେବେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ଜିଲ୍ଲା ପ୍ରଭାରୀ ଚିନୁ ଦାଶ ଧାନ ମଣ୍ଡିର ସମସ୍ୟାକୁ ନେଇ କହିଥିଲେ ଯେ, ମୟୂରଭଞ୍ଜ ଜିଲ୍ଲାରେ ଅନେକ ଚାଷୀ ଅନଲାଇନ୍ କରି ମଧ୍ୟ ଟୋକନ୍ ପାଇନାହାନ୍ତି। କିଛି ଚାଷୀ ଟୋକନ୍ ପାଇ ମଧ୍ୟ ସମ୍ପୂର୍ଣ୍ଣ ଧାନ ମଣ୍ଡିରେ ଦେଇପାରୁନାହାନ୍ତି। ମଣ୍ଡିରେ କ୍ୱିଣ୍ଟାଲ ପିଛା ୧୦ରୁ ୧୦ କେଜି କଟାଯାଉଛି। ଅନ୍ୟ ଜିଲ୍ଲା ଅପେକ୍ଷା କାହିଁକି ମୟୂରଭଞ୍ଜ ଜିଲ୍ଲାରେ ମାତ୍ରାଧିକ କଟ୍‌ନୀ କରାଯାଉଛି। ଚାଷୀଙ୍କ ଅଖା ବୁରା ଟଙ୍କା ଚୋରି ଓ ମିଲରଙ୍କ ମନମାନି ବିରୋଧରେ ଚାଷୀଙ୍କୁ ଏକ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ଉକ୍ତ ଆଲୋଚନାରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଦେଇ ଚାଷୀ ନେତୃତ୍ୱଙ୍କ ସହିତ ଧାନମଣ୍ଡିର ସମସ୍ୟାକୁ ନେଇ ଆଲୋଚନା କରିଥିଲେ। ମିଲରଙ୍କ ଶୋଷଣରୁ ଚାଷୀ କୁଳକୁ ମୁକ୍ତି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଆଲୋଚନାରେ ରାଇମଣି ବିଶ୍ୱାଲ, ରାମସାଇ ହେମ୍ବ୍ରମ, ସାଲଖାନ ମାଝୀ, ରବୀନ୍ଦ୍ର ପୁଥାଲ, କରଣ ଟୁଡୁ, ପ୍ରଶାନ୍ତ କରଣ, ଜଗତ ଜୀବନ ସିଂ, ଶ୍ରବଣ କୁମାର ଛାଟିଆ, ସୁଦର୍ଶନ ରାହୁଳ ଓ ପଦ୍ମୋଲୋଚନ ମହାନ୍ତ ନେତୃତ୍ୱରେ ଅନେକ ଚାଷୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗଳା ପୋଲ ଓ ରାସ୍ତା ସମସ୍ୟାର ସମାଧାନ ଦାବି



କଳାବାଡିଆ, ୨୧।୧(ସମିସ): ମାସା ଆର୍ମି ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡିଙ୍କ ପରାମର୍ଶ କ୍ରମେ ଆଜି ବାଙ୍ଗରିପୋଷୀ ମାସା ଆର୍ମି ବ୍ଲକ ସଭାପତି ସାନେଲ ମୁର୍ମୁଙ୍କ ତତ୍ତ୍ୱାବଧାନରେ ବାଙ୍ଗିରିପୋଷୀ ବ୍ଲକ କମିଟି ପକ୍ଷରୁ ବାଙ୍ଗରିପୋଷୀ ବ୍ଲକ ଏବିଡିଓ ଓ ଆରଡବ୍ଲ୍ୟୁଡି ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ବାଙ୍ଗିରିପୋଷୀ ପେଟ୍ରୋଲ ପମ୍ପ ନିକଟରେ ସାଉଥ୍ ଇଷ୍ଟର୍ଣ୍ଣ ରେଳବାଇ ଖଡ଼ଗପୁର ଡିଭିଜନ ଦ୍ୱାରା ନିର୍ମାଣ ହୋଇଥିବା ଗୋଳା ପୋଲ ମଧ୍ୟରେ ବର୍ଷସାରା ପାଣି ଜମିରହୁଛି। ଫଳରେ ଯାତାୟାତ କରିବାରେ ଅନେକ ବାଧା ସୃଷ୍ଟି ହେଉଛି ଓ ଦୁର୍ଘଟଣା ହେବାର ଆଶଙ୍କା ମଧ୍ୟ ଉପୁଜିଲାଣି। ତେଣୁ ଗୋଳା ପୋଲ ପରିବର୍ତ୍ତେ ଓଭରବ୍ରିଜ୍ ନିର୍ମାଣ ପାଇଁ ବାଙ୍ଗରିପୋଷୀ ଏବିଡିଓଙ୍କ ମାଧ୍ୟମରେ ଏସଇଆର ଚିଫ୍ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପିଏମ୍‌ଜିଏସ୍‌ୱାଇ ଅଧୀନରେ ଆସୁଥିବା ରାସ୍ତା ଶ୍ୟାମସୁନ୍ଦରଠାରୁ ଆଉଁଳାଗଞ୍ଜା, ବୁଢ଼ୀଖମାରି, ଗୋଠାଣିଦା ଦେଇ ଜଳଡିହାରେ ଶେଷ ହୋଇଥିବା ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଫଳରେ ଜରୁରିକାଳୀନ ସେବା ବାଧାପ୍ରାପ୍ତ ହେଉଛି। ଏ ଗୁଡିକର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ମାସା ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଅନନ୍ତ ମାର୍ଣ୍ଡି, ପ୍ରଧାନ ମୁର୍ମୁ, ବାଲିଆ ମୁର୍ମୁ, କଲ୍ୟାଣ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ଛତ୍ରାଆମ୍ବ ଛକରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଦାବି



ଶରତ,୨୧।୧(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଛତ୍ରାଆମ୍ବ ଛକରେ ସ୍ଥାୟୀ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯିବା ନିମନ୍ତେ ଶରତ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଛତ୍ରାଆମ୍ବ ଛକ କପ୍ତିପଦା ବ୍ଲକର ମଝିଗୋଡ଼ିଆ ପଞ୍ଚାୟତରେ ଅବସ୍ଥିତ ରହିଛି। ଏହି ଛକରୁ ତିନି ଦିଗକୁ ଯିବା ପାଇଁ ରାସ୍ତା ରହିଛି। ଛକରୁ ପୂର୍ବକୁ ବାଲେଶ୍ୱର ଜିଲ୍ଲାର ଔପଦା ବଜାରକୁ ରାସ୍ତା ଥିବାବେଳେ ଉତ୍ତର-ପଶ୍ଚିମ ଦିଗରେ କପ୍ତିପଦା ବ୍ଲକ କାର୍ଯ୍ୟାଳୟ ଓ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାକୁ ଯିବା ପାଇଁ ଏହା ଏକମାତ୍ର ପ୍ରମୁଖ ରାସ୍ତା ରହିଛି। ବ୍ଲକ ଅନ୍ତର୍ଗତ କଳମଗଡିଆ, ରାମଚନ୍ଦ୍ରପୁର, ପଦ୍ମପୋଖରୀ, ରାଣୀପୋଖରୀ, ଶରତ, ରାମଚନ୍ଦ୍ରପୁର ଓ ଶାଳଚୁଆ ପ୍ରମୁଖ ପଞ୍ଚାୟତର ଜନସାଧାରଣ ଏହି ଛକ ଉପରେ ନିର୍ଭର କରୁଥିବାବେଳେ ଏହି ଛକରେ ନାହିଁ ଲୋକଙ୍କ ବିଶ୍ରାମ ନିମନ୍ତେ ପ୍ରତୀକ୍ଷାଳୟ। ଯାତ୍ରୀ ପ୍ରତୀକ୍ଷାଳୟ ନ ଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।

ଛକରୁ ୧୬ କିମି ଦୂରତାରେ ଥିବା ନୂଆସାହି କଲେଜ ଓ କପ୍ତିପଦା କଲେଜ , ୩୦ କିମି ଦୂରତାରେ ଥିବା ଉଦଳା କଲେଜକୁ ଛାତ୍ରଛାତ୍ରୀ ହଇରାଣ ହରକତ ହୋଇ ଯିବାଆସିବା କରନ୍ତି। ବର୍ଷା କି ଖରା ହେଲେ ମଧ୍ୟ ଛାଇ ହେବା ପାଇଁ ଗଛ ମୂଳର ଆଶ୍ରୟନେବାକୁ ପଡ଼ିଥାଏ। ଏହି ଛକରୁ ଔପଦା ଦେଇ ଭୁବନେଶ୍ୱରକୁ ବସ୍ ଯାତାୟାତ କରୁଛି। ରାତ୍ରି ସମୟରେ କେହି ବସରୁ ଓହ୍ଲାଇଲେ କିମ୍ବା ବସ ଧରିବା ପାଇଁ ହେଲେ ଏହି ଛକ ଉପରେ ନିର୍ଭର କରନ୍ତି। ଅଥଚ ଏଠାରେ ବସସ୍ଥାଣ୍ଡ କିମ୍ବା ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବା କୌଣସି ନିର୍ବାଚିତ ଜନପ୍ରତିନିଧି ଚିନ୍ତିତ ନାହାନ୍ତି। ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥ ନିମନ୍ତେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏଠାରେ ଏକ ଯାତ୍ରୀ ପ୍ରତିକ୍ଷାଳୟ ଓ ବସସ୍ଥାଣ୍ଡ ନିର୍ମାଣ କରିବା ନିମନ୍ତେ ନବୀନ ମୁଣ୍ଡରୀ, ସୋମନାଥ ହୋ, ମନୋରଞ୍ଜନ ଗୋଇପାଇ, ବେଲମଣି ତିୟୁ, ଅଞ୍ଜନ କୁମାର ସିଂ, ଟିପୁ ମୁଣ୍ଡରୀ ପ୍ରମୁଖ ଦାବି କରିଛନ୍ତି।

## ନାବାଳିକା ଉଦ୍ଧାର

କୁଆମରା, ୨୧।୧(ସମିସ): ଖୁଣ୍ଟା ଥାନା ଅଞ୍ଚଳର ଜଣେ ନାବାଳିକା ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସପ୍ତମ ଶ୍ରେଣୀର ପାଠ ପଢୁଥିବା ୧୩ ବର୍ଷିୟା ଛାତ୍ରୀ ୧୮ ତାରିଖରେ ନିଖୋଜ ହୋଇଯିବା ପରେ ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଛି। ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି ଆଜି ପୀଡ଼ିତା ନାବାଳିକାକୁ କୁଳିଅଣା ଥାନା ଅଞ୍ଚଳରୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ତେବେ ଅଭିଯୁକ୍ତ ଜଣକ ମଧ୍ୟ ନାବାଳକ ବୋଲି ଜଣାପଡ଼ିଛି।

## ଶିକ୍ଷକ ସୋମନାଥ ସିଂହ ସମ୍ବର୍ଦ୍ଧିତ

ବାରିପଦା, ୨୧।୧(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଆୟୋଜିତ ମକର ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତନ ପ୍ରଧାନଶିକ୍ଷକ ସୋମନାଥ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ସିଂହଙ୍କ ଉଦ୍ୟମରେ ବିଦ୍ୟାଳୟଟି ଜିଲ୍ଲା ଓ ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହ ଏହାର ଛାତ୍ରଛାତ୍ରୀ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଛନ୍ତି। ଆଦର୍ଶ ଶିକ୍ଷକ ସହିତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଶ୍ରୀ ସିଂହ ବହୁବାର ଜିଲ୍ଲା ଓ ରାଜ୍ୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ୩୪ ବର୍ଷର ଶିକ୍ଷକତା ଭିତରେ ତାଙ୍କର ବହୁ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବାବେଳେ ବହୁ ଛାତ୍ରଛାତ୍ରୀ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି। ତ୍ରିରଙ୍ଗା କ୍ଲବ ସହିତ ଯୋଡ଼ିହୋଇ ବୃକ୍ଷରୋପଣ ଓ ରକ୍ତଦାନ ଆଦି ମହାତ କାର୍ଯ୍ୟ କରିବା ସହ ମକର ମହୋତ୍ସବର ରୂପରେଖ ବଦଳାଇଦେଇଛନ୍ତି ବୋଲି ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତିଙ୍କ ସମେତ କ୍ଲବ୍ ସଭାପତି ଆଲୋକ ମହାନ୍ତି, ଉପସଭାପତି ରବୀନ୍ଦ୍ର ମହାନ୍ତି, ସକ୍ରିୟ ସଦସ୍ୟ ସରୋଜ ମହାପାତ୍ର କହିଛନ୍ତି।




### ବାବା ବୀରେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବ୍ଲେଣ୍ଡର-୧୧୨କୁ ହରାଇ ସତ୍ୟ ଏକାଦଶ ଚାମ୍ପିଅନ

ବଡ଼ସାହି,୨୧।୧(ସମିସ)



ବଡସାହି ବ୍ଲକ୍ ଅଧୀନ ଯୋଗୀନୂଆଗାଁ ପଞ୍ଚାୟତର ବର୍ତ୍ତନା ଗ୍ରାମରେ ଚାଲିଥିବା ବାବ ବୀରେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ଜିଲ୍ଲା ଓ ଜିଲ୍ଲା ବାହାରୁ ୮ଟି ଦଳ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ସତ୍ୟ ଏକାଦଶ ଓ ବ୍ଲେଣ୍ଡର-୧୧୨ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ୍ ମ୍ୟାଚ୍‌ରେ ସତ୍ୟ ଏକାଦଶ ବିଜୟୀ ହୋଇ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି। ସତ୍ୟ ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୨୧୨ ରନ ସଂଗ୍ରହ କରିଥିଲା। ଜବାବରେ ବ୍ଲେଣ୍ଡର-୧୧୨ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୮୪ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା।

ପୁରସ୍କାର ବିତରଣୀ ଉତ୍ସବରେ କ୍ଲବ୍‌ର ଉପଦେଷ୍ଟା ନିରୋଦ କୁମାର ଜେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ରଣଜୀ ଖେଳାଳି ଲଲାଟେନ୍ଦୁ ବେହେରା, ସମ୍ମାନିତ ଅତିଥି ଭାବେ ଯୁବ ନେତା ସଂଜୟ ବେହେରା ଓ ଖଗେଶ୍ୱର ବେହେରା, କ୍ରୀଡାପ୍ରେମୀ ବାବୁ ଦାସ ଓ ଚାରୁଚନ୍ଦ୍ର ସେନାପତି ପ୍ରମୁଖ ଯୋଗଦେଇ ଆସୋସିଏସନର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିଅନ ଦଳକୁ ୩୦ ହଜାର ଟଙ୍କା ଓ ଟ୍ରଫି, ରନର୍ସଅପ୍ ଦଳକୁ ୨୫ ଜହାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ ଗୋପୀନାଥ ନାଏକ ଓ ସମିତି ସଭ୍ୟ ନବୀନ ମହାନ୍ତ ଯୋଗଦେଇ ଫିତାକାଟି ଏହାର ଶୁଭ ଉଦଘାଟନ କରିଥିଲେ। ଅମ୍ପାୟାର ଟେଙ୍ଗେ ଟେଙ୍ଗେ ଓ ତପନ ଆଚାର୍ଯ୍ୟ ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର କ୍ୟାପଟେନ ଗୋପାଳ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ଓ ଏନ କୁନାଲ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହେଇଥିଲେ। କ୍ଲବର ସଦସ୍ୟ ଦୀପ୍ତିଭାନୁ ସେନାପତି, କାଜଲ ଜେନା, ପ୍ରଶାନ୍ତ ଜେନା, ସୁଧାଂଶୁ ସେନାପତି, ବ୍ରହ୍ମାନନ୍ଦ ନାୟକ, କ୍ଷୀରୋଦ ଗାଆଁଣ, ଗଣେଶ୍ୱର ବିନ୍ଧାଣୀ, ବିଞ୍ଚି ଗାଆଁଣ ପ୍ରମଖ ସହଯୋଗ କରିଥିଲେ। କିଶୋର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ୟୁଟ୍ୟୁବ ଚ୍ୟାନେଲ 'ସୋରେ କ୍ରିକେଟ୍ ଲାଇଭ' ଦ୍ୱାରା ଖେଳର ସିଧା ପ୍ରସାରଣ କରାଯାଇଥିଲା।


### ● ଗଡ଼ିଗାଁ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ

## 'ତିନିଜଣଙ୍କୁ ଗୁରୁ ମାନି ଚଳିଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ'

ମୋରଡା,୨୧।୧(ସମିସ): ମୋରଡା ବ୍ଲକ ଗଡ଼ିଗାଁ ପଞ୍ଚାୟତରେ ଥିବା ପିଏମଶ୍ରୀ ବିଦ୍ୟାଳୟରେ ବୁଧବାର ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ବିଦ୍ୟାଳୟର ପ୍ରତିଷ୍ଠାତା ବାଗାମ୍ବର ଦାସ, ସିଆରସିସି ହେମନ୍ତ ମହାନ୍ତ,ମୋରଡା ବ୍ଲକ ଓଷ୍ଟା ସଭାପତି ନୀଳକଣ୍ଠ ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପାଲୁ ହାଁସଦା, ସମାଜସେବୀ ମିର ମୁସୁଆର ଅଲ୍ଲୀ ଯୋଗଦେଇ ତିନିଜଣଙ୍କୁ ଗୁରୁ ମାନି ଚଳିଲେ ଭବିଷ୍ୟତ ଉଜ୍ୱଳ ହେବ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଉକ୍ତ ଉତ୍ସବରେ ୮ଟି ଷ୍ଟଲ କରାଯାଇଥିଲା। ସେଥିରେ ୨୦୩୬ର ଭିଜନ ନେଇ ଆକାଂକ୍ଷା ମେଳା ଷ୍ଟଲ, ଟେଲେଣ୍ଟ ଗ୍ୟାଲେରୀ, ଲାଭକ୍ଷତି କିପରି ଜାଣିବେ ସେଥିପାଇଁ ଦୋକାନ ଯାତ୍ରା, ସାହିତ୍ୟ ସୃଜନି, କୌଶଳୀ ଓ କ୍ରୀଡାଙ୍ଗନ ଷ୍ଟଲ, ମୌଳିକ ସ୍ୱାକ୍ଷରତା ଜ୍ଞାନ ଷ୍ଟଲ ଓ ଧନ୍ଦାମୂଳକ ଶିକ୍ଷାର ଦୁଇଟି ଷ୍ଟଲ ହୋଇଥିଲା। ଯାହାକି ଇଲେକ୍ଟ୍ରୋନିକ୍ସ ଏଣ୍ଡ ହାର୍ଡୱେୟାର, ପର୍ଯ୍ୟଟନ ଓ ଆତିଥ୍ୟ ଶିଳ୍ପ ଉପରେ ପର୍ଯ୍ୟବେସିତ ଥିଲା। ପ୍ରତିଷ୍ଠାତା ଶ୍ରୀ ଦାସ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସ୍ଥାୟୀ ପ୍ରଧାନ ଶିକ୍ଷକ ଓ ଜଣେ କଳା ବିଭାଗ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଅନୁରୋଧ କରିଥିଲେ। ଶିକ୍ଷକ ଦୀପକ ମହାନ୍ତ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ଶରତ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



# ସମ୍ପାଦକୀୟ



ନିଜ ଭିତରେ ଥିବା ଦକ୍ଷତା, ଆତ୍ମବିଶ୍ୱାସ ଓ ସମ୍ଭାବନାକୁ ହୃଦୟଙ୍ଗମ କରିପାରିଲେ ଆମେ ଏକ ଉନ୍ନତ ବିଶ୍ୱଗଠନ କରିପାରିବା।

-ଦଲାଇ ଲାମା

ସକାଳ
THE SAKALA

## ବାଲିମାଫିଆ ସୂତ୍ରଧରଙ୍କୁ ସୁରକ୍ଷା

ରାଜ୍ୟରେ ଡବଲଇଞ୍ଜିନ ସରକାର କ୍ଷମତାରେ ଥିବା ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବାଲିମାଫିଆଙ୍କ ଉପରେ ଚଢ଼ଉ କରାଯିବା ନିଶ୍ଚୟ ଏକ ରୋଚକ ଖବର। ଏକଥା ସତ୍ୟ ଯେ ଖଣିଜ ଓ ଲଘୁଖଣିଜ ଚୋରା କାରବାରକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ଆସାମର୍ଥ୍ୟ ପଦାରେ ପଡ଼ିଯାଇଛି। ଏହାପଛରେ ଦଳୀୟ ମନ୍ତ୍ରୀ ଓ ନେତାଙ୍କ ସଂପର୍କ ଥିବାରୁ ସରକାର ଚାପର ବଶବର୍ତ୍ତୀ ହୋଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନ ଥିଲେ। ରାଜ୍ୟର ଭିଜିଲାନ୍ସ ଓ ଅର୍ଥନୈତିକ ଅପରାଧ ଧରପଗଡ଼ ଦାୟିତ୍ୱରେ ଥିବା ପୁଲିସ ବିଭିନ୍ନ ସରକାରୀ ଅଧିକାରୀଙ୍କ ଦୁର୍ନୀତିପୂର୍ଣ୍ଣ କାରବାର ବିରୋଧରେ କ୍ରମାଗତ ଚଢ଼ଉ ମାଧ୍ୟମରେ ବେଶ ଆଖିଦୃଶିଆ ସଫଳତା ହାସଲ କରିପାରିଛନ୍ତି। ରାଜ୍ୟରେ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଏପ୍ରକାର ଠୋସ କାର୍ଯ୍ୟାନୁଷ୍ଠାନରୁ କ୍ଷମତାସୀନ ସରକାର ପ୍ରଶଂସା ସାଉଁଟି ଚାଲିଥିବା ବେଳେ ବାଲି ସମେତ ଅନ୍ୟ ଲଘୁ ଖଣିଜର ବ୍ୟାପକ ଚୋରା କାରବାରକୁ ରୋକିବାରେ କାହିଁକି ବିଫଳ ହେଲେ? ସାଧାରଣରେ ଏପ୍ରକାର ପ୍ରଶ୍ନ ଉଙ୍କିମାରିବା ସ୍ୱାଭାବିକ। ଏକ୍ଷେତ୍ରରେ ଆଭ୍ୟନ୍ତରୀଣ ଚାପକୁ ଏଡ଼ାଇ ଯାଇ କିଛି କଠୋର ପଦକ୍ଷେପ ଗ୍ରହଣ କଲେ ସରକାର ଭୁଶୁଡ଼ି ପଡ଼ିବା ଭଳି ଆଶଙ୍କା ଥିବାରୁ ଲଘୁ ଖଣିଜ ମାଫିଆଙ୍କ ଉପରେ ଲଗାମ କଷିବା ସମ୍ଭବ ହେଉ. ନଥିଲା। ସିଏଜି ରିପୋର୍ଟ ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ଏହି ଚଢ଼ଉ କରିଥିବା ପ୍ରକାଶ। ରାଜ୍ୟର ଖଣି ରାଜସ୍ୱ କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଆଗାମୀ ବଜେଟରେ ତାହାର ପ୍ରତିକୂଳ ପ୍ରଭାବ ପଡ଼ିବାର ସମ୍ଭାବନା ଥିବାରୁ ମୁଖ୍ୟମନ୍ତ୍ରୀ ଅନନ୍ୟୋପାୟ ହୋଇ ସବୁଜ ସଂକେତ ଦେଇଛନ୍ତି।

ବ୍ୟବସ୍ଥାଗତ ବିଫଳତା କ୍ଷେତ୍ରରେ ରାଜ୍ୟର ପରାମର୍ଶକ୍ରମେ କେନ୍ଦ୍ରକୁ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଥାଏ। ସଂଘୀୟ ବ୍ୟବସ୍ଥାରେ ପ୍ରଚଳିତ ଏହି ପରମ୍ପରା କେବଳ ଡବଲ ଇଂଜିନ ସରକାର କ୍ଷେତ୍ରରେ ହିଁ କାର୍ଯ୍ୟକାରୀ ହେଉଛି। ଏହାର ପୃଷ୍ଠଭାଗରେ ଅଛି ଦଳୀୟ ଭାବମୂର୍ତ୍ତି। ତେଣୁ ଇଡିକୁ ମଧ୍ୟ ବେଶ ସତର୍କତାରେ ସହ ଚଢ଼ଉ କରିବାକୁ ପଡୁଛି। ଗୁରୁବାର ଗଞ୍ଜାମ ଜିଲ୍ଲାର ୫ଟିରୁ ଅଧିକ ସ୍ଥାନରେ ହୋଇଥିବା ଚଢ଼ଉରୁ କୋଟିକୋଟି ନଗଦ ଟଙ୍କା, ବିପୁଳ ପରିମାଣର ସୁନା ଓ ଜାଲ ଦସ୍ତାବିଜ ଜବତ ହୋଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମାଫିଆ, ଗ୍ୟାଙ୍ଗଷ୍ଟାର ଓ ବାହୁବଳୀ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା ସେମାନେ ନକଲି ୱାଇଫର୍ମ ବଳରେ ସରକାରୀ ଅଧିକାରୀଙ୍କୁ ଭୁଆଁ ବୁଲେଇ ଏହି କାରବାର କରୁଥିଲେ। ଏକାଧିକ ନଦୀ ଶଯ୍ୟାରୁ ସେମାନେ ନିରଙ୍କୁଶ ଭାବେ ବାଲି ଚୋରାଚାଲାଣ କରୁଥିଲେ। ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟୁଥିଲେ ମଧ୍ୟ ତାହାକୁ ରୋକିବା ସମ୍ଭବ ହେଉ ନ ଥିଲା। ଏହାକୁ ଆମେ ରାଜ୍ୟସରକାରଙ୍କ ଅସାମର୍ଥ୍ୟ କହିପାରିବା। ଆମ ଜାଣିବାରେ ଇଡି ଚଢ଼ଉବେଳେ ଅଥାନରେ ହାତ ମାରିଦେଇଛନ୍ତି। ତାହା ଏବେ ସବୁ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ୟବସ୍ଥାରେ ଶୃଙ୍ଖଳା ଆଣିବା ସକାଶେ ଖଣିମନ୍ତ୍ରୀ ଯେଉଁ ୧୯ ଜଣିଆ ପ୍ରତିନିଧି ମଣ୍ଡଳୀଗଠନ କରିଛନ୍ତି ତାହାର ଅନ୍ୟତମ ସଦସ୍ୟ ଥିବା ସୁନୀଲ ପାତ୍ର ଇଡି ହାତରେ ଧରାପଡ଼ି ଯାଇଛନ୍ତି। ସୁନୀଲଙ୍କ ଚେର କେଉଁଠୁ କେଉଁଯାଏ ଲମ୍ବିଛି ତାହା ଯେ ଇଡି କର୍ତ୍ତୃପକ୍ଷ ଜାଣିପାରି ନଥିବେ ଏକଥା ନୁହେଁ। ତେଣୁ ଆଶାକରାଯାଉଥିଲା ଯେ ସେହି ତଦନ୍ତ ପରିସର ଖଣିମନ୍ତ୍ରୀଙ୍କ ବାସଗୃହ ପର୍ଯ୍ୟନ୍ତ ଆସିବ। ତେଣୁ ଯଦି ବା କେହି ମନ୍ତ୍ରୀଙ୍କ ଇସ୍ତଫା କିମ୍ବା ବରଖାସ୍ତ ଦାବି କରିବ ସେଥିରେ ଆଚମ୍ବିତ ହେବାରେ ନାହିଁ।

ରାଜ୍ୟଲଘୁ ଖଣିଜ ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟି ଟଙ୍କାକୁ ଏବଂ ଗୁରୁଖଣିଜ ରାଜସ୍ୱ ୫୦,୦୦୦ କୋଟି ରୁ ୩୪,୦୦୦ କୋଟିଟଙ୍କାକୁ ହ୍ରାସ ପାଇଥିବାରୁ ସରକାରଙ୍କ ଅସହାୟତା ବାରି ହୋଇପଡୁଛି। ତେଣୁ ଇଡି ଚଢ଼ଉ କେବଳ ଗଞ୍ଜାମ ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ଅନ୍ୟ ଅଞ୍ଚଳକୁ ପରିବ୍ୟାପ୍ତ ହେବା ଉଚିତ। ଆଗାମୀ ଦିନରେ ଏହା ନେତା ଓ ମାଫିଆଙ୍କ ମଧୁଚନ୍ଦ୍ରିକା ଉପରୁ ପରଦା ହଟାଇବ ବୋଲି ଆଶା ରହିବା ସ୍ୱାଭାବିକ।

## ଭାରତ-ଏମିରେଟ ସଂପର୍କ

ଆରବ ଏମିରେଟ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାଏଦଙ୍କ ଭାରତ ଗସ୍ତ ଓ ତାଙ୍କ ସୀମିତ ରହଣି ସତ୍ତ୍ୱେ କୂଟନୈତିକ ସ୍ତରରେ ଯେଉଁ ତତ୍ପରତା ପ୍ରକାଶ ପାଇଛି ତାହା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ପାକିସ୍ତାନ ଓ ସାଉଦୀଆରବ ମଧ୍ୟରେ ପ୍ରତିରକ୍ଷା ସହଯୋଗିତା ଓ ସହଭାଗିତାକୁ ନେଇ ମଧ୍ୟପ୍ରାଚ୍ୟ ଓ ମୁସଲମାନ ରାଷ୍ଟ୍ରଙ୍କ ସ୍ତରରେ ଯେଉଁ ଭାରତ ବିରୋଧୀ ଆଭିମୁଖ୍ୟ ମୁଣ୍ଡ ଟେକିଥିଲା ତାହାକୁ ଶକ୍ତ ଧକ୍କା ଲାଗିଛି। ତୁର୍କୀ ନେତୃତ୍ୱରେ ସାଉଦୀ ଆରବ ଓ ପାକିସ୍ତାନ ଇସଲାମିକ ନାଟୋ ମେଣ୍ଟ ଗଠନ ସକାଶେ ଆରମ୍ଭ ହୋଇଥିବା ପ୍ରୟାସରେ ଭାରତ – ଏମିରେଟ ସଂପର୍କ ପ୍ରମୁଖ ପ୍ରତିବନ୍ଧକ ହେବ ବୋଲି ମନେ କରାଯାଉଛି। ଭାରତର ଏହି ସଫଳ କୂଟନୈତିକ ଗୋଟିଚାଳନା ପାକିସ୍ତାନକୁ ବିବ୍ରତ କରିଛି। ନୂଆଦିଲ୍ଲୀରେ ମୋଦୀ ଓ ଜାଏଦଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଥିବା ବେଳେ ପାକିସ୍ତାନ ମଧ୍ୟ ପ୍ରାଚ୍ୟର ସହଯୋଗୀଙ୍କ ସହ ଭାରତର ଏହି ଭୂମିକା ନେଇ ବିଚାର ବିମର୍ଶ ଆରମ୍ଭ କରିଦେଇଛି।

ଏମିରେଟ ଓ ଭାରତ ମଧ୍ୟରେ ବ୍ୟାପକ ଅର୍ଥନୈତିକ ସହଯୋଗିତା ଚୁକ୍ତିନାମା ୨୦୨୨ ରୁ ସ୍ୱାକ୍ଷରିତ ହୋଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ସୁଫଳ ଅନୁଭୂତ ହୋଇଛି। ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୦୦ ବିଲିୟନ ଡଲାର ଛୁଇଁଛି ଏବଂ ଆସନ୍ତା ୬ ବର୍ଷ ମଧ୍ୟରେ ୨୦୦ ବିଲିୟନ ଡଲାରକୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ପାକିସ୍ତାନ ମଧ୍ୟପ୍ରାଚ୍ୟରେ କ୍ରମେ ନିଜର ଆସ୍ଥାନ ଜମାଇବା ଆରମ୍ଭ କରିଥିବା ବେଳେ ଭାରତ –ଓମାନ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହୋଇଛି। ଭାରତର ହିନ୍ଦୁସ୍ଥାନ ପେଟ୍ରୋଲିୟମ ସହ ଏମିରେଟର ଏଡିଏନଓସି ଗ୍ୟାସ କମ୍ପାନୀ ଆସନ୍ତା ୧୦ ବର୍ଷ ମଧ୍ୟରେ ୩ ବିଲିୟନ ଏଲଏନଜି ଯୋଗାଇବାକୁ ଚୁକ୍ତିସ୍ୱାକ୍ଷର କରିଛି। ରଣନୀତିକ ପ୍ରତିରକ୍ଷା କ୍ଷେତ୍ରରେ ଅଂଶୀଦାର, ପ୍ରତିରକ୍ଷା ଶିଳ୍ପ ସ୍ତରରେ ସହଯୋଗିତା, ଅତ୍ୟାଧୁନିକ ପ୍ରାଦ୍ୟୋଗିକ ଜ୍ଞାନକୌଶଳ ବିନିମୟ ଓ ପ୍ରଶିକ୍ଷଣ ଭଳି ୯ଟି ରାଜିନାମା ସ୍ୱାକ୍ଷରିତ ହୋଇଛି। ଆରବ ଏମିରେଟରେ ଭାରତର ରପ୍ତାନୀ ବାଣିଜ୍ୟ ଏଥିମଧ୍ୟରେ ୧୩ ରୁ ୨୫ ପ୍ରତିଶତକୁ ବୃଦ୍ଧି ପାଇଛି। ଭାରତ ପାଇଁ ଏହା ଦ୍ୱିତୀୟ ବୃହତ୍ ରପ୍ତାନି ବଜାର। ଦୁଇନେତାଙ୍କ ମଧ୍ୟରେ ଗୋପନ ଆଲୋଚନାର ରହସ୍ୟ ଉନ୍ମୋଚିତ ହୋଇ ନ ଥିଲେ ମଧ୍ୟ ଗାଜାରେ ଶାନ୍ତି ପ୍ରତିଷ୍ଠା ପାଇଁ ଟ୍ରମ୍ପଙ୍କ ପକ୍ଷରୁ ଯେଉଁ ଦ୍ୱିତୀୟ ପର୍ଯ୍ୟାୟ ବୃହତ୍ତର କମିଟି ଗଠନ ପ୍ରୟାସ ଆରମ୍ଭ ହୋଇଛି ସେ ସଂକ୍ରାନ୍ତ କିଛି ତଥ୍ୟ ବିନିମୟକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଇସ୍ରାଏଲ ସହ ଭାରତର ସୁସଂପର୍କ ଦୃଷ୍ଟିରୁ ଏମିରେଟ ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ସଂଯୁକ୍ତ କରାଯାଇପାରେ। ଅନ୍ୟ ଦୃଷ୍ଟିରୁ ବିଚାର କଲେ ମଧ୍ୟପ୍ରାଚ୍ୟରେ ପାକିସ୍ତାନ ଓ ଚୀନ ନିଜର ପ୍ରାଧାନ୍ୟ ବିସ୍ତାର କରିବାକୁ ଚାହୁଁଥିବା ବେଳେ ଭାରତ ପାଇଁ ଏମିରେଟର ଏହି ସଂପର୍କ ସହାୟକ ହୋଇପାରେ।

## ଅହଂକାର ଓ ଅମୂଲ୍ୟ ଜୀବନ

ମୀରା ବେଉରା

ଥରେ ଜଣେ ଦାର୍ଶନିକଙ୍କୁ ପଚରା ଯାଇଥିଲା ଆପଣ ଦିନଗୁଡ଼ିକ କିପରି କାଟନ୍ତି? ଦାର୍ଶନିକ ଅତି ସହଜ ଓ ସରଳ ଉତ୍ତରଟିଏ ଦେଇ କହିଥିଲେ ମୁଁ ଦିନରେ ଚବିଶ ଘଣ୍ଟା ବଞ୍ଚେ ଓ ମରେ। ଏହାକୁ ସରଳରେ ବୁଝାଇବାକୁ ଯାଇ ଦାର୍ଶନିକ କହିଥିଲେ ମୁଁ ଭଲଭାବେ ଜାଣେ ଯେ ପ୍ରତିଦିନ ମୋର ଆୟୁଷରୁ ଚବିଶ ଘଣ୍ଟା କମି ଯାଉଛି। ତେଣୁ ମୁଁ ପ୍ରତିଦିନ ଚବିଶ ଘଣ୍ଟା ମରେ। ଏହା ମୁଁ ଜାଣେ ମୋର ଆସନ୍ତାକାଲି ଆୟୁଷ ପୂର୍ଣ୍ଣ ହୋଇପାରେ। ତେଣୁ ମୁଁ ଆଜିର ଚବିଶ ଘଣ୍ଟା ପରମପିତା ଈଶ୍ୱରଙ୍କ ବିଚିତ୍ର ସୃଷ୍ଟିର ରହସ୍ୟ ଜାଣିବା ନିମନ୍ତେ ଉପଯୋଗ କରେ। ତେଣୁ ପ୍ରତିଟି ଘଣ୍ଟା ମୁଁ ବଞ୍ଚୁଛି ବୋଲି ଅନୁଭବ କରିଥାଏ।

ଏ ପ୍ରସଙ୍ଗ ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ଆମେ ସମସ୍ତେ ଜାଣୁ ଜୀବନ କ୍ଷଣସ୍ଥାୟୀ। ଏହି ମରଣଶୀଳ ଭୌତିକ ପୃଥିବୀରେ କେବଳ ମୃତ୍ୟୁ ହିଁ ଚିରନ୍ତନ ସତ୍ୟ। ଆଉ ସବୁ ମିଥ୍ୟା। ତଥାପି ଆମେ ପ୍ରତିମୁହୂର୍ତ୍ତରେ ଆହୁରି ଆହୁରି ଜୀବନକୁ ବିଳାସବ୍ୟସନରେ ପୂର୍ଣ୍ଣ କରି ଚିରକାଳ ବଞ୍ଚିବାକୁ ଚାହୁଁ। ଅନେକ ଅହଙ୍କାର ମନରେ ଆଣୁ। ସବୁ ମୋର ମୋର ବୋଲି କହୁ। ମନରେ ଔଦ୍ଧତ୍ୟ ଅହଂକାର ଆଣୁ। ଆମେ ଭୁଲିଯାଉ ଆମେ କେଉଁଠାରୁ ଆସିଛୁ ପୁଣି କେଉଁଠାକୁ ଫେରିଯିବୁ। ଏ କାରୁକାର୍ଯ୍ୟମୟ ରାଜମହଲ, ରାଜପ୍ରାସାଦ, ଏ ସୌନ୍ଦର୍ଯ୍ୟପୂର୍ଣ୍ଣ ସହର, ଏ କାରୁକାର୍ଯ୍ୟପୂର୍ଣ୍ଣ ତୁଳିକା ଶଯ୍ୟା- ସବୁକିଛି ମୋତେ ଛାଡ଼ି ଯିବାକୁ ହେବ। ‘ଏସିଆର ଆଲୋକ’ ଗୌତମ ବୁଦ୍ଧ ଜୀବନରେ ସତ୍ୟତାକୁ ବୁଝିଥିଲେ ବୋଲି ତ ସତ୍ୟର ସନ୍ଧାନ ପାଇଁ ଅହିଂସା ମାର୍ଗରେ ଯାଇ ଈଶ୍ୱର ପ୍ରାପ୍ତି ପାଇଁ ତପସ୍ୟା କରିଥିଲେ। ସବୁ ଐଶ୍ବର୍ଯ୍ୟକୁ ତ୍ୟାଗ କରି ଜ୍ଞାନପ୍ରାପ୍ତ ହୋଇଥିଲେ। ସେ ବୁଝିଥିଲେ ଏ ସବୁ ଅଳୀକ, କ୍ଷଣସ୍ଥାୟୀ।

ପ୍ରତି ମୁହୂର୍ତ୍ତରେ ଆମ ମନକୁ ଅନେକ ବିଷୟ ଆସେ। ମନକୁ ଅସ୍ତବ୍ୟସ୍ତ କରେ। ପ୍ରତି ମୁହୂର୍ତ୍ତରେ ଆମେ ଅନ୍ୟକୁ ତଳେ ପକାଇ ଅହଂକାର ବଶତଃ ତା’କୁ ନ୍ୟୂନ ଦେଖାଇ କଳେବଳେକୌଶଳେ ତା’କୁ ଶାସନ କରିବାକୁ ଚାହିଁଥାଉ। ତା’ର ସ୍ୱାଭିମାନକୁ ଦଳି ଚକଟି ଲହୁଲୁହାଣ କରିଦେବାକୁ ମଧ୍ୟ ଭୁଲି ନଥାଉ। ଏଇଠି ମନେ ପଡ଼ନ୍ତି ଗ୍ରୀକ ବୀର ଆଲେକଜାଣ୍ଡର। ସମଗ୍ର ପୃଥିବୀକୁ ଜୟ କରିସାରିବା ପରେ ଆଲେକଜାଣ୍ଡର ଥରେ ଜଣେ ସାଧୁଙ୍କ କୁଡ଼ିଆ ଆଗରେ ଯାଇ ଛିଡ଼ା ହେଲେ। ଭାବିଥିଲେ ସାଧୁ ଜଣକ ତାଙ୍କୁ ଭୁରି ଭୁରି ପ୍ରଶଂସା କରିବେ। କିନ୍ତୁ ସାଧୁ ତତ୍କ୍ଷଣାତ୍ ତାଙ୍କୁ ତାଙ୍କ ସମ୍ମୁଖରୁ ଟିକିଏ ହଟି ଯିବାକୁ କହିଲେ ଏବଂ ସେ ହଟିଲେ ତାଙ୍କ ଉପରେ ଖରାଟିକିଏ ପଡ଼ିବ ବୋଲି କହିଲେ। ପରେ ଆଲେକଜାଣ୍ଡର ନିଜର ଭୁଲ ବୁଝି ପାରିଥିଲେ। ପୁଣି ଯେତେବେଳେ ଆଲେକଜାଣ୍ଡର ହାଇଦାସ୍ପିସ ଯୁଦ୍ଧରେ ପୁରୁ ରାଜାଙ୍କୁ ହରାଇ ଦେଇ ତାଙ୍କ ମସ୍ତକ ଉପରେ ଖଣ୍ଡା ରଖି ପଚାରିଥିଲେ ‘ଆପଣ ତ ଏବେ ପରାଜିତ। କୁହନ୍ତୁ ମୋ ଠାରୁ ଆପଣ କ’ଣ ଆଶା କରୁଛନ୍ତି?’ ପୁରୁ ରାଜା ଦମ୍ଭ ଓ ସ୍ୱାଭିମାନର ସହିତ ଉତ୍ତର ଦେଇଥିଲେ- ‘ଜଣେ ରାଜା ଅନ୍ୟ ଜଣେ ରାଜାଙ୍କଠାରୁ ଯେଉଁଭଳି ସମ୍ମାନ ଆଶା କରେ, ମୁଁ ଠିକ୍ ସେହିଭଳି ସମ୍ମାନ ଆଶା କରୁଛି।’ ସେଇଠି ଆଲେକଜାଣ୍ଡର ନିଜର ଅହଂକାର ଓ ଅହମିକାକୁ ବୁଝି ପାରିଥିଲେ। ଆଜିର ସଭ୍ୟ ମଣିଷ ଚନ୍ଦ୍ରରେ ପାଦ ଥାପିଛି, ମଙ୍ଗଳ ଗ୍ରହରେ ଜଳର ସନ୍ଧାନ କରି ଜୀବନ ସହ ସେଠାରେ ବଞ୍ଚିବା ପାଇଁ ପ୍ରୟାସ କରୁଛି; ଅଥଚ ଜୀବନର ପ୍ରକୃତ ସତ୍ୟତାକୁ ଉପଲବ୍ଧି କରିପାରୁନି କାହିଁକି?

ଶେଷରେ ଆଲେକଜାଣ୍ଡର ଜୀବନର ସତ୍ୟତାକୁ ଉପଲବ୍ଧି କରି କହି ଯାଇଥିଲେ ଯେ ଯଦିଓ ସେ ସମଗ୍ର ବିଶ୍ୱକୁ ଜୟ କରିଥିଲେ, କିନ୍ତୁ ମୃତ୍ୟୁ ପରେ ତାଙ୍କୁ ଶବାଧାରରେ ନେଲା ବେଳେ ତାଙ୍କ ଦୁଇ ହାତକୁ ଝୁଲାଇ ଖୋଲା ହସ୍ତରେ ଦେଶବାସୀ ତାଙ୍କୁ ବିଦାୟ ଦେବେ। ଯେପରି ସମସ୍ତେ ଦେଖିବେ ମୁଁ ଖାଲି ହାତରେ ଆସିଥିଲି ଓ ଖାଲିହାତରେ ଫେରିଯାଉଛି। ଆଉ ପୁଣି କହି ଯାଇଥିଲେ ଯେ ମୁଁ ଯେତେ ଧନ, ସମ୍ପତ୍ତି, ସ୍ୱର୍ଣ୍ଣାଳଙ୍କାର ଅର୍ଜନ କରିଛି ତା’କୁ ମୋ କବର ପର୍ଯ୍ୟନ୍ତ ବିଛାଇଦେବ।

ତଥାପି ଆଶ୍ଚର୍ଯ୍ୟ ଲାଗେ ସର୍ବତ୍ର ସେହି ‘ମୁଁ’କାରର ପ୍ରତିଧ୍ୱନି। ଏ ’ମୁଁ’ କାର କାହିଁକି? ଏହି ‘ମୁଁ’ ହିଁ ଗର୍ବ ଓ ଅହଂକାରର ପ୍ରତୀକ। ମଣିଷ ଭୁଲିଯାଏ ଯେ ସେ ଅଣୁଠାରୁ ମଧ୍ୟ ଆହୁରି ଛୋଟ। ଅହଂକାର ମଣିଷକୁ ପଶୁତ୍ୱ ଦିଗକୁ ନେଇଯାଏ। ଏହି ଅହଂକାର ହିଁ ବିବେକହୀନ ମଣିଷର ଆସ୍ପର୍ଦ୍ଧା ଓ ପତନର କାରଣ। ଆମେ ଏକଥା କଦାପି ବିସ୍ମରି ଯିବା ଉଚିତ ନୁହେଁ ଯେ ଆମ ସମସ୍ତଙ୍କର ସାମର୍ଥ୍ୟର ଉତ୍ସ ହେଉଛି କେବଳ ଦୈବୀଶକ୍ତି। ସେହି ଦୈବୀଶକ୍ତି ବିନା ବୃକ୍ଷରୁ ପତ୍ରଟିଏ ମଧ୍ୟ ଝଡ଼ିପାରେ ନାହିଁ। ‘ମୁଁ’ ଭାବ ରୂପୀ ଅହଂକାରର ବିନାଶ ନଘଟିଲେ କୌଣସି ଦିବ୍ୟ ଅନୁଭବ ସମ୍ଭବ ନୁହେଁ।

ଅହଂକାରକୁ ଲୋପ କରିବାକୁ ହେଲେ ଅନ୍ୟକୁ ପ୍ରାଣଭରି ଭଲ ପାଇବାକୁ ହେବ। ଯେଉଁ ଭଲ ପାଇବାରେ କି କୌଣସି ସ୍ୱାର୍ଥ ଓ ଛଳନା ନଥିବ। ତେବେ ଯାଇ ଦିବ୍ୟଜ୍ଞାନ ପ୍ରାପ୍ତ ହେବ। ଅହଂକୈନ୍ଦ୍ରିକ ଇଚ୍ଛା ସାଧାରଣତଃ କାମନା ଆଶ୍ରିତ। ସେ ନିଜେ ହିଁ କର୍ତ୍ତା ଓ ଭୋକ୍ତା। ‘ମୁଁ’ ତ୍ୱର କ୍ଷୁଦ୍ର ସ୍ୱାର୍ଥ ଦ୍ୱାରା ମଣିଷ ନିଜେ ହିଁ ନିଜକୁ ଖୁବ୍ ପ୍ରତାରଣା କରେ। ସେ ଅହରହ ନିଜର କ୍ଷୁଦ୍ର ସ୍ୱାର୍ଥ ପାଇଁ ଜଗତର ସ୍ୱାର୍ଥକୁ ବଳି ଚଢ଼ାଏ। ଅହଂକାରୀ ବ୍ୟକ୍ତି ଭୁଲିଯାଏ ଯେ - ‘ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ ସମସ୍ତଙ୍କ ଭାଗ୍ୟ ଡୋରି, ନିଜ ଭାଗ୍ୟ ଡୋରି କାଳ ହସ୍ତେ ଏହା ପକାନ୍ତି ହେଳେ ପାଶୋରି।’

ଜୁଳୁଜୁଳିଆ ପୋକ ମନେକରେ ସେ ଜଗତକୁ ଆଲୋକ ପ୍ରଦାନ କରୁଛି, କିନ୍ତୁ ସେ ଭୁଲିଯାଏ ଯେ ସେ ସାମାନ୍ୟ ଗୋଟିଏ କୀଟଟିଏ ବୋଲି। ଯେତେବେଳେ ପୂର୍ଣ୍ଣମୀ ତିଥିରେ ଚନ୍ଦ୍ର ଆକାଶରେ ଦେଖା ଯାଆନ୍ତି ଅନ୍ୟ ନକ୍ଷତ୍ରଗଣ ଆକାଶରେ ମ୍ଳାନ ପଡ଼ିଯାଆନ୍ତି। କିନ୍ତୁ ପୂର୍ବାକାଶରେ ଯେତେବେଳେ ସୂର୍ଯ୍ୟ ଉଦୟ ହୁଏ ନିମିଷକରେ ଚନ୍ଦ୍ରର ଅହଂକାର ମ୍ଳାନ ପଡ଼ିଯାଏ। ରାମକୃଷ୍ଣ ପରମହଂସ ମଧ୍ୟ କହିଥିଲେ ଅହଂକାର ହେଉଛି ମଣିଷ ଜାତିର ଏକ ଦିବ୍ୟଚେତନା।

ଛଦ୍ମବେଶୀ ବ୍ରହ୍ମାଙ୍କୁ ଜାଣିବା ପାଇଁ ଦେବଗଣ ପ୍ରଥମେ ଅଗ୍ନିଙ୍କୁ ଓ ପରେ ବାୟୁଙ୍କୁ ପଠାଇଥିଲେ। ବ୍ରହ୍ମା ପ୍ରଥମେ ଅଗ୍ନିଙ୍କୁ ଓ ପରେ ବାୟୁଙ୍କୁ ତାଙ୍କର ଶକ୍ତି ଓ ସାମର୍ଥ୍ୟ ବିଷୟରେ ପଚାରିଲେ। ଅଗ୍ନି କହିଲେ ‘ମୁଁ ଚାହିଁଲେ ନିମିଷକେ ପୃଥିବୀ ଓ ପୃଥିବୀର ସକଳପଦାର୍ଥକୁ ଜାଳି ପୋଡ଼ି ଭସ୍ମ କରିଦେବି। ବ୍ରହ୍ମା ଏକ ଶୁଷ୍କତୃଣ ରଖି ତା’କୁ ପୋଡ଼ିବାକୁ କହିଲେ। ଅଗ୍ନିଦେବ ସକଳ ଶକ୍ତି ପ୍ରୟୋଗ ସତ୍ତ୍ୱେ ସମର୍ଥ ହୋଇ ନଥିଲେ। ପରେ ବାୟୁ ଦେବ ଠିକ ସେହିପରି ଖଣ୍ଡେ ଶୁଷ୍କ ତୃଣକୁ ଉଡ଼ାଇବାରେ ଅସମର୍ଥ ହୋଇଥିଲେ। ଦୁହେଁ ବାୟୁ ଓ ଅଗ୍ନି କେହି ସମର୍ଥ ହୋଇ ନଥିଲେ। ପରେ ଯେତେବେଳେ ଇନ୍ଦ୍ର ଯକ୍ଷଙ୍କର ପରିଚୟ ଜାଣିବା ପାଇଁ ଗଲେ ଯକ୍ଷ କିନ୍ତୁ ସଙ୍ଗେ ସଙ୍ଗେ ଅନ୍ତର୍ଦ୍ଧାନ ହୋଇଗଲେ। ଇନ୍ଦ୍ର ଯକ୍ଷଙ୍କ ଅଲୌକିକ ମହିମାକୁ ଜାଣି ପାରିଥିଲେ। ଇନ୍ଦ୍ରଙ୍କର ଅହଂକାର ନଥିଲା କି ଔଦ୍ଧତ୍ୟ ନଥିଲା। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଭୂମିରୁ ଭୂମା ପର୍ଯ୍ୟନ୍ତ, ତୃଣରୁ ନକ୍ଷତ୍ର ପର୍ଯ୍ୟନ୍ତ ଏ ବିଶ୍ୱର ପ୍ରତିଟି ଧୂଳିକଣା ମଧ୍ୟରେ ଅହଂକାର ବା ‘ମୁଁ’କାର ବିଦ୍ୟମାନ। ଅହଂକାରକୁ ଦୂରେଇ ଦେଲେ ଏ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ମଧୁର, ସୁନ୍ଦର, ଶୋଭାମୟ, ଶିବମୟ ହୋଇଯିବ।

କଟକ, ମୋ: ୭୮୪୭୯୨୧୪୦୦

## ଦେଶର ପ୍ରଗତିରେ ଜନଜାତିଙ୍କ ଭୂମିକା

ରାଜସ୍ମିତା ବାରିକ୍

ଧରିତ୍ରୀ ମାତାର ସୁପୁତ୍ର ଓ ସୁକନ୍ୟା ରୂପେ ଜନଜାତି ବର୍ଗ ପରିଚିତ। ଜଳ, ଜମି ଓ ଜଙ୍ଗଲର ସୁରକ୍ଷା ପାଇଁ ହେଉ ଅବା ସ୍ୱାଧୀନତା ସଂଗ୍ରାମରେ ଜନଜାତିଙ୍କ ଭୂମିକା ଅବିସ୍ମରଣୀୟ। ଜନଜାତି ସମ୍ପ୍ରଦାୟର ସଂସ୍କୃତି, ପ୍ରଥା ଓ ପରମ୍ପରା ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ସେମାନଙ୍କର କର୍ମ ତାଙ୍କୁ ଆଜି ବିଶ୍ୱମାନସରେ ପରିଚିତ କରାଇଛି।

ଭଗବାନ ବିର୍ସାମୁଣ୍ଡାଙ୍କଠାରୁ ସହିଦ ଲକ୍ଷ୍ମଣ ନାୟକଙ୍କ ଯାଏଁ ଅନେକ ବିପ୍ଳବୀ ନେତୃତ୍ୱଙ୍କ ଜୀବନୀ ଆମ ପାଇଁ ଆଦର୍ଶ। ସେହିପରି ‘ଚିପକୋ’ ଆନ୍ଦୋଳନ ହେଉ ଅବା ‘ଅପିକୋ’ ଆନ୍ଦୋଳନ ସମୟରେ ଜନଜାତିବର୍ଗର ମହିଳାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସାମ୍ପ୍ରତିକ ସମୟରେ ଆମ ମୟୂରଭଞ୍ଜ ମାଟିର ତିନି ଜଣ ବ୍ୟକ୍ତିତ୍ୱ ଏହାର ଜ୍ୱଳନ୍ତ ଉଦାହରଣ। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ଜାମ୍ମୁକାଶ୍ମୀରର ପ୍ରଥମ ଉପରାଜ୍ୟପାଳ ତଥା ପୂର୍ବତନ ସିଏଜି ଶ୍ରୀଯୁକ୍ତ ଗିରିଶ ଚନ୍ଦ୍ର ମୁର୍ମୁ ଏବଂ ଡେପୁଟି ଗଭର୍ଣ୍ଣର ଭାବେ ଆରବିଆଇରେ ନିଯୁକ୍ତି ପାଇଥିବା ଶ୍ରୀଯୁକ୍ତ ଶିରୀଶ ଚନ୍ଦ୍ର ମୁର୍ମୁ। ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହିଳା ସଂଘର୍ଷ ଓ ସଶକ୍ତୀକରଣର ପ୍ରତୀକ ହୋଇଥିଲା ବେଳେ ଗିରୀଶ ଚନ୍ଦ୍ର ମୁର୍ମୁ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣିବା ଦିଗରେ ବ୍ୟାପକ ନେତୃତ୍ୱ ନେବା ସହ ବର୍ତ୍ତମାନ ଶ୍ରୀମନ୍ଦିର ଶୃଙ୍ଖଳା କମିଟିର ଅଧ୍ୟକ୍ଷ ଭାବେ ଭକ୍ତ ଓ ସେବାୟତଙ୍କ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଶିରୀଶ ଚନ୍ଦ୍ର ମୁର୍ମୁ ଦେଶର ବିତ୍ତୀୟ ଅଭିବୃଦ୍ଧି ଓ ପ୍ରଗତି କ୍ଷେତ୍ରରେ ନିଜର ପ୍ରତିଭାକୁ ବିନିଯୋଗ କରୁଛନ୍ତି।

ଓଡ଼ିଶାର ଅଗ୍ରଣୀ ଜନଜାତି ନେତା ରୂପେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଦେଶର ଜନଜାତି ବର୍ଗଙ୍କ ସଶକ୍ତୀକରଣ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ବିକାଶ ପାଇଁ ଅହରହ ପରିଶ୍ରମ କରୁଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଆ ହକି ତାରକା ଦିଲ୍ଲୀପ ତିର୍କୀ, ବୀରେନ୍ଦ୍ର ଲାକ୍ରା, ଫୁଟବଲ ଖେଳାଳି ବାଇଚୁଙ୍ଗ ଭୁଟିଆ ଭଳି କ୍ରୀଡ଼ାପ୍ରତିଭା ଆମ ଦେଶର ନାମକୁ ଉଜ୍ଜ୍ୱଳ କରିଛନ୍ତି। ସଦ୍ୟ ସମାପ୍ତ ପ୍ରଥମ ମହିଳା ଦୃଷ୍ଟିବାଧିତ ବିଶ୍ୱକପ ବିଜେତା ଭାରତୀୟ ଦଳରେ ସାମିଲ ଓଡ଼ିଆ ଖେଳାଳି ଫୁଲ ସୋରେନ, ବାସନ୍ତୀ ହାଁସଦା, ପାର୍ବତୀ ମାର୍ଣ୍ଡି ଓ ଯମୁନାରାଣୀ ଟୁଡୁଙ୍କ ଖ୍ୟାତି ଆମ ସମସ୍ତଙ୍କୁ ଗୌରବାନ୍ୱିତ କରିଛି।

କନ୍ଧମାଳ ଜିଲ୍ଲାର ସିମବାଲି ଗ୍ରାମର ଯୁବ ବୈଜ୍ଞାନିକ ଅଭିମନ୍ୟୁ ମଲ୍ଲିକ ଇସ୍ରୋରେ ବୈଜ୍ଞାନିକ ଭାବରେ କାର୍ଯ୍ୟରତ। ଜୈବିକ କୃଷି ଦ୍ୱାରା ସମାଜରେ ବିପ୍ଳବ ଆଣିଥିବା କୋରାପୁଟ ଜିଲ୍ଲାର ମହିଳା ଚାଷୀ ଓ ବିଜ୍ଞାନୀ ପଦ୍ମଶ୍ରୀ କମଳା ପୂଜାରୀଙ୍କ ଅବଦାନ ଯୁବ କୃଷିବିଜ୍ଞାନୀଙ୍କ ପାଇଁ ପ୍ରେରଣା। ବଲାସିଂଘାରୁ ବର୍ଲିନ ଯାଏଁ ନିଜର ସଂଘର୍ଷମୟ ଜୟଯାତ୍ରା ଦ୍ୱାରା ଓଡ଼ିଶାର ଘରେ ଘରେ ପରିଚିତ ଯୁବ ବୈଜ୍ଞାନିକ ଶେଷ କିଷାନଙ୍କ ଜୀବନୀ କାହାକୁ ଅଛପା ନାହିଁ? ପଣ୍ଡିତ ରଘୁନାଥ ମୁର୍ମୁଙ୍କ ‘ଅଲଚିକି ଲିପି’ଠାରୁ ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କ ପର୍ଯ୍ୟନ୍ତ ଅଗଣିତ ସାରସ୍ୱତ ସାଧକଙ୍କ ଅବଦାନ ଅବିସ୍ମରଣୀୟ।

ଛଉ, ଢେମସା, ଦଣ୍ଡାହୁଲିଆ, ଡାପ ନୃତ୍ୟ, ଦାସାୟାଁ ନୃତ୍ୟ, ଦଣ୍ଡନୃତ୍ୟଠୁ ଆରମ୍ଭ କରି ସମରକଳା ନୃତ୍ୟ କ୍ଷେତ୍ରରେ ଜନଜାତିଙ୍କ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ। ସେମାନଙ୍କ ବୟନ ଶିଳ୍ପ ଏବେ ବିଶ୍ୱବଜାରରେ ବହୁଳ ଆଦୃତ। ଆଦିବାସୀଙ୍କ ମୌଳିକ ଖାଦ୍ୟ ମାଣ୍ଡିଆ ଏବେ ଶ୍ରୀଅନ୍ନ ରୂପେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ। ସଉରାମାନଙ୍କ ଚିତ୍ରକଳା ଇଡିତାଲ୍ ବିଭିନ୍ନ ମେଟ୍ରୋ ସହରର ବିଳାସମୟ ଅଟ୍ଟାଳିକାର କାନ୍ଥରେ ଶୋଭାବର୍ଦ୍ଧନ କରୁଛି। ଏବେ ସମୟ ଆସିଛି ଆମେ ସେମାନଙ୍କର ମୌଳିକ କଳାକୃତିକୁ ବିଶ୍ୱଦରବାରରେ ଆହୁରି ପ୍ରଚାର ପ୍ରସାର କରି ଆମ ରାଜ୍ୟର ଗୌରବ ବର୍ଦ୍ଧନ କରିବା ଆବଶ୍ୟକ।

ନୀଳଗିରି(ବାଲେଶ୍ୱର), ମୋ: ୭୦୭୭୨୦୩୬୭୬

## ଭବିଷ୍ୟତ-ଅଙ୍କୁରାରୋପଣ

ଡ:ପ୍ରସନ୍ନ କୁମାର ଗନ୍ତାୟତ

ଆଧୁନିକ ଜୀବନରେ ବ୍ୟସ୍ତବହୁଳତା ମଧ୍ୟରେ ଚାପ ଆଉ ଚିନ୍ତା ଅବାଞ୍ଛିତ ସାଥୀ। ତେଣୁ ମାନସିକ ସୁସ୍ଥତାକୁ ପୋଷଣ କରିବାର ପ୍ରଭାବଶାଳୀ ଉପାୟ ଖୋଜିବା ଜରୁରୀ। ଏହି ଉପାୟ ଯେ ଏକ ବିହନରେ ଲୁଚି ରହିଛି ତାହା ଆମେମାନେ ବୋଧହୁଏ ଲକ୍ଷ୍ୟ କରିନାହୁଁ କିମ୍ବା ଗୁରୁତ୍ୱ ଦେଇନାହୁଁ। ଏକ ଛୋଟ ବିହନରୁ ଉଦ୍ଭିଦ ପର୍ଯ୍ୟନ୍ତ ଯାତ୍ରାରେ ସଫଳତାର ଏକ ଶକ୍ତିଶାଳୀ ମନ୍ତ୍ର ରହିଛି। ଏହା ଆମ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରେ ଏବଂ ପ୍ରେରଣାଦାୟୀ ହୁଏ। ଆଶାର ବିହନଟିଏ ଆମ ମନ ଭିତରେ ରୋପଣ କଲେ ନିଶ୍ଚିତ ଭାବରେ ତାହା ବିଭିନ୍ନପ୍ରକାର ନକାରାତ୍ମକ ମନୋଭାବକୁ ପ୍ରତିହତ କରେ। ସେହିପରି ବିହନ ରୋପଣରେ ନିୟମିତ ଅଳ୍ପ ସମୟ ଉତ୍ସର୍ଗ କରି ଏକ ସଂଗଠିତ ଅଭ୍ୟାସ ମନକୁ ସ୍ଥିରତା ପ୍ରଦାନ କରେ।

ବିହନ ଅଙ୍କୁରିତ ହୋଇ ଉଦ୍ୟାନ କିମ୍ବା ଜଙ୍ଗଲ ସୃଷ୍ଟି କରିବା ମାନସିକ ସ୍ୱାସ୍ଥ୍ୟ ପାଇଁ ଏକ ପ୍ରଭାବଶାଳୀ ଉପାଦାନ, ଯାହା ଚାପ ହ୍ରାସ, ମନୋଭାବ ଉନ୍ନତି ଓ ସଚେତନତା ପ୍ରଦାନ କରେ। ଏହା ଆମକୁ ପ୍ରକୃତି ସହିତ ସଂଯୋଗ ଏବଂ ଧୈର୍ଯ୍ୟକୁ ପ୍ରୋତ୍ସାହିତ କରେ। ଏକ ଛୋଟ ବିହନ, ଆଲୋକ କିମ୍ବା ଅନ୍ଧାରକୁ ଭୟ କରେ ନାହିଁ, ବରଂ ବଢ଼ିବା ପାଇଁ ଉଭୟକୁ ବ୍ୟବହାର କରେ। ବିହନ ଗଜା ହେବା ସଫଳତାକୁ ସୂଚାଏ, ଆତ୍ମସମ୍ମାନ ବୃଦ୍ଧି କରେ ଏବଂ ଆଗାମୀ ପିଢ଼ି ପାଇଁ ଆଶାରୋପଣ କରାଇ ସ୍ୱପ୍ନକୁ ପୋଷଣ କରେ। ଏକ କ୍ଷୁଦ୍ର, ସୁପ୍ତ ବିହନ ଏକ ସଫଳ ଚାରାରେ ପରିଣତ ହେବା ଦ୍ୱାରା ଏକ ସ୍ପଷ୍ଟ ସଫଳତା ଓ ସୃଜନଶୀଳତାର ଭାବନା ମିଳିଥାଏ।

ପ୍ରତ୍ୟେକ ବିହନରେ ଏକ ବିଶାଳ ଜଙ୍ଗଲର ପ୍ରତିଶ୍ରୁତି ଥାଏ। ଏହାର ବୃଦ୍ଧି ଦେଖିବା ଓ ଶାରୀରିକ ଭାବେ ନିୟୋଜିତ ହେବା ଦ୍ୱାରା ଚିନ୍ତାରୁ ବିରତି ମିଳିବା ଭଳି ଅନୁଭବ ହୁଏ। ଛାତ୍ରଛାତ୍ରୀଙ୍କର ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥତା ଶୈକ୍ଷିକ ସଫଳତା ଜୀବନ ପ୍ରସ୍ତୁତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଭାବ ପ୍ରବଣତା, ମାନସିକ, ସାମାଜିକ ଓ ପାରିବାରିକ ଭଳି ଚାପ ଦ୍ୱାରା ବିପଦଗ୍ରସ୍ତ। ତେବେ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ସହାୟକ ପରିବେଶ। ଏହା କିଛି ସମ୍ଭାବନା ହାସଲ ସହ ସ୍ଥିରତା ସୃଷ୍ଟି କରିବା ସାହାଯ୍ୟ କରେ। ଏକ ଆଶାର ବିହନରେ ଏକ ଭବିଷ୍ୟତ ସୃଷ୍ଟି କରିବାର ଦୃଷ୍ଟାନ୍ତ ଥାଏ। ଏହି ପ୍ରକ୍ରିୟା ପ୍ରାକୃତିକ ଜୀବନଚକ୍ର ସହିତ ଏକ ଗଭୀର ସଂଯୋଗକୁ ପ୍ରୋତ୍ସାହିତ କରେ ଏବଂ ନିଃସଙ୍ଗ ଭାବନାର ମୁକାବିଲା କରିବା ସହ ଏକ ସକାରାତ୍ମକ ଭାବନା ଗଠନ କରିବାରେ ସାହାଯ୍ୟ କରିଥାଏ। ଏହି ପ୍ରକ୍ରିୟା ପୁଣି ବୁଝାଇଥାଏ ଯେ ଛୋଟଛୋଟ କାର୍ଯ୍ୟ ମଧ୍ୟ ସମୟ ସହିତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ।

ତେବେ ଆସନ୍ତୁ ଦୟା ଓ ପରୋପକାରର ବିହନ ବୁଣି ଏକ ପ୍ରେମର ଉଦ୍ୟାନ ବା ଜଙ୍ଗଲ ସୃଷ୍ଟି କରିବା। ବିହନ ରୋପଣକୁ ପ୍ରୋତ୍ସାହିତ କରିବା ଏବଂ ଏହାକୁ ଏକ ଅଭ୍ୟାସରେ ପରିଣତ କରିବା। ବିହନ ରୋପଣ ଏକ ଛୋଟ ପରିବର୍ତ୍ତନ ହୋଇପାରେ; କିନ୍ତୁ ଏହା ଏକ ବଡ଼ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଘଟାଏ। ଆଉ ଜ୍ଞାନାତ୍ମକ ସୁସ୍ଥତା ବୃଦ୍ଧି ପାଇଁ ଏକ ସବୁଜ ପଥ ପ୍ରଦାନ କରିପାରେ। ବିହନ ଅଙ୍କୁରିତ ହୋଇ ସତେଯେମିତି ଆମକୁ କହେ - ‘ବିଶ୍ୱାସ କର, ଧ୍ୟାନ ଦିଅ, ହାସଲ କର - ତୁମର ସମୟ ଆସୁଛି। ଆଗକୁ ବଢ଼ିଚାଲ। ପ୍ରୟାସ ସବୁକିଛି ବଦଳାଇ ଦେଇଥାଏ। ସବୁବେଳେ ଅଙ୍ଗୀକାରବଦ୍ଧ ରୁହ।’

(ପ୍ରାକ୍ତନ ଅଧ୍ୟକ୍ଷ) ରାୟଗଡ଼ା
ମୋ: ୮୨୪୯୪୨୫୫୫୧

## ଶବ୍ଦ-ସ୍ଥପତି: କଳିଙ୍ଗଶିଳ୍ପୀ ରାଜକିଶୋର ରାୟ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ରାଜକିଶୋର ରାୟଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା କବିତା ରଚନାରୁ। ‘ଦୀପାଳି’ ନାମକ ସଂକଳନରେ ତାଙ୍କ ବିଦଗ୍ଧ କବିପ୍ରାଣର ପ୍ରକାଶ କି ବର୍ଣ୍ଣିଳ ଓ ଭାବାର୍ଦ୍ର!! କବିତା ସୃଷ୍ଟିରୁ ସେ ଆସନ୍ତି ଗଳ୍ପ ସର୍ଜନାର ଭୂମିକୁ। ମାତ୍ର କବିପ୍ରାଣଟିକୁ ସେ କ’ଣ ବିସର୍ଜନ ଦେଇ ପାରିଛନ୍ତି? ତାହା ସମ୍ଭବ ହୋଇନାହିଁ। ହୋଇପାରେ ନାହିଁ। ପୁଣି ତାଙ୍କ ବ୍ୟକ୍ତିତ୍ୱ ଥିଲା କି ନାଟକୀୟ! ସେ ଅନେକ ଗଳ୍ପରଚନା କରି ଓଡ଼ିଆ ଗଳ୍ପକୁ ନେଇଯାଇ ପାରିଛନ୍ତି ଏକ କାବ୍ୟିକ ପୁଣି ନାଟକୀୟ ସ୍ତରକୁ।

ଓଡ଼ିଆ ଗଳ୍ପର ଅନୁରାଗୀ ପାଠକଙ୍କ ଅନ୍ତରରେ ରାଜକିଶୋର ରାୟଙ୍କ ରଚିତ ‘କଳିଙ୍ଗ ଶିଳ୍ପୀ’ ଗଳ୍ପ ଏପର୍ଯ୍ୟନ୍ତ ଯେ ଅମ୍ଳାନଜ୍ୟୋତିରେ ଭାସ୍ୱର - ଏହା ପ୍ରମାଣର କୌଣସି ଅପେକ୍ଷା ରଖେ ନାହିଁ। ବିଷୟ ପରିକଳ୍ପନା, ଉପସ୍ଥାପନ ଶୈଳୀ, ଶବ୍ଦନିର୍ମାଣ, ଚରିତ୍ର ଚିତ୍ରଣ- ସବୁଦୃଷ୍ଟିରୁ ଗଳ୍ପଟି ଏପରି ରସୋତ୍ତୀର୍ଣ୍ଣ ହୋଇଛି ଯେ, ତାହା ବାରମ୍ବାର ପାଠ କରିବା ଫଳରେ ଅଧିକରୁ ଅଧିକ ପ୍ରଗାଢ଼ ଭାବରେ ଆନ୍ଦୋଳିତ ହେଉଥାଏ ଅନ୍ତଃସ୍ଥଳ। ସତକୁ ସତ ଏହା କ’ଣ ଏକ ପରିକଳ୍ପିତ ଗଳ୍ପମାତ୍ର? ନା କଳିଙ୍ଗ-ଶିଳ୍ପୀର ଆତ୍ମା ଗାଳ୍ପିକଙ୍କୁ ମାଧ୍ୟମ କରି ନିଜକୁ ପ୍ରକାଶ କରିଛି ସାର୍ଥକ ଭାବରେ? ଏକ ଅଦୃଶ୍ୟ ଶିଳ୍ପୀସତ୍ତା ଦ୍ୱାରା ପରିଚାଳିତ ନ ହେଲେ ଏପରି ଗଳ୍ପ ସର୍ଜନା ଯେ ସମ୍ଭବ ନୁହେଁ, ଏହା ଯେ କେହି ଉପଲବ୍ଧି କରିପାରିବେ ନିବିଡ଼ ଭାବରେ ନିଶ୍ଚୟ।

ରାଜକିଶୋର ରାୟ ଥିଲେ ଜଣେ ଉଚ୍ଚକୋଟୀର ସମାଜ ସଚେତନ ଗାଳ୍ପିକ। ‘ଆଚାର୍ଯ୍ୟେ ଥିଲେ ବୋଲି’ ଗଳ୍ପଟିରେ ପ୍ରଦର୍ଶନପ୍ରିୟ ମଣିଷମାନଙ୍କ ଛଦ୍ମତାକୁ ସେ ପ୍ରକଟ କରିଦେଇପାରିଛନ୍ତି ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ନେଇ। ଏହା ତେଣୁ ପାଠକ ସମାଜକୁ ପ୍ରଦାନ କରିପାରିଛି ବିରଳ ସନ୍ଦେଶ। ବାସ୍ତବତାକୁ ପ୍ରାଣବନ୍ତ ଭାବରେ ଚିତ୍ରଣ କରିବା କେବଳ ଜଣେ ସଚ୍ଚୋଟ ଗାଳ୍ପିକର ଲକ୍ଷ୍ୟ ନୁହେଁ। ତା’ ମଧ୍ୟରେ ଏପରି ଏକ ଚରିତ୍ର, ଏପରି ଏକ ସଂକେତ ବା ଅନୁରୂପ ଏକ ନାମକରଣ ଦ୍ୱାରା ପାଠକ ମଧ୍ୟରେ ଥିବା ପ୍ରକୃତ ମନୁଷ୍ୟତା ସେ ଜାଗ୍ରତ କରିଦିଅନ୍ତି ଅସାମାନ୍ୟ କଳାର କାଳୋତ୍ତୀର୍ଣ୍ଣ ସ୍ପର୍ଶ ଦେଇ। ରାଜକିଶୋର ରାୟଙ୍କ ଗଳ୍ପ ସଂକଳନଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରନ୍ତି : ‘ନୀଳ ଲହରୀ’, ‘ବିକଚ ଶତଦଳ’, ‘ଅଶୋକ ଚକ୍ର’, ‘ବନଜ୍ୟୋତ୍ସ୍ନା’, ‘ଜୟଶ୍ରୀ’, ‘ଜୟଶଙ୍ଖ’, ‘ଏହିକି ଦେବାୟତନ’, ‘ମନର ମୃଣାଳ’, ‘ଶୋଣିତ କାବ୍ୟ’, ‘ପଙ୍କ ଚନ୍ଦନ’ ଆଦି। ତାଙ୍କ ଗଳ୍ପ ପଠନ ବେଳେ ଅନୁଭୂତ ହୁଏ ସେ ନିଜେ କବିତା ପରି ବିଗଳିତ, ସମ୍ବେଦନଶୀଳ ମଣିଷ ଭାବରେ ସର୍ବତ୍ର ସଂଚରିତ ଆଉ ସ୍ୱୟଂ ମାର୍ମିକ ନାଟ୍ୟ-ଦୃଶ୍ୟ ପରି ପାଠକ ଆଗରେ ପ୍ରତିଭାତ।

ଏ ପ୍ରସଙ୍ଗରେ ଆମେ ଫେରି ଚାହିଁବା ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ମହାରଣାକୁ। ରାଜା ବସୁଭୂମାଙ୍କ ଆଦେଶ ଅନୁସାରେ ଗଢ଼ିଛି ପଥରର ମୂର୍ତ୍ତି ସେ। ତମାଳ ଶାଖାରୁ ଏକ ତ୍ରସ୍ତା ଶୁକପକ୍ଷୀ ଉଡ଼ିଆସି ଯୁବତୀର କର୍ଣ୍ଣଭୂଷାକୁ ଚଞ୍ଚୁଦ୍ୱାରା ଆଘାତ କରୁଛି। ଉଦ୍ୟାନରେ ଭ୍ରମଣରତ ରାଜା ଯୁବତୀଟିକୁ ଭୟମୁକ୍ତ କରିବାର ପ୍ରୟାସ କଲା ବେଳେ ଶୁକପକ୍ଷୀ ତରୁଣ ରାଜାଙ୍କ ବକ୍ଷଦେଶକୁ ବିଦ୍ଧ କରୁଛି। ନଖାଘାତରେ ପୁଣି କରୁଛି କ୍ଷତାକ୍ତ। ସେଥିରୁ ଝର ଝର ହୋଇ ଯେଉଁ ରକ୍ତଧାରା ବହି ଆସୁଛି, ତରୁଣୀଟି ନିଜ ଅଧର ସଂଯୁକ୍ତ କରି ଶୋଷି ନେଉଛି ସେଇ ରକ୍ତ। ଏହି ଦୃଶ୍ୟକୁ ଓଡ଼ିଆ ଶିଳ୍ପୀ ପ୍ରସ୍ତର ଖଣ୍ଡରେ ରୂପ ଦେବା ବେଳେ ତାହା ସତେ କି ପାଇଛି ଜୀବନ୍ୟାସ। ପ୍ରସ୍ତର ଗାତ୍ରରେ ଜୀବନ ସଂଚାର-କ୍ଷମ ଭାସ୍କର୍ଯ୍ୟ ଶିଳ୍ପୀ ପରି ରାଜକିଶୋର ରାୟ ଶବ୍ଦ ମଧ୍ୟରେ ଭରି ଦେଇଛନ୍ତି ପ୍ରେମାନୁରକ୍ତିର ପବିତ୍ର ରକ୍ତଧାରା। ଏହି ଗୋଟିଏ ବିନ୍ଦୁରେ ଭାସ୍କର୍ଯ୍ୟଶିଳ୍ପୀ ଓ ସାହିତ୍ୟ ଶିଳ୍ପୀ ମଧ୍ୟରେ ରହେନା ତାରତମ୍ୟ। ଶିଳ୍ପକଳାକୁ ଯେଉଁମାନେ ମନେକରନ୍ତି ଏକ ବାହ୍ୟ କଳାକୌଶଳ ବୋଲି ସତେ କି ସେଇ ସମସ୍ତଙ୍କ ଅନ୍ତଃଦୃଷ୍ଟି ଉନ୍ମୋଚନ କରିଦେଇଛନ୍ତି ଗାଳ୍ପିକ ଅସାମାନ୍ୟ ଆନ୍ତରିକତାର ସହ। ରକ୍ତତର୍ପଣ ବିନା ଯେ କୌଣସିପ୍ରକାର କଳା ହୋଇପାରେ ନାହିଁ କାଳଜୟୀ - ଏହି ମର୍ମବାଣୀ ରାଜକିଶୋର ରାୟ ପ୍ରତିପନ୍ନ କରି ଦେଇଛନ୍ତି ପ୍ରଭାବଶାଳୀ ଭାବରେ।

ତାଙ୍କ ଗଳ୍ପରେ ମାନବୀୟ ସମ୍ବେଦନା ଯେପରି ରହିଛି, ସେପରି ମଧ୍ୟ ପ୍ରକାଶିତ ହୋଇଛି ତଥାକଥିତ ସଭ୍ୟ ମଣିଷ ପ୍ରତି ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ। ଜଣେ ସାଧୁ କଥାଶିଳ୍ପୀ ଭାବରେ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ନିମିତ୍ତ ସେ ନିରବଚ୍ଛିନ୍ନ ଭାବରେ ଲେଖନୀ ଚାଳନା କରିଛନ୍ତି। ରାଜକିଶୋର ନିଜସ୍ୱ ଯେଉଁ ରାୟ ସଂରକ୍ଷିତ ରଖି ଦେଇଛନ୍ତି ଗଳ୍ପସୃଜନରେ ତଦନୁଯାୟୀ କ’ଣ ଗଢ଼ି ଉଠି ନ ପାରେ ଏକ ନୂତନ ସମାଜ? ନୂତନ ମୂଲ୍ୟବୋଧ?।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. ‘ସକାଳ’ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. ‘ସକାଳ’କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. ‘ସକାଳ’ ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନ ସେବା ବନ୍ଦ ନିଷ୍ପତ୍ତି

# କଡ଼ା ସମାଲୋଚନା କଲା ବିଜେଡି

ଭୁବନେଶ୍ୱର,୨୧।୧(ସମିସ): ବିଜେଡି ସରକାର ୧୫ ମେ ୨୦୨୩ରେ ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନ ସେବା ଆରମ୍ଭ କରିଥିଲେ। ୟୁଏଇରେ ଥିବା ୪୦,୦୦୦ରୁ ଅଧିକ ଓଡ଼ିଆଙ୍କ ପାଇଁ ସପ୍ତାହରେ ତିନିଥର ସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଆସନ୍ତା ମାର୍ଚ୍ଚ ୩୦ ତାରିଖରୁ ଇଣ୍ଡିଗୋ ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନକୁ ବନ୍ଦ କରିବାକୁ ଆପାତତଃ ନିଷ୍ପତ୍ତି ସରିଥିବା ଜଣାପଡ଼ିଛି। ପର୍ଯ୍ୟଟନ, ବାଣିଜ୍ୟ ଏବଂ ସଂଯୋଗକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ବିଜେପି ସରକାରଙ୍କୁ ହସ୍ତକ୍ଷେପ କରିବାକୁ ଦାବି କରିଛି ବିଜେଡି। ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି ଦୁବାଇରୁ ଭୁବନେଶ୍ୱରକୁ ସିଧାସଳଖ ବିମାନ ସେବା ବନ୍ଦ କରିବା ପାଇଁ ବିଜେପି ସରକାରଙ୍କ ନିଷ୍ପତ୍ତିକୁ ନିନ୍ଦା କରିଛନ୍ତି। ସିଧାସଳଖ ବିମାନ ସେବା ବନ୍ଦ କରିବା ବିଜେପି ସରକାରଙ୍କ ଅଯୋଗ୍ୟତାର ଆଉ ଏକ ସଙ୍କେତ। ଏହି ନିଷ୍ପତ୍ତି ଦ୍ୱାରା ୟୁଏଇରେ ୪୦,୦୦୦ରୁ ଅଧିକ ଓଡ଼ିଆଙ୍କ ଗମନାଗମନ ଏବଂ ସଂଯୋଗକୁ ପ୍ରଭାବିତ କରିବା ସହ ସିଧାସଳଖ ସେମାନେ କ୍ଷତିର ସମ୍ମୁଖୀନ ହେବେ ବୋଲି ଡ. ମହାନ୍ତି କ୍ଷୋଭ ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ ଇଣ୍ଡିଗୋ ଏୟାରଲାଇନ୍ସର ସେବାରେ ଯେଉଁ ଅସ୍ଥିରତା ହେଉଛି ତାହା ଓଡ଼ିଶାକୁ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ସିଧାସଳଖ ଅନ୍ତର୍ଜାତୀୟ ବିମାନ ଜାରି ରଖିବା ନେଇ ଅନିଶ୍ଚିତତା ସୃଷ୍ଟି ହେଉଛି। ୩୦ ମାର୍ଚ୍ଚ ପରେ ଦୁବାଇ-ଭୁବନେଶ୍ୱର ରୁଟ୍ ପାଇଁ ଅନ୍‌ଲାଇନ୍ ବୁକିଂ ବର୍ତ୍ତମାନ

- ବିମାନ ସେବା ବନ୍ଦ କରିବା ଅଯୋଗ୍ୟତାର ସଙ୍କେତ
- ୪୦,୦୦୦ରୁ ଅଧିକ ଓଡ଼ିଆଙ୍କ ଗମନାଗମନ ଏବଂ ସଂଯୋଗକୁ କରିବ ପ୍ରଭାବିତ
- ହସ୍ତକ୍ଷେପ କରନ୍ତୁ ସରକାର

ଗ୍ରହଣ କରାଯାଉନାହିଁ। ଏହା ଓଡିଆ ଯାତ୍ରୀମାନଙ୍କ ମଧ୍ୟରେ ହଇଚଇ ସୃଷ୍ଟି କରିଛି। ଭୁବନେଶ୍ୱର-ଦୁବାଇ ସିଧାସଳଖ ବିମାନକୁ ୧୫ ମଇ ୨୦୨୩ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଆରମ୍ଭ କରାଯାଇଥିଲା। ଇଣ୍ଡିଗୋ ଏୟାରଲାଇନ୍ସ ଦ୍ୱାରା ପରିଚାଳିତ ଏହି ସେବା ସପ୍ତାହରେ ତିନିଥର ଚାଲିଥିଲା ଏବଂ ଓଡ଼ିଶାର ଅନ୍ତର୍ଜାତୀୟ ବିମାନ ଚଳାଚଳ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ଭାବରେ ପ୍ରଶଂସିତ ହୋଇଥିଲା। ସିଧାସଳଖ ବିମାନ ପ୍ରଚଳନ ହେବା ପରେ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଯାତ୍ରା କେନ୍ଦ୍ର ଭାବରେ ଦୁବାଇ ସ୍ଥିତି ରାଜ୍ୟ ପାଇଁ ନିବେଶ, ବାଣିଜ୍ୟ ଏବଂ ପର୍ଯ୍ୟଟନ ପାଇଁ ନୂତନ ରାସ୍ତା ଖୋଲିଥିଲା। ଏହା ସହିତ ସାରା ବିଶ୍ୱରୁ ଓଡ଼ିଶାକୁ ପରିଦର୍ଶନ କରିବାକୁ ଚାହୁଁଥିବା ଅବସର ବିନୋଦନ ଯାତ୍ରୀଙ୍କ ପାଇଁ ବହୁବିଧ ବିକଳ୍ପ ପ୍ରଦାନ କରୁଥିଲା। ବିଜେଡି ସରକାର ବଜେଟରେ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ। ସେବାର ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ପ୍ରତିବର୍ଷ ୧୦୦ କୋଟି ଟଙ୍କାର ଭାୟାବିଲିଟି ଗ୍ୟାପ୍ ପାଣ୍ଠି ପ୍ରଦାନ କରାଯାଇଥିଲା। ଏହି ଅନନ୍ୟ ବିମାନ ସଂଯୋଗ ପ୍ରକଳ୍ପ ଅଧୀନରେ, ଯାତ୍ରୀଙ୍କ ବାସ ସ୍ଥାନ ସ୍ଥିର ହେବା ଏବଂ ରୁଟ୍ ବାଣିଜ୍ୟିକ ଭାବରେ ସମ୍ଭବ ନହେବା ପର୍ଯ୍ୟନ୍ତ ରାଜ୍ୟକୁ ବିମାନ କମ୍ପାନୀକୁ ସମର୍ଥନ କରିବା ପାଇଁ ପରିଚାଳନାଗତ ଖର୍ଚ୍ଚର ଏକ ଅଂଶ ବହନ କରିବାକୁ ପଡିଥିଲା। ପର୍ଯ୍ୟଟନ, ବାଣିଜ୍ୟ ଏବଂ ସଂଯୋଗୀକରଣକୁ ସୁରକ୍ଷିତ ରଖିବା ପାଇଁ ବିଜେପି ସରକାରଙ୍କୁ ହସ୍ତକ୍ଷେପ କରିବାକୁ ବିଜେଡି ଦାବି କରିଛି।

# ବଜ୍ରକାପ୍ତା କାତି ଜବତ, ୩ ଗିରଫ



ରାଜନଗର, ୨୧।୧ (ସମିସ): ବଜ୍ରକାପ୍ତା ଡିଲ୍ ବେଳେ ମାଡ଼ି ବସିଲା ବନ ବିଭାଗ। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନ ବିଭାଗ ଟିମ୍ ଆଜି ଅପରାହ୍ନରେ ଏକ ବନ୍ୟଜନ୍ତୁ ତସ୍କର ଗ୍ୟାଙ୍ଗର ପର୍ଦ୍ଦାଫାସ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ପଟ୍ଟାମୁଣ୍ଡାଇର ଏସ୍.କେ ବରଖାଇତୁଲ୍ଲା, ଷଣ୍ଢପଲ୍ଲୀ ଗାଁର ଅଭିରାମ ମଲ୍ଲିକ ଓ ରାଜକିଶୋର ମଲ୍ଲିକ। ସେମାନଙ୍କଠାରୁ ୧୪ଟି ବଜ୍ରକାପ୍ତା କାତି, ୩ଟି ମୋବାଇଲ, ଦୁଇଟି ବାଇକ୍ ଜବତ ହୋଇଛି। ବନ ବିଭାଗ ସେମାନଙ୍କୁ ଗିରଫ କରି ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ଅଧିକ ପଚରାଉଚରା କରୁଛି। ଅପରପକ୍ଷେ, ଭିତରକନିକା ଅଞ୍ଚଳରେ ବଜ୍ରକାପ୍ତା କାତି ଜବତ ହେବା ପ୍ରଥମ ଘଟଣା ହୋଇଥିବାରୁ ବନବିଭାଗ ଅଧିକ ତତ୍ପର ହୋଇପଡ଼ିଛି। ପ୍ରାଥମିକ ତଦନ୍ତରୁ ବନ ବିଭାଗ ଜାଣିବାକୁ ପାଇଛି ଯେ ଏମାନେ ବାଲେଶ୍ୱର ଜିଲ୍ଲା କୁଲଡିହା ଜଙ୍ଗଲରେ ବଜ୍ରକାପ୍ତାକୁ ମାରି ତା'ର କାତିକୁ ବିକ୍ରି କରିବାକୁ ଆଣିଥିଲେ। ଶିକାରୀଙ୍କୁ ଗିରଫ କରିବା ପାଇଁ ଏସଟିଏଫ ଟିମ, ବାଲେଶ୍ୱର ବନ ବିଭାଗ ଟିମ ଓ ରାଜନଗର ବନ ବିଭାଗ ଟିମ ମିଳିତ ଭାବେ ଚଢ଼ଉ କରିଥିଲା। ବନ ବିଭାଗର ଜଣେ କର୍ମଚାରୀ ଗ୍ରାହକ ସାଜି ୭୦ ହଜାର ଟଙ୍କା ନେଇ ପହଞ୍ଚିଥିଲେ। ବଜ୍ରକାପ୍ତା କାତି ବେପାରୀ ଟଙ୍କା ଧରିବା ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଟିମ ୩ ଜଣ ବେପାରୀଙ୍କୁ ମାଡି ବସିଥିଲା।

## ଧାନ ବେପାରୀଙ୍କୁ ବାନ୍ଧିଲେ ଗ୍ରାମବାସୀ

ଉଦଳା, ୨୧।୧(ସମିସ): ଆଖିରେ ଆଙ୍ଗୁଠି ଗେଞ୍ଜି ବସ୍ତା ପିଛା ୧୬ କେଜି କାଟି ଧାନ କିଣୁଥିବା ଜଣେ ଧାନ ବେପାରୀଙ୍କୁ ଗ୍ରାମବାସୀ ଦଉଡ଼ିରେ ବାନ୍ଧି ଅଟକ ରଖିବା ଘଟଣା ଉଦଳା ବ୍ଲକ୍‌ରେ ଚର୍ଚ୍ଚାର ବିଷୟ ହୋଇଛି। ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଧାନ ବେପାରୀ ଏହାର ଫାଇଦା ନେବାକୁ ଗାଁ ଗାଁରେ ଘୂରି ବୁଲୁଛନ୍ତି। ଶାଗମାଛ ଦରରେ ଚାଷୀଙ୍କଠାରୁ ସେମାନେ ଧାନ କିଣି ନେଇଯାଉଛନ୍ତି। ଆଜି ଜଣେ ଧାନବେପାରୀ ଉଦଳା ଥାନା କଇଁସାରି ଗ୍ରାମରେ ପହଞ୍ଚି ଚାଷୀଙ୍କଠାରୁ ଧାନ କିଣିଥିଲେ। ହେଲେ ବସ୍ତା ପିଛା ସେ ୧୬ କେଜି ହିସାବରେ କଟନୀଛଟନୀ କରିବାରୁ ଗ୍ରାମବାସୀ ତାତି ଯାଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ଏକ ଦଉଡ଼ିରେ ତାଙ୍କୁ ବାନ୍ଧି ପକାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବେପାରୀଙ୍କୁ ଉଦ୍ଧାର କରିଥିଲା।

# ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିରୋଧରେ ହାଇକୋର୍ଟଙ୍କ ଗିରଫ ପରୱାନା

କଟକ,୨୧।୧(ସମିସ): ହାଇକୋର୍ଟଙ୍କ ଆଦେଶ ଅନୁପାଳନ ନ କରିବା ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଅଡୁଆରେ ପକାଇଛି। ଏକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଢେଙ୍କାନାଳ ଡିଇଓ ପରେଶ ପାତ୍ରଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି ହାଇକୋର୍ଟ। ଜାନୁଆରି ୨୨ରେ ଡିଇଓଙ୍କୁ ହାଜର କରାଇବା ପାଇଁ ଏହି ଗିରଫ ପରୱାନା ଜାରି କରାଯାଇଛି। ଶଶିଭୂଷଣ ମହାପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କୃଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇନଥିବା ସମ୍ପର୍କରେ ସମ୍ପୃକ୍ତ ଡିଇଓ ସ୍ପଷ୍ଟୀକରଣ ରଖିବେ। ଯଦି ପୂର୍ବ ଆଦେଶ ପାଳନ କରାଯାଏ, ତେବେ ଡିଇଓଙ୍କ ବିରୋଧରେ ଏହି ନିର୍ଦ୍ଦେଶ ଆଧାରରେ କୌଣସି କଠୋର୍ ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ଓ ପ୍ରୀତି ପୁଣ୍ୟତୋୟା ମାମଲା ପରିଚାଳନା କରୁଛନ୍ତି। ମାମଲାରୁ ପ୍ରକାଶ ଯେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ଅଧୀନ ମକୁଆକାଟେଣି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ରୁଦ୍ରମୋହନ ମହାପାତ୍ରଙ୍କ ୨୦୧୧ରେ ବିୟୋଗ ହୋଇଥିଲା। ତାଙ୍କ ପୁଅ ତଥା ଆବେଦନକାରୀଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରସଙ୍ଗରେ ଦୁଇ ମାସ ଭିତରେ ବିଚାର କରିବାକୁ ଢେଙ୍କାନାଳ ଡିଇଓଙ୍କୁ ଗତ ୨୦୨୫ ସେପ୍ଟେମ୍ବର ୯ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ କରି ଗତ ଡିସେମ୍ବରରେ ଆବେଦନକାରୀ ଡିଇଓ ଶ୍ରୀ ପାତ୍ରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହକ୍ ମାଗୁଛି...

ଏଫସିଆଇ ଜରିଆରେ ଯଦି କେନ୍ଦ୍ର ଉଷୁନା ଧାନ ନ ଉଠାଉଥିବା ମଧ୍ୟ ଆଉ ଏକ ସମସ୍ୟାକୁ ଜନ୍ମ ଦେଇଛି। ଅପରପକ୍ଷରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡ଼ିଶା ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସିଥିଲେ ବି ତାହା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ। ଆସାମ ଓ ବିହାରରେ ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ଗତ ବଜେଟ୍‌ରେ ବିପୁଳ ଅନୁଦାନ ପ୍ରଦାନ କରାଯାଇଥିଲେ ବି ଓଡ଼ିଶା ଏଥିରୁ ବଞ୍ଚିତ ହୋଇଥିଲା। ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ସହ ସ୍ୱତନ୍ତ୍ର ଧାନକୈନ୍ଦ୍ରିକ ରାଜ୍ୟ ପାଇଁ ଓଡ଼ିଶା ଦୀର୍ଘଦିନ ଧରି ଦାବି କରି ଆସିଛି, ସରକାରରେ ଥିବା ସମୟରେ ବିଜେଡି ଏହା ଉପରେ ଗୁରୁତ୍ୱ ଦେଇଥିଲା ଓ ଏବେ ବି ଏହି ପ୍ରସଙ୍ଗକୁ ସଂସଦରେ ବାରମ୍ବାର ଉଠାଇଛି। ମାତ୍ର ଆଗାମୀ ବଜେଟ୍‌ରେ ଏହି ପ୍ରସଙ୍ଗ ଉପରେ କେନ୍ଦ୍ର ସରକାର କି ଆଭିମୁଖ୍ୟ ରଖିବେ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ।

ଏହି ସବୁ ପ୍ରସଙ୍ଗ ଭିନ୍ନ କୋଇଲା ରୟାଲଟି ସଂଶୋଧନ ଦାବି ୨୦୧୪ରୁ ପଡ଼ି ରହିଛି। ଟ୍ରିବ୍ୟୁନାଲରେ ବହୁଚର୍ଚ୍ଚିତ ମହାନଦୀ ବିବାଦ ଗଡୁଛି। ଆପୋସ ଆଲୋଚନାର ସଂଜ୍ଞା ନିର୍ଦ୍ଧାରଣ ହୋଇ ପାରୁନାହିଁ। କୋଟିଆ ଏବଂ ଅନ୍ୟ ସୀମା ବିବାଦ ଅସମାଧିତ, ପୋଲାଭରମ୍‌ରେ କେନ୍ଦ୍ର ଓଡ଼ିଶା ପକ୍ଷରୁ ସମ୍ପୂର୍ଣ୍ଣ ଅଣଦେଖା କରି ଆନ୍ଧ୍ରକୁ ଆଖିବୁଜା ସମର୍ଥନ ଓ ଅନୁଦାନ ଦେଇଛି। ତେଣୁ ଆନ୍ତଃ ରାଜ୍ୟ ସୀମା ଓ ଜଳବିବାଦରେ କେନ୍ଦ୍ର ଅଧିକ ସକ୍ରିୟ ଓ ଗଠନ ମୂଳକ ଭୂମିକା ନିର୍ବାହ କରିବାର ଆବଶ୍ୟକତା ଥିବା ସମୟରେ କେନ୍ଦ୍ରର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ନିବଦ୍ଧ ହୋଇଛି । ଅପରପକ୍ଷରେ ଭଦ୍ରକ ଜିଲ୍ଲାରେ ଘୋଷିତ ବୟନଶିଳ୍ପ ପାର୍କ, ବହୁ ଚର୍ଚ୍ଚିତ କୋଷ୍ଟାଲ ହାଇୱେ, ବରଗଡ଼ର ଇଥାନଲ କାରଖାନାର ଭବିଷ୍ୟତ ଏବେ ବି ନିଶ୍ଚିତ ହୋଇ ନାହିଁ। କେନ୍ଦ୍ର ସରକାର ବନ୍ଦ କରି ଦେଇଥିବା ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି(ବିଆରଜିଏଫ), କେବିକେ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ସହାୟତା(ଏସସିଏଫରକେବିକେ), ସମନ୍ୱିତ କାର୍ଯ୍ୟ ଅନୁଦାନ ଯୋଜନା(ଆଇଏପି), ଜାତୀୟ ଇ-ଗଭର୍ଣ୍ଣାନ୍ସ ଆକ୍ସନ ପ୍ଲାନ(ଏନ୍‌ଇଜିଏପି), ରାଜୀବଗାନ୍ଧୀ ପଞ୍ଚାୟତ ସଶକ୍ତୀକରଣ ଅଭିଯାନ(ଆରଜିପିଏସଏ), ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଣ୍ଠି(ଟିଆଇ), ପୁଲିସ୍ ବାହିନୀର ଆଧୁନିକୀକରଣ(ଏମପିଏଫ୍), ଖାଦ୍ୟ ପ୍ରକ୍ରିୟାକରଣ ନିମିତ୍ତ ଜାତୀୟ ମିଶନ୍(ଏନଏମଏଫପିଏସ)କୁ ଭରଣା କରିବା ପରି ପଦକ୍ଷେପ ଏଯାଏ ନିଆଯାଇ ନାହିଁ। ମନରେଗା ଯୋଜନା ବନ୍ଦ କରାଯାଇ ବି ଭି ଜି ରାମ ଜି ଯୋଜନା ଆରମ୍ଭ ହେବା ପରେ ଏହାର ଚାପ ଓଡ଼ିଶା ଉପରେ ଅଧିକ ପଡ଼ିବ ବୋଲି ଆକଳନ କରାଯାଉଛି । ଏହାକୁ କିପରି ରାଜ୍ୟ ସରକାର ଭରଣା କରିବେ ତାହା ବି ସ୍ପଷ୍ଟ ହୋଇ ନାହିଁ। ରାଜ୍ୟର ୧୦ ଲକ୍ଷ ଲୋକଙ୍କୁ ଜାନୁଆରୀ ମାସ ସୁଦ୍ଧା ଆବାସ ମିଳିବ ବୋଲି ଘୋଷଣା କେବଳ ଘୋଷଣା ମଧ୍ୟରେ ଅଟକି ରହିଛି । କେନ୍ଦ୍ର ସରକାରଙ୍କ କାଳକ୍ଷେପଣନୀତି କାରଣରୁ ରାଜ୍ୟରେ ଓଡ଼ିଶା ସାମୁଦ୍ରିକ ବୋର୍ଡ କାର୍ଯ୍ୟକାରୀ ହୋଇପାରୁ ନାହିଁ। ସ୍ୱତନ୍ତ୍ର ଜଳସେଚନ ଆର୍ଥିକ ଦାୟିତ୍ୱରୁ ମଧ୍ୟ କେନ୍ଦ୍ର ଖସିସାରିଛି। ଜାତୀୟ ଉଦ୍ୟାନ କୃଷି ମିଶନ୍, ଆରକେବିୱାଇ ଇତ୍ୟାଦିର ଅନୁଦାନ ମଧ୍ୟ ଠିକ୍ ସମୟରେ ମିଳୁନାହିଁ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଯଦି ସଂଘୀୟ ଢାଞ୍ଚାରେ ନିଜ ଆର୍ଥିକ କର୍ତ୍ତବ୍ୟ ରାଜ୍ୟର ଆବଶ୍ୟକତା ଅନୁଯାୟୀ ନ କରେ, ତେବେ ରାଜ୍ୟ ଉପରେ ଆର୍ଥିକ ବୋଝ ଓ ଚାପ ତ ବଢ଼ିବ ; ଅନ୍ୟପକ୍ଷରେ କେନ୍ଦ୍ର ବିରୋଧୀ ସ୍ୱର ଅଧିକ ତୀବ୍ର ହେବା ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ଆଗାମୀ ବଜେଟ୍ ଓଡ଼ିଶାର ଡ଼ବଲ ଇଞ୍ଜିନ ସରକାର ପାଇଁ ଅନେକ ଆହ୍ୱାନ ସୃଷ୍ଟି କରିଥିବା ତଥ୍ୟାଭିଜ୍ଞ ମହଲରେ ମତପ୍ରକାଶ ପାଇଛି।

### ୪ ଦିନରେ...

ସମୟରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହା ବ୍ୟତୀତ ଆଗକୁ ଆଉ ଏକ ପଶ୍ଚିମା ଝଡ଼ ସକ୍ରିୟ ହେବାର ରହିଛି। ଏହା ପ୍ରଭାବରେ ଆସନ୍ତା ୨୪ ଓ ୨୫ ତାରିଖରେ ରାଜ୍ୟର ଉତ୍ତର ଉପକୂଳବର୍ତ୍ତୀ କିଛି ଜିଲ୍ଲାରେ ମେଘୁଆ ପାଗ ଆଶଙ୍କା ରହିଛି। ଏହି ସମୟରେ କାଁ ଭାଁ ବର୍ଷା ମଧ୍ୟ ହୋଇପାରେ।

### ତୃଣମୂଳରେ ନୂଆ-ପୁରୁଣା...

ନେତା ରାଜ୍ୟସ୍ତରରେ ପତିଆରା ଦେଖାଇବାରେ ବ୍ୟସ୍ତ ଥିବାବେଳେ ତୃଣମୂଳସ୍ତରରେ ପୁରୁଣା କର୍ମୀ କିନ୍ତୁ ସେମାନଙ୍କୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଯାହାଫଳରେ ସଂଗଠନର ପ୍ରତିଟି କାର୍ଯ୍ୟକ୍ରମରେ ଏହି ନୂଆ-ପୁରୁଣାଙ୍କ ମଧ୍ୟରେ ବିଭେଦ ଜଳଜଳ ହୋଇ ପଦାକୁ ଦିଶୁଛି।

ନୂଆ ଜାତୀୟ ସଭାପତି ସଂଗଠନରେ ଶୃଙ୍ଖଳା ଏବଂ ଦାୟିତ୍ୱର ସୁଷମ ବଣ୍ଟନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ମାତ୍ର ରାଜ୍ୟ ବିଜେପିର ଏହି ଦୁଇଟି ଦିଗ ସର୍ବାଧିକ ଦୁର୍ବଳ ରହିଛି ବୋଲି ରାଜନୈତିକ ସମୀକ୍ଷକ ମତପ୍ରକାଶ କରିଛନ୍ତି। ବିଶେଷକରି ଜିଲ୍ଲା ସଭାପତିଙ୍କଠାରୁ ଆରମ୍ଭ କରି ରାଜ୍ୟ କମିଟି ଯାଏଁ ନୂଆ ନିଯୁକ୍ତିକୁ ନେଇ ବିଭିନ୍ନ ଗୋଷ୍ଠୀ ଅସନ୍ତୁଷ୍ଟ। ନୂତନ ସଭାପତି ଶ୍ରୀ ନବୀନ ଜାତୀୟ ବିଜେପି ଫୋକସରେ ଓଡ଼ିଶା ଥିବା ଉଲ୍ଲେଖ କରି ଖୁବଶୀଘ୍ର ଓଡ଼ିଶା ଆସିବେ ଦଳୀୟ ନେତାଙ୍କୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ଦଳର ରାଷ୍ଟ୍ରୀୟ ସଭାପତିଙ୍କ ପରାମର୍ଶକୁ କେତେ କାର୍ଯ୍ୟକାରୀ କରିବାରେ ସକ୍ଷମ ହେବ ତାହା ଦେଖିବାକୁ କେବଳ ବାକି ରହିଛି ।

### ଭୂସ୍ୱର୍ଗରେ ବି...

ସେପଟେ ଦେଶର ରାଜଧାନୀ ଦିଲ୍ଲୀରେ ପୁଣି ଥ।।ରେ ପ୍ରଦୂଷଣ ପୁଣି ବଢ଼ିବାରେ ଲାଗିଛି। କିଛି ଦିନର ବିରାମ ପରେ ଆଜି ରାଜଧାନୀରେ ବାୟୁ ମାନ ଅତ୍ୟନ୍ତ ଖରାପ ବର୍ଗରେ ରହିଥିଲା। ସହରର ଏକ୍ୟୁଆଇ ୩୩୯ ରେକର୍ଡ କରାଯାଇଛି। କିନ୍ତୁ ଜାହାଙ୍ଗୀରପୁରରେ ଏକ୍ୟୁଆଇ ୩୯୦ ରେକର୍ଡ କରାଯାଉଛି।

### ପୁଅ ଆଗରେ...

ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ଘୋଷଣା କରିଥିଲେ। କ୍ଷୀରୋଦଙ୍କ ସାନ ପୁଅ ପହଞ୍ଚିବା ପରେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟ ପଠାଇଥିଲା। ଦୁର୍ଘଟଣା ପରେ ଟ୍ରକ ଛାଡ଼ି ଚାଳକ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, କ୍ଷୀରୋଦ ଓ ସରୋଜ ଏକ ସ୍କୁଟିରେ ପାଲଲହଡ଼ା ଛାମୁଣ୍ଡା ଅଞ୍ଚଳରେ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ ଘରକୁ ଫେରୁଥିଲେ। ମାଳ୍ୟଗିର ମହାବିଦ୍ୟାଳୟ ସମ୍ମୁଖରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ମହାବିଦ୍ୟାଳୟ ସମ୍ମୁଖରେ ଥିବା ଢାବାରେ ଅନବରତ ଗାଡ଼ି ଛିଡା ହେଉଥିବାରୁ ରାସ୍ତା ସଙ୍କୁଚିତ ହୋଇ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

### ଗଛରେ ପିଟିହେଲା...

ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଦୀପକଙ୍କ ନାନୀଙ୍କର ବାହାଘର ୬ ଦିନ ପରେ ହେବାକୁ ଥିବା ବେଳେ ତାଙ୍କର ଏଭଳି ମୃତ୍ୟୁରେ ପୂରା ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏନେଇ ପଡ଼ିଆ ଥାନାରେ ମାମଲା ରୁଜୁ କରି ଥାନା ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ବାଘ ଘଟଣାର ତଦନ୍ତ କରୁଛନ୍ତି।

### କଳାତାଲିକାଭୁକ୍ତ ସଂସ୍ଥାକୁ...

କାର୍ଯ୍ୟ ଭାରତୀୟ ସଂଚାର ନିଗମ (ବିଏସ୍‌ଏନ୍‌ଏଲ୍) କରୁଥିଲା। ଅବଧି ଶେଷ ପରେ ବିଏସ୍‌ଏନ୍‌ଏଲ୍ ମଧ୍ୟ କାମକୁ ଆଗକୁ ବଢ଼ାଇ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିଲା। ହେଲେ ବିଏସ୍‌ଏନ୍‌ଏଲ ଓ 'ଟିସିଆଇଏଲ୍' ଭଳି ସରକାରୀ ସଂସ୍ଥା ଦ୍ୱୟକୁ ବାଦ୍ ଦେଇ ଏହି କାମ ସମ୍ପୃକ୍ତ ଘରୋଇ ସଂସ୍ଥା ହାତକୁ ଟେକି ଦେବାକୁ ଉଦ୍ୟମ ଚାଲିଛି। ଏହି ଦ୍ୱୟ ସରକାରୀ ସଂସ୍ଥା ଉକ୍ତ କାର୍ଯ୍ୟ ପାଇଁ ଆଗ୍ରହ ପ୍ରକାଶ କରି ରାଜ୍ୟ ସରକାର ଟେଣ୍ଡର ବିଧିବ୍ୟବସ୍ଥା ଅନୁଯାୟୀ ଆବେଦନ କରିଥିଲେ। ମାତ୍ର ସମସ୍ତ ଯୋଗ୍ୟତା ସତ୍ତ୍ୱେ ଏହି ସରକାରୀ ସଂସ୍ଥା ଦ୍ୱୟକୁ ବାଦ୍ ଦିଆଯାଇ 'ସି-ଡିଏସି'କୁ କାର୍ଯ୍ୟ ପ୍ରଦାନ ପାଇଁ ବିଭାଗର ଜିଦ୍ ଏକ ବଡ଼ ହେରଫେର ଦିଗ ପ୍ରତି ଇଙ୍ଗିତ କରିଛି । ଏଥିପାଇଁ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଏସ୍‌ଟିଏ କାର୍ଯ୍ୟାଳୟ ଉପରେ ସନ୍ଦେହ ପ୍ରକଟ କରିଛି ଓଡ଼ିଶା ଭେହିକିଲ୍ ଡିଲର ଆସୋସିଏସନ।

ଟେଣ୍ଡର ନିୟମ ଅନୁଯାୟୀ କେବଳ ସୋସାଇଟି ଆକ୍ଟରେ ପଞ୍ଜିକରଣ ସଂସ୍ଥା ଓ ରାଜ୍ୟରେ ଜିଏସ୍‌ଟି କରିଥିବା ସଂସ୍ଥାକୁ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ହେଲେ 'ସି-ଡିଏସି' କ୍ଷେତ୍ରରେ ଏହାକୁ କୋହଳ କରାଯାଇଛି। 'ସିଡିଏସି' ଅଲଗା ରାଜ୍ୟର ପଞ୍ଜିକୃତ ଏକ ସଂସ୍ଥା। କାର୍ଯ୍ୟରେ ଅନିୟମିତତା ନିମନ୍ତେ ଅତୀତରେ ପଶ୍ଚିମବଙ୍ଗ ସରକାର ଏହି ସଂସ୍ଥା ଉପରେ ବିପୁଳ ଜୋରିମାନା ଲାଗୁ କରିବା ସହ ଏହି ସଂସ୍ଥାର କାର୍ଯ୍ୟାଦେଶ ବାତିଲ କରିଛନ୍ତି। ସେହିପରି ପ୍ରଶ୍ନପତ୍ର ଲିକ୍ ମାମଲାରେ ପଞ୍ଜାବ ସରକାର ଏହି ସଂସ୍ଥାକୁ କଳାତାଲିକା ଭୁକ୍ତ କରିଛନ୍ତି। ପୁନଶ୍ଚ କେନ୍ଦ୍ର ସରକାରଙ୍କ ସଂସ୍ଥା ପକ୍ଷରୁ ଦିଆଯାଇଥିବା କଣ୍ଟ୍ରାକ୍ଟ ତୁଳନାରେ ଏହି ସଂସ୍ଥା ୨ ଗୁଣା ଅଧିକ ଦର ଧାର୍ଯ୍ୟ କରିଥିବା ସତ୍ତ୍ୱେ ଏହି ସଂସ୍ଥା ସହିତ ଚୁକ୍ତି କରିବା ପାଇଁ ରାଜ୍ୟ ସରକାର ଆଗ୍ରହ ପ୍ରକାଶ କରିଛନ୍ତି। ଏହି ସଂସ୍ଥା ଆଗାମୀ ୩ ବର୍ଷ ପାଇଁ ୧୪ କୋଟି ଟଙ୍କାରେ ରାଜ୍ୟ ସରକାରଙ୍କ ସହିତ ଚୁକ୍ତିମାନା କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

ପରିବହନ ବିଭାଗର ଏଭଳି କାର୍ଯ୍ୟକୁ ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ ବିରୋଧ କରିବା ସହ ଏକ ଦୁର୍ନୀତିର ଗନ୍ଧ ବାରିଛନ୍ତି। ସେ କହିଛନ୍ତି, ବିନା ଟେଣ୍ଡରରେ ଏବଂ ଏହି କମ୍ପାନୀର ଇଚ୍ଛା ଅନୁସାରେ ବିନା ବ୍ୟାଙ୍କ ଗ୍ୟାରେଣ୍ଟିରେ ଏହି ଚୁକ୍ତିମାନା ସ୍ୱାକ୍ଷର କରିବାକୁ ଯାଉଛନ୍ତି। ବିଏସଏନଲ ସହଯୋଗରେ ଆମ ରାଜ୍ୟରେ ୭୦ ହଜାରରୁ ଊର୍ଦ୍ଧ୍ୱ ଗାଡିରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି। ଭିଏଲଟିଡି ତିଆରି କରୁଥିବା ସଂସ୍ଥା ସହିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ଚଲାଇବା ପାଇଁ ସି-ଡିଏସ. କମ୍ପାନୀ ସହିତ ପରିବହନ ବିଭାଗ କାର୍ଯ୍ୟାଦେଶ ଦେବା ପାଇଁ ଗତ ବର୍ଷେ ହେବ କାର୍ଯ୍ୟ ଆରମ୍ଭ କରିଥିଲା। ଏହି କାର୍ଯ୍ୟାଦେଶ ପ୍ରଦାନରେ ପରିବହନ ବିଭାଗରେ ବ୍ୟାପକ ଅର୍ଥ କାରବାର ହୋଇଛି। ବିରଷ୍ଠ ଆଇନ୍‌ଜୀବୀ ସୁବ୍ରତ ନନ୍ଦ ଏହା ପୂର୍ବରୁ ମୁଖ୍ୟ ଶାସନ ସଚିବ, ପରିବହନ ବିଭାଗର ପ୍ରମୁଖ ସଚିବ, ପରିବହନ କମିଶନର, ଅତିରିକ୍ତ ପରିବହନ କମିଶନର (ବୈଷୟିକ)ଙ୍କ ନିକଟକୁ ନୋଟିସ୍ ପଠାଇଛନ୍ତି। ଆସନ୍ତା ୨୮ ତାରିଖରେ ହେବାକୁ ଥିବା ଚୁକ୍ତିମାନାକୁ ବାତିଲ କରିବାକୁ ଏହି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। ଯଦି ରାଜ୍ୟ ସରକାର ଏହି ସବୁ ଘଟଣାକୁ ଗୁରୁତ୍ୱର ସହ ନେଇ ଚୁକ୍ତି ବାତିଲ ନ କରନ୍ତି ତେବେ ଉଚ୍ଚ ନ୍ୟାୟାଳୟରେ ଏ ସମ୍ପର୍କରେ ମକୋଦ୍ଦମା ଦାଏର କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି।


**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 19.01.2026, I, Janaki Bhuyan, resident At/Po-Goda,Sub Dist-Begunia, Dist-Khordha, Odisha, PIN- 752062, declare that I have changed the name of my Daughter from Chandralekha Bhuyan to Chitralekha Bhuyan . Henceforth, she shall be known as CHITRALEKHA BHUYAN for all purposes.

(Janaki Bhuyan)

**OFFICE OF THE REVENUE DIVISIONAL COMMISSIONER**
**CENTRAL DIVISION, ODISHA, CUTTACK** F-110

No. Z-21/2023-24/578/Niz, Dated 20.01.2026

**Tender Call Notice**

Sealed quotations / tenders are invited from interested reputed travel agencies / tour operators / private individuals for providing 01 (one) no. of Zest / Tigor / Swift Desire / Xcent / Etios AC Petrol / Diesel driven vehicles for official use of Secretary to RDC, office of the RDC (CD), Cuttack on monthly rent basis. The application form of quotation / tender call notice, terms and conditions along with general information for hiring of vehicles etc. will be available with the Senior Administrative Officer, office of the Revenue Divisional Commissioner, (Central Division), Odisha, Cuttack from **20.01.2026** or can be downloaded from website **https://cuttack.odisha.gov.in** & **https://rdccdcuttack.nic.in** from date **20.01.2026 to 31.01.2026.**

Sd/-
Revenue Divisional Commissioner,
Central Division, Cuttack

OIPR-

**AFFIDAVIT**

By virtue of an affidavit sworn before Notary public, Bhubaneswar on dated 20.01.2026, I, Malati Behera resident of At/Po-Badangi, Masani Sahi, Sub Dist- Tarasingi, Dist- Ganjam, Odisha, Pin-761141 declare that I have changed my name from Malati Naik to Malati Behera. Henceforth, I shall be known as MALATI BEHERA for all purposes.

(MALATI BEHERA)

**GOVERNMRNT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**DRAINAGE DIVISION, JAGATSINGHPUR-754103** A-1312
email Id : eeddjspur@gmail.com
e-procurement Notice No. SEDD-JSPUR-07/2025-26

| | | | |
|---|---|---|---|
| 1. | Name of Works | : | Improvement, Construction of slope protection & Box Culvert |
| 2. | Total number of works | : | 02 (Two) nos. of Package |
| 3. | Bid Identification No. | : | 1. SEDD-JSPUR/JSP–11/2025-26<br>2. SEDD-JSPUR/JSP–12/2025-26 |
| 4. | Estimated Cost | : | Rs. 82.95 Lakhs & Rs. 81.61 Lakhs |
| 5. | Period of completion | : | 10 (Ten) Calendar months |
| 6. | Availability of Tender On - Line. | : | From 22.01.2026 at 16.30 Hours to 05.02.2026 upto 17.30 Hours. |
| 7. | Date of Opening of Technical Bid. | : | 06.02.2026 at 11.30 Hours in the O/o the Superintending Engineer, Drainage Division, Jagatsinghpur. |
| 8. | Class of Contractor | : | "B" Class |
| 9. | EMD required | : | As per DTCN. |
| 10. | Cost of Tender paper | : | Rs.10,000/- |
| 11. | Procurement Officer | : | Superintending Engineer, Drainage Division, Jagatsinghpur-754103 |

*Tender will be accepted if registered in the CDMS Portal.
Further details can be seen from the Govt. web site www.tendersorissa.gov.in. Addendum /Corrigendum/ Cancellation if any required will be published only in Govt. web site www.tendersorissa.gov.in

Sd/- Superintending Engineer
Drainage Division, Jagatsinghpur

OIPR-

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 19.01.2026, I Tapan Behera resident At/Po-Goda,Sub Dist-Begunia, Dist-Khordha Odisha, PIN- 752062, declare that I have changed the name of my son from Parbati Behera to Ranjan Behera. Henceforth, He shall be known as RANJAN BEHERA for all purposes.

(Tapan Behera)

**FOR SALE**

1 Number of SCV –TATA ACE HT Diesel / 2023, Registration No.- OD-01-AR-4165, Model-2023, ENGINE NO - 800CCDI04AWXS03464, CHASSIS NO - MAT559007PZA00976, For Details, Contact - 88959 97418, 94375 77758, SUNDARAM FINANCE LTD., First floor, Choudhury Complex , SAHADEVKHUNTA BALASORE,756001, PH. NO- 06782-266657

**GOVERNMENT OF ODISHA** A-1296
**OFFICE OF THE EXECUTIVE ENGINEER**
**PODAGADA DAM DIVISION, AT/PO-KHATIGUDA,**
**DIST-NABARANGPUR, PIN-764085.**
Email I.D- eepodagadadam@gmail.com
e-Procurement Notice
Bid Identification No.- EEPDD-06(03)/2025-26, Dated: - 17.01.2026

Bid Documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in

| | |
|---|---|
| 1. Name of the Work | Civil Works |
| 2. **No. of Works** | **Three Numbers** |
| 3. Estimated cost | Rs.84.88 Lakhs (TCN SL NO. 1),<br>Rs.78.88 Lakhs (TCN SL NO. 2),<br>Rs.51.26 Lakhs (TCN SL NO. 3), |
| 4. Eligibility of the bidders | 'B' Class contractors (Odisha P.W.D or equivalent class of other licensing authority) as per Detail Tender Call Notice. |
| 5. Period of completion | Three Calendar Months (TCN Sl No.01)<br>Three Calendar Months (TCN Sl No.02)<br>Three Calendar Months (TCN Sl No.03) |
| 6. Date of Clarification | 27.01.2026 to 29.01.2026 Only During Office Hour |
| 7. Time for receipt of bid in the portal | From 27.01.2026 11.00 AM to 10.02.2026 (up to 5:00 P.M) |
| 8. Date & place of opening of the bids on-line | 11.02.2026 (11:30 A.M)<br>O/o The E.E. Podagada Dam Division, UIDC Khatiguda. |
| 9. Name and address of the Tender Inviting Authority(TIA) | Executive Engineer<br>Podagada Dam Division,<br>At/Po: Khatiguda,<br>District: Nabarangpur |

Further details can be seen from the e-procurement portal http://tendersodisha.gov.in

*Executive Engineer*
*Podagada Dam Division*
*Khatiguda*

OIPR-

**AFFIDAVIT**

By virtue of an affidavit (Sl No.46, dtd- 19/01/2026) sworn before The Notary Public, Bhubaneswar. I, **T Jateswar Samantara,** S/o- Janardan Samantray, permanent & current resident of LB-137, Badagada Brit Colony, PO- Brit Colony, Ps- Badagada, Bhubaneswar, Dist- Khordha, Odisha, PIN- 751018 declare that I have changed my name from **Jateswar Samantray** to **T Jateswar Samantara.** Henceforth, I shall be known as **T Jateswar Samantara** (new name) for all purposes.

**T Jateswar Samantara**

**AFFIDAVIT**

I, Manoja Kumar Rautaray, aged about 68 years, S/o-Late Radha Gobinda Rautaray, resident of At-Mukunda Prasad, Baula sahi, Po- P.N. College, Ps-Industrial Estate, Dist-Khurda, Odisha, PIN-752057, Odisha declared by this affidavit No. 111, dtd-14/01/2026 that now onwards I shall be known as **MANOJ KUMAR ROUTRAY** for all future purposes.

**ZILLA SWASTHYA SAMITI, RAYAGADA**
**(Contractual engagement of different posts under NHM Program)**

Advt. No.02/Rayagada Date 20/01/ 2026

**Contractual Engagement**

Zilla swasthya Samiti (ZSS), Rayagada invites the application from the eligible candidates for different posts under NHM Programme. The eligibility criteria, vacancy, monthly remuneration, selection procedure, date of submission applications and application form can be downloaded from district website www.rayagada.odisha.gov.in. The candidates fulfilling the eligibility criteria may apply in the prescribed application form & submit to the undersigned by Regd. Post / Speed Post/Courier on or before **16.02.2026 by 5.00 P.M** with all relevant documents addressed to the Chief District Medical & Public Health Officer, Rayagada, Barijhola, near OMC Office, Pin-765002. The undersigned is not responsible for any postal delay or in-conveyance. Application received after due date will be rejected. The envelope containing the application should be superscripted clearly the name of the post applied for...............under NHM otherwise it will be rejected. Application received after due date and time will be rejected without any notice. No Personal query will be entertained. Vacancies shown are provisional and subject to change during the time of appointment. In-complete applications in any form is liable for rejection. Separate application forms for each post must be submitted in separate envelopes if any candidate willing to apply for more than one post.

No. of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be hoisted in district website. The undersigned reserves the right to cancel/ reject any or all the applications without assigning any reason thereof.

**CDM & PHO-Cum-DMD, Rayagada**

**AFFIDAVIT**

I, Narayan Chandra Ghadai, aged about 71 years, S/o-Jogendra Ghadai, resident of At-Aparttipur, Po- Matipaka, Ps- Naikanidihi Dist-Bhadrak, Odisha, Pin-756125, do hereby declare by this affidavit No.166, dtd- 20/01/2026, that now onwards I shall be known as **NARAYAN GHADAI** for all future purposes.

## ଶିମିଳିପାଳକୁ ନେଇ ପରାମର୍ଶ ବୈଠକ

# ୧ କିମି ରହିବ ଇକୋ ସେନସିଟିଭ ଜୋନ୍ ସୀମା

ବାରିପଦା, ୨୧।୧(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନ ଚତୁଃପାର୍ଶ୍ୱ ପରିବେଶ ସମ୍ବେଦନଶୀଳ ଅଞ୍ଚଳ (ଇକୋ ସେନସିଟିଭ ଜୋନ) ବପର ଜୋନରୁ ୧ କିମି ସୀମା ମଧ୍ୟରେ ରହିବ। ମଙ୍ଗଳବାର ଜିଲ୍ଲାପାଳ ହେମକାନ୍ତ ସେଏଙ୍କ ଅଧ୍ୟକ୍ଷତାରେ ଓସ୍ମାନ କକ୍ଷରେ ଅନୁଷ୍ଠିତ ପରାମର୍ଶ ବୈଠକରେ ସର୍ବସମ୍ମତି ମତ ପ୍ରକାଶ ପାଇଛି। ଏଥିରେ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ସମସ୍ତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ରହି ମତାମତ ରଖିଥିଲେ। ସୁପ୍ରିମକୋର୍ଟଙ୍କ ନୂତନ ଗାଇଡ୍‌ଲାଇନ ଅନୁଯାୟୀ ଏକ କିମି ମଧ୍ୟରେ ଇକୋ ସେନସିଟିଭ ଜୋନ ନିର୍ଦ୍ଧାରଣ କରିବାକୁ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଏହି ପ୍ରସ୍ତାବକୁ ନେଇ ସବିଶେଷ ଆଲୋଚନା ପରେ ବିଚାର ବିମର୍ଷ କରାଯାଇ ଏହାର ସବିଶେଷ ତଥ୍ୟ ଜିଲ୍ଲାପାଳ ହେମକାନ୍ତ ସେଏ ରାଜ୍ୟ ସରକାରଙ୍କୁ ଅବଗତ କରିବେ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

ଶିମିଳିପାଳ ଅଭୟାରଣ୍ୟ ଚାରିପାଖରେ ପରିବେଶକୁ କ୍ଷତି ପହଞ୍ଚାଉଥିବା କାର୍ଯ୍ୟକଳାପକୁ ନିୟନ୍ତ୍ରଣ କିମ୍ବା ନିଷିଦ୍ଧ କରି ଜୈବ ବିବିଧତାକୁ ସୁରକ୍ଷା ଦେବାକୁ ଲକ୍ଷ୍ୟ ରହିଛି। ଯାହାକୁ ନେଇ ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଁସଦା, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଗୋଗିନେନୀ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା, ବାରିପଦା ଡିଏଫ୍‌ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ରାଇରଙ୍ଗପୁର ଓ କରଞ୍ଜିଆ ଡିଏଫ୍‌ଓ, ମୟୂରଭଞ୍ଜ ଏମପିଙ୍କ ପ୍ରତିନିଧି, ସଦର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ତହସିଲଦାରଙ୍କ



ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଶିମିଳିପାଳ ଅଭୟାରଣ୍ୟ ସମ୍ପର୍କରେ ବହୁ ତଥ୍ୟ ପ୍ରଦାନ କରିଥିଲେ। ଏଥିରେ ବିଚ୍ଛିନ୍ନାଞ୍ଚଳର ପୁନରୁଦ୍ଧାର, ଜଳାଶୟର ସଂରକ୍ଷଣ, ଜଳଉତ୍ସ, ଜଳଛାୟା ଓ ଭୂତଳ ଜଳ ପରିଚାଳନା, ମୃତ୍ତିକା ଓ ଆର୍ଦ୍ରତା ସଂରକ୍ଷଣ, ସ୍ଥାନୀୟ ସମ୍ପ୍ରଦାୟର ଜୀବନଜୀବିକାକୁ ନେଇ ଆବଶ୍ୟକତା ଉପରେ ଆଲୋଚନା କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ବାଣିଜ୍ୟିକ ଖଣି ଖନନ, ପଥର ଖଣି ଓ କ୍ରସର ୟୁନିଟ ନିସିଦ୍ଧ ହେବା ସହ ପ୍ରଦୂଷଣ ସୃଷ୍ଟିକାରୀ ଶିଳ୍ପ ସ୍ଥାପନ (ଜଳ, ବାୟୁ, ମାଟି, ଶବ୍ଦ ଆଦି), ନୂତନ ଶିଳ୍ପ ଓ ପ୍ରଦୂଷଣକାରୀ ଶିଳ୍ପର ପ୍ରସାରଣକୁ ଅନୁମତି ଦିଆ ନ ଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ପ୍ରମୁଖ ଜଳ ବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା, ଯେକୌଣସି ବିପଦଜନକ ପଦାର୍ଥର ବ୍ୟବହାର କିମ୍ବା ଉତ୍ପାଦନ, ପ୍ରାକୃତିକ ଜଳାଶୟ କିମ୍ବା ସ୍ଥଳଭାଗ ଅଞ୍ଚଳରେ ନିର୍ଗତ ପଦାର୍ଥ, ଶିଳ୍ପ ବର୍ଜ୍ୟବସ୍ତୁ ନିଷ୍କାସନ, ନୂତନ କରତ ମିଲ୍, ଇଟାଭାଟି ସ୍ଥାପନ, ପ୍ଲାଷ୍ଟିକ ବ୍ୟବହାର, କାଠର ବାଣିଜ୍ୟିକ ବ୍ୟବହାର ଓ ପର୍ଯ୍ୟଟନ ସହ ଜଡ଼ିତ ଯେକୌଣସି କାର୍ଯ୍ୟକଳାପ ଉପରେ କଟକଣା ଲାଗିବ। ହୋଟେଲ ଓ ରିସର୍ଟ ପ୍ରତିଷ୍ଠା, ଗଛ କାଟିବା, ଜଙ୍ଗଲ ଉତ୍ପାଦ ସଂଗ୍ରହ, ଟାୱାର ନିର୍ମାଣ, କେବୁଲ ବିଛାଇବା, ରାସ୍ତା ପ୍ରଶସ୍ତ କରିବା, ନୂତନ ରାସ୍ତା ନିର୍ମାଣ, ପାହାଡ଼ ଢାଲ ଓ ନଦୀକୂଳର ସୁରକ୍ଷା, ରାତିରେ ଯାନବାହାନ ଚଳାଚଳର ଗତିବିଧି ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ଏହାକୁ ନିୟମ ଅନୁଯାୟୀ ବାରଣ କରିବାକୁ ପ୍ରସ୍ତାବ ଦିଆଯାଇଛି।

ନବୀନ ସରକାରଙ୍କ ସମୟରେ ଶିମିଳିପାଳ ଅଭୟାରଣ୍ୟ ଓ ହଦଗଡ଼ ଅଭୟାରଣ୍ୟ ଚାରିପାଖରେ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା କରିବା ପାଇଁ ଏକ ଡ୍ରାଫ୍ଟ ବିଜ୍ଞପ୍ତି ୨୦୧୯ ଜାନୁଆରୀରେ ପ୍ରକାଶିତ ହୋଇଥିଲା। ଏହି ଡ୍ରାଫ୍ଟରେ ୧୭୬୫.୨୯ ବର୍ଗ କିମି ଅଞ୍ଚଳକୁ ସମ୍ବେଦନଶୀଳ ଅଞ୍ଚଳ ଘୋଷଣା ପାଇଁ ପ୍ରସ୍ତାବିତ କରାଯାଇଥିଲା। ଯାହାର ପରିସର ସଂରକ୍ଷିତ ଅଞ୍ଚଳ ଚାରିପାଖରୁ ୦ରୁ ୧୦ କିମି ମଧ୍ୟରେ ରହିଥିଲା। ଏହାକୁ ବିରୋଧ କରାଯାଇ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ ହେବା ପରେ ଅଞ୍ଚଳକୁ ସୀମିତ କରାଯାଇ ୦ରୁ ୫ କିମି ରଖାଯାଇଥିଲା। ପୁନର୍ବାର ଏହାକୁ ୦ରୁ ୧ କିମି ମଧ୍ୟରେ ରଖିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ କୋର୍ଟରେ ଆବେଦନ ହୋଇଥିଲା। ଯାହାକୁ ନେଇ ପୂର୍ବତନ ରାଜ୍ୟ ସରକାରଙ୍କ ପକ୍ଷରୁ ଶୂନ କିମି ଅଞ୍ଚଳ ଘୋଷଣା କରିବାକୁ ଦସ୍ତାବିଜ୍ ପ୍ରଦାନ କରିଥିଲେ। ଏଭଳି ଘଟଣାକୁ ନେଇ କୋର୍ଟ ପକ୍ଷରୁ କାହିଁକି ଶୂନ କିମି ଘୋଷଣା କରାଯିବ, ତାହାକୁ ନେଇ ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ। ତେବେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧ କିମି ପରିଧି ମଧ୍ୟରେ ସମ୍ବେଦନଶୀଳ ଅଞ୍ଚଳ ନିର୍ଦ୍ଧାରଣ କରିବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି।

## ଜନସେବା କେନ୍ଦ୍ରରୁ ଚୋରି

ରାଇରଙ୍ଗପୁର, ୨୧।୧(ସମିସ): ଯଶିପୁର ଥାନା ଅନ୍ତର୍ଗତ ପଦ୍ମପୁରସ୍ଥ ଜନସେବା କେନ୍ଦ୍ରରୁ ଚୋରି ହୋଇଛି। ଏ ନେଇ ମାଲିକ ଏମଡି ଅମନ ହୁସେନ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ପ୍ରତିଦିନ ଭଳି ରାତିରେ ଦୋକାନ ବନ୍ଦ କରି ଯାଇଥିଲେ। ତେବେ ଦୁର୍ବୃତ୍ତମାନେ ଆଜବେଷ୍ଟସ ଖୋଲି ଦୋକାନ ମଧ୍ୟକୁ ପ୍ରବେଶ କରିଥିଲେ। ଜେରକ୍ସ ମେସିନ, କମ୍ପ୍ୟୁଟର ଓ ୪୫,୦୦୦ ଟଙ୍କା ଚୋରି କରିଛନ୍ତି। ପରଦିନ ଦୋକାନ ଖୋଲିବା ବେଳକୁ ଘଟଣା ବାବଦରେ ଜାଣି ଅମନ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ହାଟରୁ ବାଇକ୍ ଚୋରି

ରାଇରଙ୍ଗପୁର, ୨୧।୧(ସମିସ): ଗୋରୁମହିଷାଣି ହାଟ ପରିସରରୁ ବାଇକ୍ ଚୋରି ହୋଇଛି। ଏ ନେଇ ଝାଡ଼ଖଣ୍ଡର ଇଷ୍ଟ ସିଂହଭୂମ ଅଞ୍ଚଳର ରାଣଦାଶ ମୁର୍ମୁ ଗୋରୁମହିଷାଣି ଥାନାରେ ଅଭିଯୋଗ କରିଛନ୍ତି। ରାଣଦାଶ ରାସ୍ତା କଡ଼ରେ ବାଇକ୍ ପାର୍କିଂ କରି ହାଟକୁ ଯାଇଥିଲେ। ସେଠାରୁ ଫେରି ଦେଖିଲା ବେଳକୁ ଉକ୍ତ ସ୍ଥାନରେ ବାଇକ୍ ନ ଥିଲା। ବହୁ ଖୋଜାଖୋଜି ପରେ ପାଇ ନ ଥିଲେ। ବାଇକ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି।

## ବିଭିନ୍ନ ସ୍ଥାନରେ ଟୁସୁ ମେଳା

ବହଳଦା, ୨୧।୧ (ସମିସ): ମୟୂରଭଞ୍ଜର ଗଣପର୍ବ ମକର ସଂକ୍ରାନ୍ତିଠାରୁ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥାଏ ଟୁସୁ ମେଳା। ବହଳଦା ଅଞ୍ଚଳର ବିଭିନ୍ନ ସ୍ଥାନରେ ଧୁମ୍‌ଧାମ୍‌ରେ ପାଳନ ହୋଇଛି ଟୁସୁ ମିଳନ ଉତ୍ସବ। ୧୫ ତାରିଖ ଝରାଡିହି ଗୋଷ୍ଠର ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ଧାତକିଡିହି ପଡ଼ିଆ, ୧୬ ତାରିଖ ଗିଦିଘାଟୀ ପଞ୍ଚାୟତ ପଟମବେଡା ଓ କୁଲଗୀ ଟୁସୁମେଳା କମିଟି ପକ୍ଷରୁ କୁଲଗୀଠାରେ, ୧୭ ତାରିଖ ବହଳଦା ଇନ୍ଦତାଣ୍ଡି, ରାଜାବନ୍ଧ ନିକଟ ଓ ବାସିଙ୍ଗିଠାରେ ଟୁସୁମେଳା ଅନୁଷ୍ଠିତ ହୋଇଯାଇଛି। ବହଳଦା ଟୁସୁ ମେଳାରେ ୩୮ଟି ଟୁସୁ ଅଂଶଗ୍ରହଣ କରିଥିଲେ। ଏଥିରେ ବଡ଼ ଟୁସୁ ୫ଟି ଓ ଛୋଟ ଟୁସୁ ୩୩ଟି ରହିଥିଲେ। ଏଥିସହ ଝରାଡିହି ନିକଟସ୍ଥ ପୋଖରୀଆର ନାଗାବନ୍ଧ ଟୁସୁମେଳା, ବହଳଦା ତଳସାହି ନେସାନଇ ନିକଟ, ଶଶ, ପାହାଡପୁର, ବଡ଼ଡାଳିମା, ମୋରଣ୍ଡା, ଘୁମାଳ ଗାଁରେ ମଧ୍ୟ ଶାନ୍ତିଶୃଙ୍ଖଳା ଓ ଧୁମ୍‌ଧାମ୍‌ରେ ଟୁସୁମେଳା ପାଳନ ହୋଇଛି। ବହଳଦା ନିକଟସ୍ଥ ଘାଘରାସାହି ଖେଳ ପଡ଼ିଆରେ ଟୁସୁ ମେଳା ଅନୁଷ୍ଠିତ ହୋଇଥିବାବେଳେ ଏସବୁ ଟୁସୁ ମେଳାରେ ସହସ୍ରାଧିକ ଦର୍ଶକଙ୍କ ସମାଗମ ହୋଇଥିଲା।

## ଅଭିରାମ ପରମହଂସଙ୍କ ଜୟନ୍ତୀ

କୁଆମରା, ୨୧।୧(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତର ସିକିଡିଆସ୍ଥ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ତ୍ରିବେଣୀ ଅମାବାସ୍ୟା ଅବସରରେ ଠାକୁର ଅଭିରାମ ପରମହଂସଙ୍କ ଜୟନ୍ତୀ ଓ ଶ୍ରୀସତ୍ୟନାରାୟଣଙ୍କ ପାଲା ଉତ୍ସବ ତିନିଦିନ ଧରି ପାଳିତ ହୋଇଯାଇଛି। ଏ ଅବସରରେ ଅଖଣ୍ଡ ନାମଯଜ୍ଞ, ଅଷ୍ଟପ୍ରହରୀ ଓ ଧର୍ମସଭାର ଆୟୋଜନ କରାଯାଇଥିଲା। ଅଭିନ୍ନ ମାଇତିଙ୍କ ତତ୍ତ୍ୱାବଧାନରେ ଉକ୍ତ ପୂଜା ଓ ଯଜ୍ଞ କାର୍ଯ୍ୟରେ ମୁଖ୍ୟ ପୁରୋହିତ ଭାବେ ପ୍ରମୋଦ ମିଶ୍ର ଓ ମନ୍ଦିର ପୂଜକ ବ୍ରହ୍ମାଶିଷ କର ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପୂର୍ଣ୍ଣାହୁତି ଦିବସରେ ଭକ୍ତଙ୍କ ଦ୍ୱାରା ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା।

## କୁଆମରା ଡିଗ୍ରୀ କଲେଜରେ ଭୋଟର ସଚେତନତା

କୁଆମରା, ୨୧।୧(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ କଲେଜରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଇଏଲ୍‌ସି ଗଠନ ହୋଇଛି। ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡଃ ସୁବଳ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ବିଡିଓ ପୃଥ୍ୱୀରାଜ ପରିଡ଼ା, ବିଏଲ୍‌ଓ ସୁପରଭାଇଜର ସଞ୍ଜିତ କୁମାର ଦେ ଯୋଗଦେଇ ଭୋଟ ଦେବା ଅଧିକାର ସମ୍ପର୍କରେ ସଚେତନତା କରାଇଥିଲେ। ତତ୍‌ସହିତ ନୂତନ ଭୋଟର ତାଲିକାରେ ପଞ୍ଜୀକରଣ ପ୍ରକ୍ରିୟା ଉପରେ ବୁଝାଇଥିଲେ। ଏଥିରେ ବିଭିନ୍ନ ବୁଥରେ କାର୍ଯ୍ୟ କରୁଥିବା ବିଏଲଓ ଓ କଲେଜ୍ ଅଧ୍ୟାପକ ପ୍ରଭାତ ସେନାପତି, ଅବନୀ ମହାନ୍ତି, ଗୋପୀନାଥ ପଣ୍ଡା, ଉଦିତ ମିଶ୍ର, ବିଶ୍ୱନାଥ ବେହେରା, ଅଧ୍ୟାପିକା ମିତାରାଣୀ ଦ୍ୱିବେଦୀ, ଶୁଭ୍ରସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମୋ ଭୋଟ ମୋ ଅଧିକାର ସମ୍ପର୍କରେ ବୁଝାଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଭୋଟର ସଚେତନତା ରାଲି ମୁଖ୍ୟ ରାସ୍ତା ଓ ବଜାର ପରିକ୍ରମା କରିଥିଲା।

## ଉମାବତୀ ପାତ୍ରଙ୍କ ସ୍ୱର୍ଣ୍ଣପଦକ ହାସଲ



କରଞ୍ଜିଆ, ୨୧।୧(ସମିସ): କରଞ୍ଜିଆର ଝିଅ ଉମାବତୀ ପାତ୍ର ଜାତୀୟ ସ୍ତରରେ ସ୍ୱର୍ଣ୍ଣପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଉମାବତୀ ପାତ୍ର କରଞ୍ଜିଆରେ ଥିବା କରାଟେ ଏକାଡେମୀରେ ପ୍ରଶିକ୍ଷଣ ପ୍ରଦାନ କରିବା ସହିତ ନିଜେ ମଧ୍ୟ କରାଟେ ପ୍ରତି ଆଗ୍ରହ ରଖି ନିୟମିତ ଅଭ୍ୟାସ କରିଥା'ନ୍ତି। ସାଇ ପକ୍ଷରୁ ଆୟୋଜିତ ଖେଲ ଇଣ୍ଡିଆ କ୍ରୀଡ଼ାରେ ସେ ଭାଗ ନେଇ ମହିଳା ବିଭାଗର ପେନ୍ନାକସିଲଟରେ ଭାଗ ନେଇଥିଲେ। ଉମାବତୀ ମୟୂରଭଞ୍ଜ ଜିଲ୍ଲାରୁ ଏକମାତ୍ର ମହିଳା ପ୍ରତିଯୋଗୀ ଓ ରାଜ୍ୟରୁ ଜଣେ ଏହି ବିଭାଗରେ ମନୋନୀତ ହୋଇଥିଲେ। ଦେଶର ବିଭିନ୍ନ ଭାଗରୁ ଅନେକ ପ୍ରତିଯୋଗୀ ଏହି ଜାତୀୟ ସ୍ତରର କ୍ରୀଡ଼ାରେ ଭାଗ ନେଇଥିଲେ। ତେବେ ଉମାବତୀ ପାତ୍ର ପେନାକସିଲଟ ପ୍ରତିଯୋଗିତାରେ ଦେଶର ସମସ୍ତ ଖେଳାଳିଙ୍କୁ ପଛରେ ପକାଇ ସ୍ୱର୍ଣ୍ଣପଦକ ଜିତିଥିଲେ। ଉମାବତୀଙ୍କ ଘର ଯଶିପୁର ଅଞ୍ଚଳରେ ହୋଇଥିଲେ ମଧ୍ୟ ସେ କରଞ୍ଜିଆରେ ରହି କରାଟେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। କରଞ୍ଜିଆ ଓକିଲ ସଂଘର ପୂର୍ବତନ ସମ୍ପାଦକ ଦିବ୍ୟପ୍ରସାଦ ସାହୁ, ପାଞ୍ଚପୀର ପ୍ରେସ କ୍ଲବ୍ ସଭାପତି ଉମାଶଙ୍କର ଦାସଙ୍କ ସମେତ ଅନେକ ଶୁଭେଚ୍ଛୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ସୋସିଆଲ ମିଡିଆରେ ଜଗନ୍ନାଥଙ୍କୁ ଅପମାନ ଘଟଣା

## ପୁଲିସ ପକ୍ଷରୁ ମାମଲା ରୁଜୁ

ବାରିପଦା, ୨୧।୧(ସମିସ): ସୋସିଆଲ ମିଡିଆରେ ଜଣେ ଯୁବକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅପମାନ କରିବା ଘଟଣା ନେଇ ବାରିପଦା ସଦର ଥାନା ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଏ ନେଇ ବାରିପଦା ସଦର ଥାନା ଅନ୍ତର୍ଗତ ସାନଶୋଳ ଗ୍ରାମର ଭୋଳାନାଥ ସିଂ ନାମରେ ମାମଲା ରୁଜୁ କରାଯାଇଛି। ସେ ହିନ୍ଦୁ ହୋଇଥିବା ସତ୍ତ୍ୱେ ହିନ୍ଦୁ ସଂସ୍କୃତି ଓ ଧାର୍ମିକ ଭାବାବେଗକୁ କୁଠାରଘାତ କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ଫଟୋକୁ ଅପମାନିତ କରି ଗୋଇଠା ମାରିବା ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଦୀପକ ନାମକ ଏକ ଇନଷ୍ଟାଗ୍ରାମ ଆଇଡିରେ ଏହା ପୋଷ୍ଟ ହୋଇ ଅନେକ ମାତ୍ରାରେ ଭାଇରାଲ ହୋଇଥିଲା। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଓଡ଼ିଆ ଜାତିର ମଉଡମଣି ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅପମାନିତ କରିବା ଅସହ୍ୟ ଅଟେ। ଏ ନେଇ ଜିଲ୍ଲାର ବିଭିନ୍ନ ହିନ୍ଦୁ ସଂଗଠନ ପୁଲିସ ପ୍ରଶାସନଙ୍କୁ ଜଣାଇଥିଲେ। ଏହାର ଅନୁଧ୍ୟାନ କରି ପୁଲିସ ପକ୍ଷରୁ ବ୍ୟକ୍ତିଙ୍କ ବିରୁଦ୍ଧରେ ନିଜ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ବାରିପଦା ସଦର ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।

## ଶବଦାହ ପାଇଁ ଆସୁଥିଲେ, ଶବ ହୋଇଗଲେ

ଉଦଳା/ଶରତ, ୨୧।୧(ସମିସ): ସମ୍ପର୍କୀୟଙ୍କ ଦେହାନ୍ତ ଖବର ପାଇ ଘରୁ ବାହାରି ଆସିଲେ ସମସ୍ତେ। ତେବେ ଦୁର୍ଘଟଣାରେ ନିଜେ ଶବ ପାଲଟିଲେ ସମ୍ପର୍କୀୟ। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଆଦରପଦା ଅଞ୍ଚଳରେ ଘଟିଛି। ଉଦଳା ଥାନା ଉର୍ମଳ ଗ୍ରାମର କାର୍ମି ନାଏକଙ୍କ ମୃତ୍ୟୁ ଖବର ପାଇ ଶରତ ଥାନା ଦୋଳିପଡ଼ା ଅଞ୍ଚଳର ତାଙ୍କ ସମ୍ପର୍କୀୟ ଶବଦାହ ନିମନ୍ତେ ଉର୍ମଳ ଆସୁଥିଲେ। ଅଟୋରେ ୧୦ରୁ ୧୨ ଜଣ ପରିବାର ସଦସ୍ୟ ଉଦଳା ଅଭିମୁଖେ ଆସୁଥିବାବେଳେ ଆଦରପଦା ଛକ ନିକଟରେ ଭାରସାମ୍ୟ ହରାଇ ଏକ ବାଙ୍କରେ ଅଟୋ ଓଲଟି ପଡ଼ିଥିଲା। ଅଟୋରେ ଥିବା ଅନେକ ଗୁରୁତର ଆହତ ହୋଇଥିବାବେଳେ ସମ୍ପର୍କୀୟ ଭଉଣୀ ସୁକୁମତୀ ନାଏକଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିବାବେଳେ ପୁଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ମହିଳା ସାଇବର ଠକେଇର ଶିକାର

ରାଇରଙ୍ଗପୁର, ୨୧।୧(ସମିସ): ଜାମଦା ଥାନା ଅଞ୍ଚଳରେ ଜଣେ ମହିଳା ସାଇବର ଠକାମୀର ଶିକାର ହୋଇଛନ୍ତି। ଏ ନେଇ ଡୁମ୍ବରିଆ ଗ୍ରାମର ରୁକ୍ମଣି ହେମ୍ବ୍ରମ ଜାମଦା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଏହାପରେ ଅଧିକ ରୋଜଗାରର ପ୍ରଲୋଭନ ଦେଖାଇ ତାଙ୍କୁ ଫୋନ-ପେ ଜରିଆରେ ଟଙ୍କା ପ୍ରଦାନ କରିବାକୁ କହିଥିଲେ। ଯାହାକୁ ନେଇ ସେ ମୋବାଇଲରେ କ୍ଲିକ କରିଥିଲେ। ଏହାର କିଛି ସମୟ ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ୧୭, ୮୦୦ ଟଙ୍କା ଗାଏବ ହୋଇଯାଇଥିଲା। ଏ ସମ୍ପର୍କରେ ସେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

## ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ମକର ପରବ ସାଗୁନ ସାକ୍ରାତ୍

ବାରିପଦା, ୨୧।୧(ସମିସ): ଏବିଭିପିର ରାଷ୍ଟ୍ରୀୟ କଳା ମଞ୍ଚ, ବାରିପଦାନଗର ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ମକର ପରବ 'ସାଗୁନ ସାକ୍ରାତ୍' ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସହିତ ନଗରର ୫ଟି ମହାବିଦ୍ୟାଳୟରୁ ୫୦ରୁ ଅଧିକ ଛାତ୍ରଛାତ୍ରୀ ନୃତ୍ୟ, ସଙ୍ଗୀତ ଓ ରଙ୍ଗୋଲୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିସହ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଦର୍ଶକ ଭାବେ ସମଗ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ସାହ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ୍ ପାତ୍ର ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାନ୍ତାଳୀ ବିଭାଗର ସହକାରୀ ପ୍ରଫେସର ଡ. ଯତୀନ୍ଦ୍ର ନାଥ ବେଶ୍ରା, ସମାଜ କାର୍ଯ୍ୟ ବିଭାଗର ସହକାରୀ ପ୍ରଫେସର ଡ. ଶୁଭେନ୍ଦୁ ଶତପଥୀ ଓ ଅନ୍ୟତମ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ କ୍ଷୀରୋଦ ପଣ୍ଡା, ରାଷ୍ଟ୍ରୀୟ କଳା ମଞ୍ଚର ରାଜ୍ୟ ସହସଂଯୋଜକ ପ୍ରବୀଣ ପ୍ରଧାନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଓ ବାଲେଶ୍ୱର ବିଭାଗ ସଂଗଠନ ସମ୍ପାଦକ ସମ୍ବିତ ପ୍ରସାଦ ରାଉତ ଯୋଗ ଦେଇଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ମକର ଲଡ୍ଡୁ ବଣ୍ଟନ କରାଯାଇଥିଲା।




ପରିଶେଷରେ ସମସ୍ତେ ମୟୂରଭଞ୍ଜର ପାରମ୍ପରିକ ଲୋକନୃତ୍ୟ 'ଝୁମର୍' ନୃତ୍ୟରେ ଅଂଶଗ୍ରହଣ କରି ଉତ୍ତର ଓଡ଼ିଶାର ଏହି ମହାନ ପର୍ବର ଉତ୍ସବମୟ ପରିସମାପ୍ତି କରିଥିଲେ। ଏବିଭିପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ମହାନ୍ତ, ଅର୍ଚ୍ଚନା ରାଜ, ବାରିପଦା ନଗର ସମ୍ପାଦିକା ଅନୁଷ୍କା ପ୍ରଧାନ, ସହସମ୍ପାଦିକା ଅଙ୍କିତା ଦାସ, ଦେବାଶିଷ ମହାନ୍ତ ଓ ଧିଲନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁଜିଆଣୀ ଆବାସିକ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ମହୁଲଡିହା/ଠାକୁରମୁଣ୍ଡା, ୨୧।୧(ସମିସ): ଠାକୁରମୁଣ୍ଡା ବ୍ଲକର କେନ୍ଦୁଜିଆଣୀ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଯୋଗଦେଇ ସଂସାରରେ ସବୁ କ୍ଷଣସ୍ଥାୟୀ, ବିଦ୍ୟା ହିଁ ସମ୍ପତ୍ତି। ଶିକ୍ଷା, ଜ୍ଞାନ କେହି ଛଡ଼ାଇ ନେଇପାରିବେନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାତୃ ଭାଷାକୁ ଗୁରୁତ୍ୱ ଦେଇ ଶିକ୍ଷାଦାନ କରୁଛି। ନୂଆ କିଛି କରିବା ପାଇଁ ଲାଗନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗାୟତ୍ରୀ ବାହିନୀପତି ଭାରତୀୟ ସଂସ୍କୃତିରେ ପୂର୍ବରୁ ବହୁ ଉନ୍ନତ ଶିକ୍ଷା ବ୍ୟବସ୍ଥା ଥିଲା। ହଜାର ହଜାର ବର୍ଷ ପୂର୍ବେ ବିଦେଶରୁ ଛାତ୍ର ଆସି ଭାରତର ଗୁରୁକୁଳରେ ଶିକ୍ଷାଲାଭ କରୁଥିଲେ। ଆଜି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମାଧ୍ୟମରେ ଭାରତୀୟ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ପାଇଁ ସରସ୍ୱତୀ ଶିଶୁମନ୍ଦିର ଶିକ୍ଷା ବ୍ୟବସ୍ଥା ଆରମ୍ଭ ହୋଇଛି ବୋଲି କହିଥିଲେ। ସଭାପତି କମଳା ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସନାତନ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ବିବରଣୀ ପାଠ କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରତିଭା ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ତ୍ରିରଙ୍ଗା କ୍ଲବ୍ ମକର ମହୋତ୍ସବ ଉଦ୍‌ଯାପିତ

## ଝୁମର ଗୀତରେ ଝୁମିଲେ ଦର୍ଶକ




ବାରିପଦା, ୨୧।୧(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ପୂର୍ଣ୍ଣଚନ୍ଦ୍ରପୁରଠାରେ ତ୍ରିରଙ୍ଗା କ୍ଲବର ବାର୍ଷିକ ଉତ୍ସବ ପାଳନ ଅବସରରେ ଆୟୋଜିତ ୬ଦିନିଆ ମକର ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ଆକର୍ଷଣୀୟ ଝୁମର ନୃତ୍ୟ ଗୀତରେ ଝୁମିଲେ ଦର୍ଶକ। ପ୍ରାୟ ୫୦ କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଛନ୍ତି। ଜାତୀୟ କନିଷ୍ଠ ବର୍ଗ କାରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସ୍ଥାନୀୟ ଅଞ୍ଚଳର ଦୁଇ କୁନି ପ୍ରତିଭା ସୂର୍ଯ୍ୟକାନ୍ତ ପାଲ ଓ ଦୀପକ କୁଁଅରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସିନିୟର ଗ୍ରୁପରେ ଚାମ୍ପିଅନ ହୋଇଥିବା ଘନପ୍ରଭା ବାଗଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ୱାର୍ଡସ୍ଥ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତନ ପ୍ରଧାନଶିକ୍ଷକ ସୋମନାଥ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ କ୍ଲବ୍‌ର ସଭାପତି ଆଲୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଯୋଗଦେଇ ତ୍ରିରଙ୍ଗା କ୍ଲବ ଦ୍ୱାରା ଆୟୋଜିତ ୬ ଦିନିଆ ମକର ମହୋତ୍ସବ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଏକତାର ଡୋରିରେ ବାନ୍ଧି ରଖିଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ କ୍ରୀଡ଼ା ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ମକର ମହୋତ୍ସବର ଭୂମିକା ଉପରେ ଆଲୋକପାତ କରିଥିଲେ। ଖେଳ ପଡ଼ିଆ ଓ ସାଂସ୍କୃତିକ ମଞ୍ଚର ଉନ୍ନତିକରଣ ଯଥାଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡଃ ଦେବାଶିଷ ମାର୍ଣ୍ଡି ଏହି ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଅମର ସେଠୀ, କାଉନସିଲର ଅନନ୍ତ ଦାସ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ, କ୍ଲବର ଉପସଭାପତି ରବୀନ୍ଦ୍ର ମହାନ୍ତି, ସମ୍ପାଦକ ବିଶ୍ୱରଞ୍ଜନ ବାଗ ଓ ବରିଷ୍ଠ ସଦସ୍ୟ ଲିଟନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଳୟ ଦତ୍ତ ଓ ଉମେଶ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଭୀମା ସେନାପତି, ସାଗର ବେହେରା, ବିଶାଳ ଖମାରି, ସଞ୍ଜୀବ ମାର୍ଣ୍ଡି, ନବକିଶୋର ଗିରି, ତପନ ସେନାପତି, ମିଥୁନ ମାଣ ଓ ଅଭୟ ବାଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରେଙ୍ଗାଲବେଡ଼ା କ୍ଲବ୍ କ୍ରୀଡ଼ା ଓ ନୃତ୍ୟ ପ୍ରତିଯୋଗିତା



ରାଇରଙ୍ଗପୁର, ୨୧।୧(ସମିସ): ବିଜାତଳା ବ୍ଲକ ଅନ୍ତର୍ଗତ ଚଢ଼େଇପାହାଡ଼ି ପଞ୍ଚାୟତରେ ରେଙ୍ଗାଲବେଡା କ୍ଲବ ପକ୍ଷରୁ ୩୬ତମ ବାର୍ଷିକ କ୍ରୀଡା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚଢ଼େଇପାହାଡି ସମିତି ସଭ୍ୟା କୁନି ସର୍ଦାର, ବିଜେପି ନେତା ସରୋଜ ମହାନ୍ତ, ଅହମଦ ମହାନ୍ତ, ବାଞ୍ଛା ବାବୁ, ସରପଞ୍ଚ ସମବାରୀ ମୁଣ୍ଡା, ପୂର୍ବତନ ସରପଞ୍ଚ ସମାୟ ମୁଣ୍ଡା, ପୂର୍ବତନ ସରପଞ୍ଚ ମହେନ୍ଦ୍ର ହାଁସଦା, ଆତୁ ମାଝୀ, ଖଗେଶ୍ୱର ମୁଣ୍ଡା, ରାମ ସୋରେନ, ରେଙ୍ଗାଲବେଡା ସ୍କୁଲ ଶିକ୍ଷକ ରତ୍ନାକର ହେମ୍ବ୍ରମ, ଶଶୀକାନ୍ତ ମାର୍ଣ୍ଡି, ଦାଖିନନାଥ ମୁର୍ମୁ, ସୁକୁଲାଲ ମୁର୍ମୁ, ପୂର୍ବତନ ସମିତି ସଭ୍ୟା ରୀନା ହେମ୍ବ୍ରମ, ଚଢେଇପାହାଡି ହାଇସ୍କୁଲ ଶିକ୍ଷକ କାରୁ ବାସ୍କେ, ବୀରଧାନ ମୁଣ୍ଡା, ଗୋବିନ୍ଦପୁର ସ୍କୁଲ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ମହାନ୍ତ ଓ ୟୁଟ୍ୟୁବର ଲମ୍ବୁ ଦାଦା ଯୋଗ ଦେଇଥିଲେ। ବୟସ୍କ ପୁରୁଷଙ୍କ ମଧ୍ୟରେ ୮୦୦ ମିଟର, ବାଳକଙ୍କ ୪୦୦ ମିଟର, ବାଳିକାଙ୍କ ୨୦୦ ମିଟର ଦୌଡ଼, ବେଲୁନ ଫୁଟା, ମ୍ୟୁଜିକ ଚେୟାର, ଅଙ୍କକଷା, ବାଲଟିରେ ବଲ ପୂରାଇବା, ବାଳିକା ଓ ଯୁବତୀ ଲାଖବିନ୍ଧା ବିଭାଗରେ ବିଭିନ୍ନ କୌତୁକିଆ ଖେଳ ଆୟୋଜିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ପାରମ୍ପରିକ ଡାଣ୍ଡା, ଡ୍ରାମା, ଡିସ୍କୋ ନାଚରେ ଖେଳ ପଡ଼ିଆ ଦୁଲୁକି ଉଠିଥିଲା। ଆଖପାଖର ସହସ୍ରାଧିକ ଜନସମାଗମ ହୋଇଥିଲା। ୧୬ଟି ଟିମ୍‌କୁ ନେଇ ଫୁଟବଲ ଖେଳ ମଧ୍ୟ ହୋଇଥିଲା। ପ୍ରଥମ ପୁରସ୍କାର ବ୍ଲାକ ହଣ୍ଟର, ଦ୍ୱିତୀୟ ତୁଳସୀବନି, ତୃତୀୟ ବାଙ୍ଗାଲୋର ଏଫସି ଓ ଚତୁର୍ଥ ଜାମପାଣି ଟିମ ଭାବେ ପୁରସ୍କୃତ ହୋଇଥିଲେ। କ୍ଲବ୍‌ର ସଦସ୍ୟ ବେଣୁଧର ମୁଣ୍ଡା, ଲାଖୀରାମ ମୁଣ୍ଡା, ସୁବାସ ମୁଣ୍ଡା, ରଘୁନାଥ ମୁଣ୍ଡା, ସୁରାଇ ହାଁସଦା, ଉମାନ ସୋରେନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶ୍ରୀକୁଶଳେଶ୍ୱର ମହାଦେବଙ୍କ ଜାଗରମେଳା ପ୍ରସ୍ତୁତି ବୈଠକ



ଆନନ୍ଦପୁର,୨୧।୧(ସମିସ): କେନ୍ଦୁଝର ଜିଲ୍ଲାର ପ୍ରାଚୀନ ଶୈବପୀଠ ଦେଓଗାଁ ଠାରେ ଥିବା ଶ୍ରୀକୁଶଳେଶ୍ୱର ମହାଦେବଙ୍କ ଜାଗର ମେଳା ପାଇଁ ପ୍ରସ୍ତୁତି ବୈଠକ କୁଶଳେଶ୍ୱର ମହାଦେବ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆନନ୍ଦପୁର ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ନୀଳମାଧବ ସୁନା ଅଧ୍ୟକ୍ଷତା କରିଥିଲେ। ୧୨ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମେଳା ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଆନନ୍ଦପୁର ଉପଖଣ୍ଡ ପୁଲିସ ଏସ୍‌ଡିପିଓ କମଳ ଲୋଚନ ପଣ୍ଡା, ଘଷିପୁରା ଥାନା ଅଧିକାରୀ କିଶୋର ଚନ୍ଦ୍ର ନାୟକଙ୍କ ସମେତ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜାଗର ମେଳା କମିଟିର ସଭାପତି ଦେବପ୍ରିୟ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟ ପ୍ରଦୀପ କୁମାର ପଣ୍ଡା, ମନୋରଞ୍ଜନ ପତି, ରମାକାନ୍ତ ବଳଙ୍କ ସମେତ ବ୍ରାହ୍ମଣ ସମାଜ ପକ୍ଷରୁ ମନ୍ଦିରର ପୂଜକ ଗିରିଧାରୀ ଦାସ ଓ ଅନ୍ୟ ପୂଜକ ଉପସ୍ଥିତ ରହି ମନ୍ଦିରର ପୂଜା ନୀତି ସମ୍ପର୍କରେ ମତ ରଖିଥିଲେ। ଜାଗର ମେଳା ଉପଲକ୍ଷେ ଏକ ସପ୍ତାହ ପର୍ଯ୍ୟନ୍ତ ହେବାକୁ ଥିବା ଅପେରା ପ୍ରଦର୍ଶନକୁ ମଧ୍ୟ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ନିମନ୍ତେ ଯାତ୍ରା କମିଟିକୁ ଅନୁରୋଧ କରିଛନ୍ତି। ବୈଠକରେ ମନ୍ଦିରର ପୂର୍ବ ବର୍ଷର ଆୟବ୍ୟୟ ବିବରଣୀ ମନ୍ଦିର କାର୍ଯ୍ୟନିର୍ବାହୀ ସହାୟକ ଉମାକାନ୍ତ ବେହେରା ଉପସ୍ଥାପନ କରି ଥିଲେ।

## ସତ୍ୟନାରାୟଣ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ଆନନ୍ଦପୁର,୨୧।୧(ସମିସ): ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁରସ୍ଥିତ ସତ୍ୟନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ସମାରୋହରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୋନିଆରାଣୀ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ଶିକ୍ଷା ଅଧିକାରୀ ହରିହର ଦଳେଇ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପୂର୍ବତନ ଶିକ୍ଷା ଅଧିକାରୀ ଶରତଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ହେମେନ୍ଦ୍ର ନାଥ ମହାନ୍ତି, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଙ୍କିମ ଚନ୍ଦ୍ର ମିଶ୍ର, ସିଆର୍‌ସିସି ରବିନାରାୟଣ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ା ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରିତ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗ୍ରାମବାସୀ, ଅଭିଭାବକ ତଥା ଦର୍ଶକମାନେ ମନଭରି ଉପଭୋଗ କରିଥିଲେ ଓ ଏହିଭଳି ଆୟୋଜନ ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧ ୱାରିଅର୍ସ କପ୍ କ୍ରିକେଟ; ବୀରଗୋବିନ୍ଦପୁର ଚାମ୍ପିଅନ




ଆନନ୍ଦପୁର,୨୧।୧ (ସମିସ): ଆନନ୍ଦପୁର ବ୍ଲକ୍ ଧକୋଠା ପଞ୍ଚାୟତ ବନ୍ଧ ଗ୍ରାମରେ ୬ ଦିନ ଧରି ଚାଲିଥିବା ୱାରିଅର୍ସ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଗୋହିରା ଏକାଦଶକୁ ହରାଇ ବୀରଗୋବିନ୍ଦପୁର କ୍ଲବ୍ ବିଜୟୀ ହୋଇଛି। ବିରଗୋବିନ୍ଦପୁର ଟସ୍ ଜିଣି ନିର୍ଦ୍ଧାରିତ ୧୦ ଓଭର୍‌ରେ ୧୫୮ ରନ୍ ସଂଗ୍ରହ କରିଥିବାବେଳେ ଜବାବରେ ଗୋହିରା ଏକାଦଶ ମାତ୍ର ୧୧୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲେ। ଅମ୍ପାୟାର ଭାବେ ବିଶ୍ୱଜିତ ଖିଲାର ଓ ଶିବ ରଣା ଦାୟିତ୍ୱ ତୁଲାଇଥିବାବେଳେ ସ୍କୋରର୍ ଭାବେ ପପୁ ମହାନ୍ତି ଖେଳ ପରିଚାଳନା କରିଥିଲେ। ସମାଜସେବୀ ଉଦୟ କୁମାର ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ୧୩ ଓ ୮ ହଜାର ଟଙ୍କାର ଅର୍ଥ ରାଶି ଏବଂ ଟ୍ରଫି ପ୍ରଦାନ କରିଥିଲେ। ଏହି ସଭାରେ ମାଧବ ଚନ୍ଦ୍ର ଓଝା ତୃପ୍ତିମୟୀ ପାତ୍ର, ଲକ୍ଷ୍ମୀକାନ୍ତ ପାତ୍ର, ଗୁରୁଚରଣ ପାତ୍ର, ନିଶିକାନ୍ତ ପାତ୍ର, ବିନୟ ପାତ୍ର, ହିମାଂଶୁ ପାତ୍ର, ସିଦ୍ଧାନ୍ତ ପାତ୍ର, ସୁଜିତ ପାତ୍ର ଓ ଦୀପକ ପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ତୁରୁମୁଙ୍ଗା,୨୧।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ପୁଲିସ କଟୁପଡ଼ା ଭିରଳ ନଦୀରୁ ବାଲିଚାଲାଣବେଳେ ଟ୍ରାକ୍ଟରକୁ ଜବତ କରିଛି। ଜବତ ଟ୍ରାକ୍ଟର ପ୍ରଧାନପଡ଼ା ଗ୍ରାମର କ୍ଷିତିଶ



ମହାନ୍ତଙ୍କ ବାଲି ଜଣାପଡ଼ିଛି। ଏଥିସହ ଡ୍ରାଇଭର ପ୍ରଧାନପଡ଼ା ଗ୍ରାମର ବାବାଜୀ ଚାମ୍ପିଆଙ୍କୁ ନୋଟିସ୍ ଦେଇ ଛାଡ଼ିଛି। ଚଢ଼ଉରେ ପାଟଣା ଥାନା ଅଧିକାରୀ କିରଣ କୁମାର ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

### ରାଇରଙ୍ଗପୁରରେ ୱାଟ୍‌କୋ ବିଭାଗ ଅଚଳ

# ପାଇପ୍ ଫାଟି ରାସ୍ତାରେ ବୋହୁଛି ପାଣି


ରାଇରଙ୍ଗପୁର,୨୧।୧(ସମିସ):

ରାଇରଙ୍ଗପୁର ପୌରାଞ୍ଚଳରେ ୱାଟକୋ ବିଭାଗ ଅଚଳ ହୋଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ସଠିକ୍ ଭାବେ ସେବା ଯୋଗାଇବାରେ ବିଭାଗ ବିଫଳ ରହିଛି। ଅନ୍ତର୍ଗତ ଉପଖଣ୍ଡ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା କଡ଼ରେ ଦେଖିବାକୁ ମିଳିଛି।

ୱାଟ୍‌କୋ ପାନୀୟଜଳ ଯୋଗାଣ ପାଇପ୍ ଫାଟି ଜଳ ନିର୍ଗତ ହେଉଛି। ଏପରିକି ଦୂଷିତ ପାଣି ପାଇପ୍ ମଧ୍ୟକୁ ଯାଉଥିବାରୁ ସଂକ୍ରମିତ ହେବା ସମ୍ଭାବନା ରହିଛି।

**● ମିଶୁଛି ମଇଳା ପାଣି**
**● ସହରରେ ହଇଜା ବ୍ୟାପିବ ସମ୍ଭାବନା**

ଲୋକେ ଅପମିଶ୍ରିତ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଫଳରେ ରାଇରଙ୍ଗପୁରରେ ହଇଜା କାୟା ବିସ୍ତାର କରିବା ସମ୍ଭାବନା ସୃଷ୍ଟି କରିଛି। ୱାଟ୍‌କୋର ମନମୁଖୀ କାର୍ଯ୍ୟଧାରା ପାଇଁ ଲୋକେ ସଂକ୍ରମିତ ହେବାର ସମ୍ଭାବନା ଉପୁଜିଛି। ଏଭଳି ଚିତ୍ର ରାଇରଙ୍ଗପୁର ପୌରପାଳିକା ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ପୂର୍ବରୁ ପାଇପ ବିଛାଯାଇଥିଲା। ତାହା ପୁରୁଣା ହୋଇ ସ୍ଥାନେ ସ୍ଥାନେ ଫାଟି ରାସ୍ତାରେ ପାଣି ଭାସୁଥିବା ଦେଖିବାକୁ ମିଳୁଛି। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାବେଳେ ଜଳ ସଙ୍କଟ ଦେଖାଯିବ। ଏହା



ପୂର୍ବରୁ ଏଭଳି ସମସ୍ୟା ଚିନ୍ତାଜନକ ଅଟେ। ଉକ୍ତ ଅଞ୍ଚଳରେ ବସବାସ କରୁଥିବା ପରିବାର ଦୂଷିତ ପାଣି ପିଇବା ଦ୍ୱାରା ହଇଜାରେ ସଂକ୍ରମିତ ହେବାର ଅନେକ ସମ୍ଭାବନା ରହିଛି। ଉକ୍ତ ପାଣିକୁ ରାସ୍ତାରେ କୁକୁର, ଗାଈ ଆଦି ପିଉଛନ୍ତି। ଯାହାକି ଅଧିକ ପରିମାଣରେ ସଂକ୍ରମଣ କରୁଛି। ଏହା ଦେଖି ସୁଦ୍ଧା ୱାଟକୋ ଅଧିକାରୀ ନିଦାବିଷ୍ଟୁ ସାଜିଛନ୍ତି। ପାଇପ ଫାଟିବାରୁ ଉକ୍ତ ବାଟ ଦେଇ ପୋକ ଓ ଆଳିଆ ଆବର୍ଜନା ପ୍ରବେଶ କରିବା ଆଶଙ୍କା ରହିଛି। ଏହାର ସମାଧାନ ନକଲେ ଆଗକୁ ହଇଜା ପରିସ୍ଥିତି ସୃଷ୍ଟି ହେବ। ୱାଟକୋ ବିଭାଗ ଏପରି ସମସ୍ୟାର ସମାଧାନ କରିବା ନେଇ ଯତ୍ନବାନ ହେଉନାହାଁନ୍ତି। ସହରବାସୀଙ୍କୁ ସ୍ୱଚ୍ଛ ପାନୀୟ ଯୋଗାଣ ପାଇଁ ୨୪ ଘଣ୍ଟିଆ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ଏଭଳି ସମସ୍ୟା ବାରମ୍ବାର ଉପୁଜୁଛି। କିନ୍ତୁ ସମସ୍ୟାର ସମାଧାନ ହେଉନାହିଁ। ତେବେ ଉକ୍ତ ସମସ୍ୟା ସମାଧାନ କରିବା ନେଇ ପଦକ୍ଷେପ ଗ୍ରହଣ କରିବା ନିହାତି ଆବଶ୍ୟକ ଅଟେ।

## ଜାତୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ ସଚେତନତା ପଦଯାତ୍ରା

ବାରିପଦା,୨୧।୧(ସମିସ): ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ଅବସରରେ ଲିଙ୍ଗଗତ ବୈଷମ୍ୟତା ଓ କନ୍ୟା ସନ୍ତାନ ପ୍ରତି ନକାରାତ୍ମକ



ଭେଦଭାବ ଦୂର କରିବା ନିମନ୍ତେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବାରିପଦାଠାରେ ଏକ ଜିଲ୍ଲାସ୍ତରୀୟ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ପତାକା ଦେଖାଇ ଉକ୍ତ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା କିଶୋରୀ ବାଳିକା, ଅଙ୍ଗନବାଡି କର୍ମୀ, ସିଡିପିଓ, ସୁପରଭାଇଜର, ମହିଳା ସଶକ୍ତିକରଣର କର୍ମକର୍ତ୍ତା ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି, ସମାଜ କଲ୍ୟାଣ ଅଧିକାରୀ ଅନ୍ନପୂର୍ଣ୍ଣା ବୁରୁଡ଼ା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ଜିଲ୍ଲା ସଂଯୋଜକ ସୀମାନ୍ତ ଦିଗାର ଓ ଅନ୍ୟାନ୍ୟ ଅଧିକାରୀ ପାଦଯାତ୍ରାରେ ସାମିଲ ହୋଇ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଏହି ପଦଯାତ୍ରାରେ କନ୍ୟା ଶିଶୁର ଅଧିକାର, ଯତ୍ନ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ଦିଆଯାଇଥିଲା।

## ସରସ୍ୱତୀ ପୂଜା କମିଟି ବୈଠକ



ଉଦଳା,୨୧।୧(ସମିସ): ଉଦଳା ସରସ୍ୱତୀ ମନ୍ଦିର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ମା' ବାଗଦେବୀଙ୍କ ସାଂସ୍କୃତିକ, ପାରମ୍ପରିକ, ବାର୍ଷିକ ମେଳା ପରିଚଳନା ଓ ଶୃଙ୍ଖଳିତ ଭାବେ ଅନୁଷ୍ଠିତ କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। କପ୍ତିପଦା ଉପଖଣ୍ଡ ତଥା ଉଦଳାର ସର୍ବପୁରାତନ ମା' ବାଗ୍‌ଦେବୀଙ୍କ ବାର୍ଷିକ ପୂଜା ଆସନ୍ତା ୨୩ ତାରିଖ ଦିନ ଅନୁଷ୍ଠିତ ହେବ। ଏଥିସହିତ ପାରମ୍ପରିକ ସାଂସ୍କୃତିକ ମେଳା ଆସନ୍ତା ୧ ତାରିଖଠାରୁ ପ୍ରତିବର୍ଷ ଭଳି ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଜନସାଧାରଣଙ୍କ ଭାବାବେଗ ଓ ଉପଖଣ୍ଡର ସାଭିମାନ, ସଂସ୍କୃତିକୁ ବଜାୟ ରଖି ଚଳିତ ବର୍ଷ ଉକ୍ତ ମେଳାକୁ କିଭଳି ଅଧିକ ଶୃଙ୍ଖଳିତ ଓ ଆକର୍ଷଣୀୟ କରାଯାଇପାରିବ, ସେ ସମ୍ପର୍କରେ ପ୍ରଶାସନିକ ଅଧୁକାରୀ, କମିଟି ସଦସ୍ୟ, ଉପଦେଷ୍ଟା ମଣ୍ଡଳୀ ଦ୍ୱାରା ଆଲୋଚନା କରାଯାଇଥିଲା।

## ଗୋ-ଚାଲାଣ ସନ୍ଦେହରେ ଜାଳିଦେଲେ କାର୍

ରାଇରଙ୍ଗପୁର/ଗୋରୁମହିଷାଣୀ, ୨୧।୧(ସମିସ): ମୟୂରଭଞ୍ଜ-ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରେ କାର୍ ଜରିଆରେ ଗୋ-



ଚାଲାଣ ହେଉଥିବା ସନ୍ଦେହରେ ଏକ କାର୍‌କୁ ଲୋକମାନେ ଜାଳିଦେଇଛନ୍ତି। ଉକ୍ତ ଘଟଣା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ହାତିଆ ପଞ୍ଚାୟତ ଅନ୍ତର୍ଗତ ଜାମପାଣି ଗ୍ରାମ ନିକଟରେ ଘଟିଛି। ଏକ କାର୍‌ରେ ବେଆଇନ ଗୋଚାଲାଣ ହେଉଥିବା ନେଇ ଲୋକଙ୍କୁ ଖବର ମିଳିଥିଲା। ଯାହାକୁ ନେଇ ମଙ୍ଗଳବାର ବିଳମ୍ବିତ ରାତିରେ ଜାମପାଣି ନିକଟରେ କାର୍‌କୁ ଅଟକାଇ ଜାଳି ଦେଇଥିଲେ। ଖବର ପାଇ ବୁଧବାର ସକାଳୁ ଘଟଣାସ୍ଥଳରେ ଗୋରୁମହିଷାଣୀ ଥାନା ପୁଲିସ ପହଞ୍ଚିଥିଲା। ତେବେ କାର ମଧ୍ୟରେ ଗାଈ କିମ୍ବା କୌଣସି ଲୋକ ନ ଥିଲେ। କେଉଁ କାରଣରୁ ଉକ୍ତ ଅଘଟଣ ଘଟିଛି, ତାହା ସନ୍ଦେହ ଘେରରେ ରହିଛି। ତେଣୁ ପୁଲିସ ପକ୍ଷରୁ ଗାଡ଼ି ମାଲିକଙ୍କୁ ଡାକି ପଚରାଉଚରା କରାଯାଉଛି। ସୀମାନ୍ତ ଅଞ୍ଚଳରେ ଝାଡ଼ଖଣ୍ଡକୁ ବେଆଇନ ଗୋଚାଲାଣ ହେଉଥିବାବେଳେ ପୂର୍ବରୁ ଗାଡ଼ି ଜବତ ହୋଇଛି। କିଛିଦିନ ପୂର୍ବେ ପୁଲିସ ପକ୍ଷରୁ ଗୋ ତସ୍କର ଉପରେ ଚଢ଼ଉ କରିଥିଲା।

## ସିରିଜ୍ ଦୁର୍ଘଟଣାରେ ପିକଅପ୍ ଡ୍ରାଇଭର ଆହତ



କୁଳିଅଣା,୨୧।୧(ସମିସ): ୧୮ ନମ୍ବର ଜାତୀୟ ରାଜପଥର ଦରଖୋଲି ଛକ ନିକଟରେ ସିରିଜ୍ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ପିକଅପ୍ ଡ୍ରାଇଭର ଆହତ ହୋଇଥିବା ଜଣାପଡ଼ିଛି। ଏକ ପିକଅପ ଗାଡ଼ି ସମ୍ମୁଖରେ ଯାଉଥିବା ବାଲି ଟ୍ରାକ୍ଟର ହଠାତ୍ ବ୍ରେକ୍ ମାରିବାରୁ ଟ୍ରାକ୍ଟର ପଛପଟେ ପିକଅପ୍ ଧକ୍କା ଦେଇଥିଲା। ପିକଅପ୍ ପଛ ପାଶ୍ୱର୍ରେ ଟ୍ରକ୍ ପିକଅପ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ପିକ୍‌ଅପ୍ ଡ୍ରାଇଭର ଆହତ ହୋଇଥିଲେ।

## ଡକାୟତି ମାମଲାରେ ୩ ବର୍ଷ କାରାଦଣ୍ଡ

ରାଇରଙ୍ଗପୁର,୨୧।୧(ସମିସ): ବନ୍ଧୁକ ଦେଖାଇ ଡକାୟତି କରିବା ମାମଲାର ରାୟ ପ୍ରକାଶ ପାଇଛି। ରାଇରଙ୍ଗପୁରସ୍ଥ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ କୋର୍ଟରେ ବିଚାରପତି ଭି. ସୁଜାତା ଉକ୍ତ ମାମଲାର ଶୁଣାଣି କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଦୁଆଣି ଗ୍ରାମର ଦିନୁ ମୁର୍ମୁଙ୍କ ପୁତ୍ର ମଙ୍ଗଳ ମୁର୍ମୁ ଓରଫ ଭୋସକୋ। ଦୋଷୀ ସାବ୍ୟସ୍ତ କରି ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧,୦୦୦ ଟଙ୍କା ଜରିମାନା, ଅନାଦେୟ ଅଧିକ ୨ ମାସ କାରାଦଣ୍ଡ ଭୋଗିବା ନେଇ ରାୟ ମାଧ୍ୟମରେ ଆଦେଶ ଦେଇଛନ୍ତି। ଆସାମୀ ଜଣକ ୨୦୧୮ ନଭେମ୍ବର ୭ ତାରିଖରେ ବିଶୋଇ ଥାନା ଅଞ୍ଚଳରେ ବନ୍ଧୁକ ଦେଖାଇ ଏକ ଡକାୟତି କରିଥିଲା। ଯାହାକୁ ନେଇ ବିଶୋଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଉକ୍ତ ମାମଲାର ବିଚାର ସମୟରେ ସାକ୍ଷୀଙ୍କ ବୟାନ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି।

## ଏସ୍‌ଏସ୍‌ଡି ବାଳିକା ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ



ଶୁକୁଳି, ୨୧।୧(ସମିସ): ରରୁଆଁ ବ୍ଲକ୍ ନିଉତି ପଞ୍ଚାୟତର ବଲାଣପୋଷି ଏସ୍‌ଏସ୍‌ଡି ବାଳିକା ଉଚ୍ଚବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆର ତାଟସ୍ଥିତ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମଲ୍ଲିକ ଉକ୍ତ ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ରରୁଆଁ ବ୍ଲକ ଅଧ୍ୟକ୍ଷ ଅଜିତ ତିରିୟା, ମୁଖ୍ୟବକ୍ତା ଭାବେ ଭଞ୍ଜକୀୟାଠାରେ ଥିବା ସିପି କଲେଜ ଅଧ୍ୟକ୍ଷ ସୁବଧ ବାରିକ, ସମ୍ମାନିତ ଅତିଥି ଭାବେ ରରୁଆଁ ବ୍ଲକ୍ ଶିକ୍ଷା ଅଧିକାରୀ ସୁରେଶ ମୁଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ଦଳେଇ, ନିଉତିସ୍ଥ ବିଏନ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଭିମନ୍ୟୁ ମହାନ୍ତ, ଅବସରପ୍ରାପ୍ତ ଖେଳ ଶିକ୍ଷକ ଜଗେନ୍ଦ୍ର ମହାନ୍ତ, ପରିଚାଳନା କମିଟି ସଭାପତି କପିଳ ଚନ୍ଦ୍ର ନାଏକ, ବରିଷ୍ଠ ଶିକ୍ଷକ ଲୋକନାଥ ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମହାପୁରୁଷଙ୍କ ଜୀବନୀ ଉପରେ ଆଲୋଚନା କରି ଆଜିର ସମାଜ ତାଙ୍କର ଅବଦାନ ଓ ଦେଶ ମାତୃକା ପ୍ରତି ବଳିଦାନ ଉପରେ ଆଲୋଚନା କରିଥିଲେ।

## ଡାକ୍ତର ବିଜୟ ମହାରଣାଙ୍କୁ 'ଭାରତ ଗୌରବ ସମ୍ମାନ'

ଆନନ୍ଦପୁର,୨୧।୧(ସମିସ): ଜାତୀୟ ଯୁବ ପୁରସ୍କାର ବିଜେତା, ଯୋଗ ବିଶେଷଜ୍ଞ ଏବଂ "ମିଶନ ଟୁ ସକ୍ସେସ' ପୁସ୍ତକର ଲେଖକ ଡକ୍ଟର ବିଜୟ କୁମାର ମହାରଣାଙ୍କୁ ନୂଆଦିଲ୍ଲୀସ୍ଥିତ ସମ୍ବିଧାନ କ୍ଲବ୍ ଅଫ୍ ଇଣ୍ଡିଆରେ ଆୟୋଜିତ ସମାରୋହରେ ୨୦୨୫ ବର୍ଷ ପାଇଁ "ଭାରତ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଡାକ୍ତର ଶ୍ରୀ ମହାରଣା ଖାଳିଆମେଣ୍ଟା ନିବାସୀ ତଥା ଜାତୀୟ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ରଙ୍ଗାଧର ମହାରଣା ଏବଂ ଯଶୋଦା ଦେବୀଙ୍କ ବଡ଼ ପୁଅ। ସେ ଗତ ତିରିଶ ବର୍ଷ ଧରି ଗରିବ କର୍କଟ ରୋଗୀଙ୍କ ସେବା କରୁଛନ୍ତି, ୯୯ଥର ରକ୍ତଦାନ କରିଛନ୍ତି ଏବଂ ମୁମ୍ବାଇର ଡବାୱାଲାଙ୍କ ମଧ୍ୟରେ "ଯୋଗ' ଉପରେ ଗବେଷଣା କରି ପିଏଚ୍‌ଡି ହାସଲ କରିଥିବା ପ୍ରଥମ ବ୍ୟକ୍ତି। ପୁରସ୍କାର ସମାରୋହର ମୁଖ୍ୟ ଆୟୋଜକ ଥିଲେ ଭାରତ ମଞ୍ଚର ସ୍ଥାପକ ପ୍ରଶାନ୍ତ ଦ୍ୱିବେଦୀ। ଯିଏକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ "ଆତ୍ମନିର୍ଭର ଭାରତ -ଲୋକାଲ ଫର୍ ଗ୍ଲୋବାଲ୍' ଦର୍ଶନକୁ ବାସ୍ତବରେ ପରିଣତ କରିବାରେ ନିଜକୁ ନିୟୋଜିତ ରଖିଛନ୍ତି। ସୁପ୍ରିମକୋର୍ଟର ଅଧିବକ୍ତା ଡାକ୍ତର ଏମ୍. ଏ. ଖାନ କହିଛନ୍ତି, "ଡକ୍ଟର ମହାରଣାଙ୍କ ସାମାଜିକ ସେବା ଏବଂ ଗରିବ କର୍କଟ ରୋଗୀଙ୍କ ପ୍ରତି ତାଙ୍କର ସମର୍ପଣ ଭାବ ଅତୁଳନୀୟ। ବିଜୟ କୁମାରଙ୍କୁ ତାଙ୍କ ଅବିଶ୍ରାନ୍ତ ସାମାଜିକ ସେବା ପାଇଁ ଜାତୀୟ ମହାସଚିବ ଭାବରେ ମନୋନୀତ କରାଯାଇଛି।ଏହି ପୁରସ୍କାର ଡାକ୍ତର ମହାରଣାଙ୍କ ଅସାମାନ୍ୟ ସେବା, ସମର୍ପଣ ଏବଂ ରାଷ୍ଟ୍ର ପ୍ରତି ଅବଦାନକୁ ସ୍ୱୀକାର କରୁଛି, ଯାହା ତାଙ୍କୁ ଏକ ଆଦର୍ଶ ବ୍ୟକ୍ତିତ୍ୱ ଭାବରେ ପ୍ରତିଷ୍ଠିତ କରିଛି।



# ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ପାଇଁ ଜିଲ୍ଲା ସମନ୍ୱୟ ବୈଠକ

ବାରିପଦା,୨୧।୧(ସମିସ):

ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନର ସଫଳ କାର୍ଯ୍ୟକାରିତା ପାଇଁ ଜିଲ୍ଲା ସମନ୍ୱୟ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ଅତିରିକ୍ତ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦାଶ, ଡିପିଏମ ଅନୀଲ କୁମାର ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ସମନ୍ୱୟ କମିଟିର ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ। ଜାତୀୟ କୁଷ୍ଠ ନିବାରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଅଭିଯାନକୁ ଜାନୁଆରୀ ୩୦ ତାରିଖରେ ବିଶ୍ୱ କୁଷ୍ଠ ଦିବସ ଭାବେ ପାଳନ କରାଯାଉଥିବାରୁ ଏହି ବୈଠକରେ କୁଷ୍ଠ ରୋଗକୁ ହ୍ରାସ କରିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ଓ କୁଷ୍ଠରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପ୍ରତି ଭେଦଭାବକୁ ବିଲୋପ କରିବା ପାଇଁ ଜିଲ୍ଲାବ୍ୟାପୀ କୁଷ୍ଠରୋଗୀ ଚିହ୍ନଟ ଓ ଉପଚାର ପାଇଁ ଉନ୍ନତମାନର ଚିକିତ୍ସା ସେବା ନିମନ୍ତେ ବ୍ୟାପକ ରଣନୀତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।



ଚଳିତ ଜାନୁଆରୀ ମାସ ୩୦ ତାରିଖରୁ ଆଗାମୀ ଫେବୃଆରୀ ୧୩ ପର୍ଯ୍ୟନ୍ତ ଏହି ସ୍ପର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ବିଭାଗର ସମନ୍ୱୟରେ ସଫଳତାର ସହିତ ସମ୍ପାଦନ କରାଯିବ। ଚଳିତ ବର୍ଷ ଏହି ସଚେତନତା କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି 'ଅନ୍ତ ଭେଦଭାବର, ସୁରକ୍ଷା ମର୍ଯ୍ୟାଦାର'। ଏ ଅବସରରେ ଶୂନ୍ୟ କୁଷ୍ଠ ଅଭିଯାନ ମାଧ୍ୟମରେ ଜିରୋ ସଂକ୍ରମଣ ଏବଂ ରୋଗ, ଶୂନ୍ୟ ଅକ୍ଷମତା ଓ ଶୂନ୍ୟ ଭେଦଭାବ ଲକ୍ଷ୍ୟ ନେଇ, କୁଷ୍ଠ ରୋଗର ନିରାକରଣ ଓ ଚିକିତ୍ସା ବିଷୟରେ ନାଗରିକଙ୍କୁ ଶିକ୍ଷା ଦେବା ପାଇଁ ବିଦ୍ୟାଳୟ ତଥା ସର୍ବସାଧାରଣ ସ୍ଥାନରେ ପ୍ରଶାସନ ପକ୍ଷରୁ ବାର୍ତ୍ତା ପ୍ରଚାର କରାଯିବ ଓ ଏହା ସହିତ ସୂଚନା, ଶିକ୍ଷା, ଯୋଗାଯୋଗ (ଆଇଇସି) ଦ୍ୱାରା ଜନସାଧାରଣଙ୍କୁ ସଚେତନ କରାଯିବ। ସମସ୍ତଙ୍କ ସହଭାଗିତାରେ ଏହାକୁ ବିଲୋପ କରିବା ପାଇଁ ପ୍ରୟାସ କରାଯିବ। ଆୟୋଜିତ ଏହି ବୈଠକରେ ଡା. ଶାନ୍ତନୁ କୁମାର ଦାଶ, ଡା. ଅଭୟ କୁମାର ଦାସ ଓ କୁଷ୍ଠ ରୋଗ ପରାମର୍ଶଦାତା ଡା. ତପନ କୁମାର ମହାପାତ୍ର, ଏହି ଅଭିଯାନ ପାଇଁ ପ୍ରସ୍ତୁତି ଓ କାର୍ଯ୍ୟକାରୀତା ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସହ କୁଷ୍ଠ ରୋଗରେ ଆକ୍ରାନ୍ତ ହେବା ପରେ ଚିକିତ୍ସିତ ହୋଇ କୁଷ୍ଠ ମୁକ୍ତ ହୋଇଥିବା କିଛି ବ୍ୟକ୍ତି ବିଶେଷ ଓ ଲେପ୍ରସି କଲୋନୀର କିଛି ବ୍ୟକ୍ତି ଏହି ବୈଠକରେ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଉପସ୍ଥିତ ଅଧିକାରୀଙ୍କୁ ସ୍ପର୍ଶ କୁଷ୍ଠ ସଚେତନତା ପାଇଁ ଶପଥ ପାଠ କରାଇଥିଲେ।

## ବିଶ୍ୱବିଦ୍ୟାଳୟରେ ପ୍ରସ୍ତର ଯୁଗର ପଥର ଉପକରଣ ପ୍ରସ୍ତୁତି କର୍ମଶାଳା



ବାରିପଦା,୨୧।୧(ସମିସ): ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ନୃତତ୍ତ୍ୱ ବିଜ୍ଞାନ ଓ ଜନଜାତି ଅଧ୍ୟୟନ ବିଭାଗ 'ପ୍ରସ୍ତର ଯୁଗକୁ ଛୁଇଁବା: ପଥର ଉପକରଣ ତିଆରି କରିବା ଓ ପ୍ରସ୍ତର ବିଶ୍ଳେଷଣରେ ହାତପାହାନ୍ତି ତାଲିମ' ଶୀର୍ଷକ ଏକ ପାଞ୍ଚଦିନିଆ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପ୍ରାୟୋଜିତ କର୍ମଶାଳା ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ଡକ୍ଟର ବସନ୍ତ ମହାନ୍ତଙ୍କ ଦ୍ୱାରା ସଂକଳ୍ପିତ ଓ ଆବାହକତ୍ୱରେ ଏହି କର୍ମଶାଳାର ଲକ୍ଷ୍ୟ ହେଉଛି ପ୍ରସ୍ତର ପ୍ରଯୁକ୍ତି ବିଦ୍ୟା, ଟାଇପୋଲୋଜିକାଲ୍ ବର୍ଗୀକରଣ ଓ ବିଶ୍ଳେଷଣାତ୍ମକ ପଦ୍ଧତିରେ ବ୍ୟବହାରିକ ତାଲିମ ପ୍ରଦାନ କରିବା, ଯଦ୍ୱାରା ସୈଦ୍ଧାନ୍ତିକ ଜ୍ଞାନ ଓ କ୍ଷେତ୍ର-ଆଧାରିତ ଦକ୍ଷତା ମଧ୍ୟରେ ସେତୁ ସ୍ଥାପନ କରାଯାଇପାରିବ। ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଏମପିସି ସ୍ୱୟଂଶାସିତ କଲେଜ, କଳିଙ୍ଗ ସାମାଜିକ ବିଜ୍ଞାନ ପ୍ରତିଷ୍ଠାନ (କିସ), ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ, ସରକାରୀ ମହିଳା କଲେଜ ବାରିପଦା ଓ ଏମଏସସିବି ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ପ୍ରତିଷ୍ଠିତ ପ୍ରତିଷ୍ଠାନରୁ ୬୪ ଜଣ ଅଂଶଗ୍ରହଣ କରିଥିଲେ। ଶେଷ ଦିବସରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ଗୌହାଟୀ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗ ପ୍ରଫେସର ଦ୍ୱିପେନ୍ ବେଜବାରୁଁ ଓ ମୁଖ୍ୟବକ୍ତା ଭାବେ ବାଇଗଣ ବାଡିଆ କଲେଜର ପୂର୍ବତନ ଅଧ୍ୟକ୍ଷ, ଜେଏନଏସଡି ସଚନ୍ ଯୋଗଦାନ କରିଥିଲେ।






# ଡାଭୋସ୍‌ରେ 'ଶୁଳ୍କଲୋଭୀ' ଟ୍ରମ୍ପଙ୍କୁ ଘେରୁଛନ୍ତି ବିଶ୍ୱନେତା



■ ଆମେରିକା ପ୍ରାଧାନ୍ୟ ବ୍ୟବସ୍ଥାର ଅନ୍ତ ହୋଇଛି: କାନାଡ଼ା ପ୍ରଧାନମନ୍ତ୍ରୀ
■ ଶୁଳ୍କକୁ ଅସ୍ତ୍ର କରୁଛନ୍ତି ଟ୍ରମ୍ପ

ଡାଭୋସ, ୨୧।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୭ ୯ ବର୍ଷର ହେଲାଣି। ଏହି ପରିଣତି ବୟସରେ ଟ୍ରମ୍ପ ଯାହା ଚାହୁଁଛନ୍ତି ତାହା ତାଙ୍କୁ ମିଳିପାରୁ ନାହିଁ। ତେଣୁ ଟ୍ରମ୍ପ ପାଗଳ ପ୍ରାୟ ହୋଇ ଯାଇଛନ୍ତି। ମନମୁଖୀ ନିଷ୍ପତ୍ତି ନେଇ ବନ୍ଧୁତା ବଢ଼ାଇବା ପରିବର୍ତ୍ତେ ବନ୍ଧୁଙ୍କୁ ବଇରୀ କରିଦେଉଛନ୍ତି। ଶପଥ ଗ୍ରହଣର ଦିନକ ପରେ ଟ୍ରମ୍ପ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେବେ ବୋଲି କହିଥିଲେ। କିନ୍ତୁ ତାହା ସେ ଏ ପର୍ଯ୍ୟନ୍ତ କରିପାରି ନାହାନ୍ତି। ଟ୍ରମ୍ପ ପୁଣି ଭାରତ-ପାକିସ୍ତାନ ସଂଘର୍ଷ ବନ୍ଦ କରିଥିବା ଦାବି କରିଥିଲେ। ମାତ୍ର ଭାରତ ସରକାର ଏଭଳି ଦାବିକୁ ଖଣ୍ଡନ କରି ତାଙ୍କ ଖୁସିକୁ ଖଟା କରିଦେଲେ। ଏଥିରେ କ୍ଷୁବ୍ଧ ହୋଇ ଟ୍ରମ୍ପ ଭାରତ ଉପରେ ଚଢ଼ା ଶୁଳ୍କ ଲଗାଇଲେ। ଏତିକିରେ କାହାଣୀ ଶେଷ ହୋଇ ନ ଥିଲା। ଟ୍ରମ୍ପର ବିଶ୍ୱର ସମ୍ମାନ ଜନକ ପୁରସ୍କାର ନୋବେଲ ଶାନ୍ତି ଚାହିଁଥିଲେ। ନିଜେ ଆଠ ଆଠଟା ଯୁଦ୍ଧ ବନ୍ଦ କରିଥିବା ଦାବି କରିଥିଲେ। ବିଭିନ୍ନ ଦେଶକୁ ନିଜ ପାଇଁ ପ୍ରସ୍ତାବକ ମଧ୍ୟ କରିଥିଲେ। ନରୱେ ବିଦେଶୀ ମନ୍ତ୍ରୀଙ୍କୁ ଫୋନ କରି ନିଜ ପାଇଁ ନୋବେଲ ମାଗିଥିଲେ। ଏଭଳି ପ୍ରୟାସ ସତ୍ତ୍ୱେ ଟ୍ରମ୍ପ ଗତ ଅକ୍ଟୋବରରେ ନିରାଶ ହୋଇଥିଲେ। ନୋବେଲ ଶାନ୍ତି ପୁରସ୍କାର ନ ପାଇ ରକ୍ତ ଚାଉଳ ଚୋବେଇ ଥିଲେ। ଏହି ପୁରସ୍କାର ନ ପାଇଁ ଟ୍ରମ୍ପ ପାଗଳ ହୋଇ ଯାଇଥିଲେ। ପରେ ବିଶ୍ୱ ତାଙ୍କ ପାଗଳାମୀ ଦେଖିଥିଲା। ଗୋଟିଏ ପରେ ଗୋଟିଏ ଦେଶକୁ ସେ ଧମକ ଦେଇ ଚାଲିଥିଲେ। ଭେନଜୁଏଲା ଆକ୍ରମଣ କରି ରାଷ୍ଟ୍ରପତିଙ୍କୁ ଅପହରଣ କରିଥିଲେ। ଗ୍ରୀନଲାଣ୍ଡ, କାନାଡ଼ା, କ୍ୟୁବାକୁ ଦଖଲ ପାଇଁ ଧମକ ଦେଇ ନାଟୋ ସହଯୋଗୀଙ୍କୁ ଝଟ୍‌କା ଦେଇଥିଲେ। ଶେଷରେ କିଛି ଦିନ ତଳେ ନୋବେଲ ପୁରସ୍କାର ଦେଇ ନ ଥିବା ନରୱେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅଭିଯୋଗ କରିଥିଲେ। ନୋବେଲ ଶାନ୍ତି ବିନା ଶାନ୍ତି ନାହିଁ ବୋଲି କହିଥିଲେ। ଶାନ୍ତି ଉପରୁ ତାଙ୍କ ଭରସା ଉଠି ଯାଇଥିବା କହିଥିଲେ। ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟଙ୍କୁ ବିଶ୍ୱ ନେତା ତୀବ୍ର ବିରୋଧ କରିଛନ୍ତି। ସ୍ୱିଜରଲାଣ୍ଡରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ଫୋରମରେ ବିଶ୍ୱ ନେତା ଆମେରିକାକୁ ତୀବ୍ର ସମାଲୋଚନା କରି ଭାରତକୁ ଏକାଠି ହେବାକୁ ବାର୍ତ୍ତା ଦେଇଛନ୍ତି।

କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ବୁଧବାର ଡାଭୋସରେ ଦମଦାର ଭାଷଣ ଦେଇଛନ୍ତି। ବିଶ୍ୱ ରାଜନୀତିକୁ ନେଇ ଟ୍ରମ୍ପଙ୍କ ନୀତି ଏବଂ ସମାଲୋଚନା କରି ଭାରତ ସମେତ ମଧ୍ୟପ୍ରାଚ୍ୟର ଶକ୍ତିଶାଳୀ ଦେଶଙ୍କୁ ବିଶ୍ୱ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକାର ପ୍ରାଧାନ୍ୟ ଥିବା ବୈଶ୍ୱିକ ବ୍ୟବସ୍ଥା ଏବେ ଶେଷ ହୋଇଗଲାଣି। ବିଶ୍ୱ କୌଣସି ପରିବର୍ତ୍ତନ ଅଭିମୁଖେ ନୁହେଁ, ବରଂ ଭାଗ ଭାଗ ହେବାକୁ ଯାଉଛି। ଏବେ ପୁରୁଣା ବ୍ୟବସ୍ଥା ଆଉ ଫେରିବ ନାହିଁ। ନିୟମ ଏବଂ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଚାଲୁଥିବା ବିଶ୍ୱରେ ଯେଉଁ କଥା କୁହାଯାଉଛି ତାହା କେବେ ବି ସମ୍ପୂର୍ଣ୍ଣ ସତ ହେଉ ନାହିଁ। ନିୟମ ଆଧାରିତ ବ୍ୟବସ୍ଥା ସମ୍ପୂର୍ଣ୍ଣ ମିଥ୍ୟା ରହିଛି। ବିଶ୍ୱ ସର୍ବଦା କ୍ଷମତା ଏବଂ ନିଜ ନିଜ ସ୍ୱାର୍ଥ ହିସାବରେ ଚାଲିଛି। ଶକ୍ତିଶାଳୀ ଦେଶ ନିଜ ହିସାବରେ ଆଇନରୁ ବାହାରି ଯାଉଛନ୍ତି ଏବଂ ନୂଆ ଆଇନ କାର୍ଯ୍ୟକାରୀ କରୁଛନ୍ତି। କାର୍ଣ୍ଣି ମାନିଛନ୍ତି ଯେ ପୁରୁଣା ବ୍ୟବସ୍ଥା କାନାଡ଼ାକୁ ଲାଭ ଦେଇଛି। କିନ୍ତୁ ଏହି ବ୍ୟବସ୍ଥା ଆଉ ସ୍ଥାୟୀ ରହିନାହିଁ। ଶକ୍ତିଶାଳୀ ଦେଶଗୁଡ଼ିକ ନିଜର ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ଚାପ ପ୍ରୟୋଗ କରୁଛନ୍ତି। ଏହାକୁ ନେଇ ଆର୍ଥିକ ସମ୍ପର୍କକୁ ବ୍ୟବହାର କରୁଛନ୍ତି। ଏହା ହିଁ ବିଶ୍ୱର ବାସ୍ତବତା। ଚାପ ପ୍ରୟୋଗ କରିବା ପାଇଁ ଶୁଳ୍କକୁ ଅସ୍ତ୍ର କରାଯାଉଛି। ଆର୍ଥିକ ବ୍ୟବସ୍ଥା ମାଧ୍ୟମରେ ଦେଶଗୁଡ଼ିକୁ ବାଧ୍ୟ କରାଯାଉଛି। ଯୋଗାଣ ଶୃଙ୍ଖଳା ଦୁର୍ବଳତାକୁ ନେଇ ଶୋଷଣ କରାଯାଉଛି। ସାମ୍ପ୍ରତିକ ବର୍ଷଗୁଡ଼ିକର ଆର୍ଥିକ ଏବଂ ରାଜନୈତିକ ସଙ୍କଟରୁ ପ୍ରମାଣିତ ହୋଇଛି ଯେ ବିଶ୍ୱ ଉପରେ ଅତ୍ୟଧିକ ନିର୍ଭରଶୀଳତା ଯେକୌଣସି ଦେଶ ପାଇଁ ବିପଜ୍ଜନକ ହୋଇପାରେ। ବିଶ୍ୱ ବାଣିଜ୍ୟ ସଂଗଠନ ଏବଂ ଜାତିସଂଘ ଭଳି ବହୁପକ୍ଷୀୟ ପ୍ରତିଷ୍ଠାନ ଦୁର୍ବଳ ହୋଇଯାଇଛି। ଦେଶଗୁଡ଼ିକୁ ଏବେ ନିଜର ସୁରକ୍ଷା, ଶକ୍ତି ଏବଂ ଖାଦ୍ୟ ଆବଶ୍ୟକତାକୁ ସମାଧାନ କରିବାକୁ ପଡିବ। ଯେଉଁ ଦେଶ ନିଜକୁ ଖାଦ୍ୟ ଦେଇପାରିବ ନାହିଁ, ଶକ୍ତି ଯୋଗାଇପାରିବ ନାହିଁ ଏବଂ ନିଜକୁ ରକ୍ଷା କରିପାରିବ ନାହିଁ, ତାଙ୍କ ପାଖରେ କିଛି ବିକଳ୍ପ ନାହିଁ।

## ପତ୍ନୀ ମାନ୍ୟତା ମିଳିଲେ ଲିଭ୍-ଇନ୍‌ରେ ମହିଳା ସୁରକ୍ଷିତ ରହିବେ: ହାଇକୋର୍ଟ

ଚେନ୍ନଇ, ୨୧।୧(ଏଜେନ୍ସି): ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ ଲିଭ୍- ଇନ୍ ସମ୍ପର୍କରେ ମହିଳାଙ୍କ ସୁରକ୍ଷାକୁ ନେଇ ଏକ ବଡ଼ ମତ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ଲିଭ୍- ଇନ୍ ସମ୍ପର୍କରେ ମହିଳାମାନଙ୍କୁ କେବଳ ପତ୍ନୀର ମାନ୍ୟତା ଦିଆଗଲେ ହିଁ ସେମାନେ ସୁରକ୍ଷିତ ରହିବେ। ଏପରି ସମ୍ପର୍କରେ ମହିଳାଙ୍କ ବୈବାହିକ ସୁରକ୍ଷାର ଅଭାବ ରହିଛି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା କୋର୍ଟର ଦାୟିତ୍ୱ ରହିଛି। ଜଷ୍ଟିସ ଏସ୍ ଶ୍ରୀମତୀ ଜଣେ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରି ଏହି ମନ୍ତବ୍ୟ ଦେଇଛନ୍ତି। ପୁରୁଷ ଜଣକ ପ୍ରଥମେ ଜଣେ ମହିଳାଙ୍କ ସହ ଲିଭ୍- ଇନ୍ ସମ୍ପର୍କରେ ରହୁଛନ୍ତି ଓ ତା'ପରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଛନ୍ତି ବୋଲି ଅଭିଯୋଗ କରାଯାଇଛି। ମହିଳାଙ୍କ ସହ ଅଭିଯୁକ୍ତଙ୍କ ସମ୍ପର୍କ ଭାଙ୍ଗିବା ପରେ ଏହି ଅଭିଯୋଗ କରାଯାଇଛି। ଅଭିଯୁକ୍ତ ଆଗୁଆ ଜାମିନ ଆବେଦନରେ କହିଛନ୍ତି ଯେ, ସହମତିରେ ହିଁ ସମ୍ପର୍କ ହୋଇଥିଲା। ସେ ମହିଳାଙ୍କ ପୂର୍ବତନ ପ୍ରେମିକଙ୍କ ସହ ବିଷୟରେ ସୂଚନା ମିଳିବା ପରେ ସମ୍ପର୍କ ଭାଙ୍ଗିଦେଇଥିଲେ। ଅଭିଯୁକ୍ତ ପୁରୁଷ ବେକାରୀ ଓ ଆର୍ଥିକ ଚାପ କାରଣରୁ ବିବାହ କରି ନଥିବା କହିଛନ୍ତି। ଜାମିନ ଆବେଦନକୁ ଖାରଜ କରି କୋର୍ଟ କହିଛନ୍ତି ଯେ, ବଳାତ୍କାର ନ ହୋଇଥିଲେ ମଧ୍ୟ ଯୌନ ସମ୍ପର୍କକୁ ଏକ ପୃଥକ ଅପରାଧ ଭାବେ ବିବେଚନା କରାଯାଇଥାଏ। ବିଚାରପତି ଶ୍ରୀମତି କହିଛନ୍ତି ଯେ, ପୂର୍ବରୁ ଏହି ମାମଲାଗୁଡିକ ପ୍ରତାରଣା କିମ୍ବା ବଳାତ୍କାର ଉପରେ ଆଇପିସି ଧାରା ଅନୁଯାୟୀ ବିଚାର କରାଯାଉଥିଲା। କିନ୍ତୁ ନୂତନ ଫୌଜଦାରୀ ଆଇନ ଅନୁଯାୟୀ, ସଂସଦ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୌନ ସମ୍ପର୍କକୁ ଏକ ପୃଥକ ଅପରାଧ ଭାବେ ବିବେଚନା କରିଛି। ଯେହେତୁ, ଅଭିଯୁକ୍ତ ବିବାହ କରିବାକୁ ମନା କରିଥିଲେ, କୋର୍ଟ କହିଛନ୍ତି ଯେ, ଧାରା ୬୯ ଅନୁଯାୟୀ ମାମଲା ରୁଜୁ କରିବା ବାଧ୍ୟତାମୂଳକ ଓ ଅପରାଧର ଗୁରୁତ୍ୱକୁ ବିଚାର କରି ହାଜତରେ ପଚରା ଉଚରା କରିବାର ଆବଶ୍ୟକତା ରହିଛି।

## ପ୍ରୟାଗରାଜରେ ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ

ପ୍ରୟାଗରାଜ, ୨୧।୧(ଏଜେନ୍ସି): ପ୍ରୟାଗରାଜରେ ବାୟୁସେନାର ଏକ ଟ୍ରେନିଂ ବିମାନ ଦୁର୍ଘଟଣାଗସ୍ତ ହୋଇଛି। ବିମାନଟି ମଝି ଆକାଶରେ ଖସିପଡ଼ି ପୋଖରୀରେ ପଡ଼ିଥିଲା। ଦୁଇ ଆସନ ବିଶିଷ୍ଟ ଏହି ବିମାନରେ ଥିବା ଉଭୟ ପାଇଲଟ ସୁରକ୍ଷିତ ଅଛନ୍ତି। ସହରର ମଧ୍ୟଭାଗରେ ଥିବା ଏକ ଘନ ଜନବସତି ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ପୋଖରୀ ନିକଟରେ ଏକ ବିଦ୍ୟାଳୟ ଓ ଏକ ଆବାସିକ କଲୋନୀ ଅବସ୍ଥିତ। ଦୁର୍ଘଟଣା ପରେ ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ପ୍ରତ୍ୟେକ୍ଷଦର୍ଶୀମାନେ କହିଛନ୍ତି ଯେ, ବିମାନଟି ଖସି ପଡ଼ିବା ପୂର୍ବରୁ ୨ ଜଣ ଲୋକ ପାଇଲଟ୍ ପାରାଚୁଟ୍ ବାହର କରି ଏହି ପୋଖରୀକୁ ଡେଇଁ ପଡ଼ିଥିଲେ ଓ ପଙ୍କରେ ଫସି ରହିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ବାମରାଉଲି ବାୟୁସେନା ଷ୍ଟେସନରୁ ଉଡ଼ାଣ ଭରିବା ସମୟରେ ଏହି ମାଇକ୍ରୋଲାଟ୍ ବିମାନଟି ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା ବୋଲି ପ୍ରୋ ଡିଫେନ୍ସ ୱିଙ୍ଗ କମାଣ୍ଡର ଦେବାର୍ଥୋ ଧର କହିଛନ୍ତି। ଉଭୟ ପାଇଲଟ୍ ବିଚକ୍ଷଣତାର ସହିତ କାର୍ଯ୍ୟ କରି ବିମାନଟିକୁ ଏକ ଫାଙ୍କା ଜାଗାରେ ଅବତରଣ କରାଇଥିଲେ। ଫଳରେ କେହି ମୃତାହତ ହୋଇ ନଥିଲେ କିମ୍ବା ସାର୍ବଜନୀନ ସମ୍ପତ୍ତିର କ୍ଷତି ହୋଇ ନଥିଲା। ଦୁର୍ଘଟଣାର କାରଣ ଜାଣିବା ପାଇଁ ଏକ କୋର୍ଟ ଅଫ୍ ଇନକ୍ୱାରୀର ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ଦିନ ୧୨ଟାରେ ହିଁ ଏହି ଦୁର୍ଘଟଣା ହୋଇଥିଲା। ମାଘ ମେଳାଠାରୁ ୩ କିମି ଦୂରରେ ବିମାନ ଖସି ପଡ଼ିଥିଲା। ଘଟଣାସ୍ଥଳରେ ସେନା, ଅଗ୍ନିଶମ ବାହିନୀ, ଏସ୍‌ଡିଆରଏଫ୍ ଓ ଏନ୍‌ଡିଆରଏଫ୍ ଦଳ ପହଞ୍ଚିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ଟ୍ରମ୍ପଙ୍କ ଏୟାର ଫୋର୍ସ-୧ ବିମାନରେ ଯାନ୍ତ୍ରିକ ତ୍ରୁଟି

ଜେନିଭା, ୨୧।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିମାନ ସ୍ୱିଜରଲାଣ୍ଡର ଡାଭୋସକୁ ବିମାନ ଉଡ଼ାଣ ଆରମ୍ଭ କରିବାକୁ କିଛି ସମୟ ମଧ୍ୟରେ ପ୍ରତ୍ୟାବର୍ତ୍ତନ କରିଥିଲା। ହ୍ୱାଇଟ ହାଉସ୍ ଦେଇଥିବା ତଥ୍ୟ ଅନୁଯାୟୀ ବିମାନରେ କିଛି ଯାନ୍ତ୍ରୀକ ତ୍ରୁଟି ଥିଲା। ପ୍ରେସ୍ ସଚିବ କାରୋଲିନ ଲିଭେଟ କହିଛନ୍ତି ଯେ, ବିମନେ ଟେକ୍‌ଅଫ୍ କରିବାକୁ କିଛି ସମୟ ମଧ୍ୟରେ କ୍ରୁ ମେମ୍ବରଙ୍କୁ ବିମାନରେ ଏକ ବୈଦ୍ୟୁତିକ ତ୍ରୁଟି ଥିବା ଜାଣିବାକୁ ପାଇଥିଲେ। ଫଳସ୍ୱରୂପ, ସତର୍କତାମୂଳକ ପଦକ୍ଷେପ ନିଆଯାଇ ବିମାନକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ପରେ ଟ୍ରମ୍ପ ଅନ୍ୟ ଏକ ବିମାନରେ କିଛି ସମୟ ପରେ ଯାତ୍ରା କରିଥିଲେ। ସେ ବୁଧବାର ସୁଇଜରଲାଣ୍ଡରୁ ଡାଭୋସ୍‌ରେ ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ଯୋଗଦେବେ। ଟ୍ରମ୍ପଙ୍କ ସରକାରୀ ଯାତ୍ରା ପାଇଁ ବର୍ତ୍ତମାନ ଏକ ବୋଇଂ ୭୪୭-୨୦୦ବି ଏୟାର ଫୋର୍ସ-୧ ବିମାନ ବ୍ୟବହୃତ ହେଉଛି। ଏହିପରି ଦୁଇଟି ବିମାନ ତାଙ୍କ ଯାତ୍ରା ପାଇଁ ବ୍ୟବହୃତ ହେଉଛି। ଏହି ବିମାନଗୁଡିକ ୪ ଦଶନ୍ଧି ଅର୍ଥାତ ପାଖାପାଖି ୪୦ ବର୍ଷ ପୁରୁଣା। ଆମେରିକା ବିମାନ ନିର୍ମାତା କମ୍ପାନୀ ବୋଇଂ ନୂଆ ବିକଳ୍ପ ବିମାନ ପ୍ରସ୍ତୁତି କରୁଛି, କିନ୍ତୁ ଏଥିରେ ବିଳମ୍ବ ହେଉଛି। ସୂଚନାଯୋଗ୍ୟ ଯେ, କତାରର ରାଜ ପରିବାର ଟ୍ରମ୍ପଙ୍କୁ ଗତ ବର୍ଷ ଏକ ବିଳାସପୂର୍ଣ୍ଣ ବୋଇଂ ୭୪୭-୮ ଜମ୍ବୋ ଜେଟ୍ ଉପହାର ସ୍ୱରୂପ ପ୍ରଦାନ କରିଥିଲା। ଏହି ବିମାନକୁ ଏବେ ଏୟାର ଫୋର୍ସ-୧ଫ୍ଲିଟ୍‌ରେ ସାମିଲ କରାଯିବା ପାଇଁ ପ୍ରକ୍ରିୟା ଚାଲିଛି। ଏହି ନିଷ୍ପତ୍ତିକୁ ନେଇ ଏକାଧିକ ପ୍ରଶ୍ନ ଉଠୁଛି। ସୁରକ୍ଷା ମାନଦଣ୍ଡ ପୂରଣ କରିବା ପାଇଁ ଏହି ବିମାନକୁ ଅପ୍‌ଗ୍ରେଡ୍ କରାଯାଉଛି। ଗ୍ରୀନ୍‌ଲାଣ୍ଡକୁ ନେଇ ଚାଲୁଥିବା ଚର୍ଚ୍ଚା ଓ ବିବାଦ ସମ୍ପର୍କରେ ଟ୍ରମ୍ପ ଡାଭୋସରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବେ ବୋଲି ଆଶା କରାଯାଉଛି।




## ଇରାନରୁ ଫେରିଲେ ଦ୍ୱିତୀୟ ପର୍ଯ୍ୟାୟ ଭାରତୀୟ ଛାତ୍ର

ଶ୍ରୀନଗର, ୨୧।୧(ଏଜେନ୍ସି): ଇରାନରେ ଫସି ରହିଥିବା ଭାରତୀୟ ଛାତ୍ର ଦ୍ୱିତୀୟ ପର୍ଯ୍ୟାୟରେ ସୁରକ୍ଷିତ ଭାବେ ସ୍ୱଦେଶ ଫେରିଛନ୍ତି। ଜମ୍ମୁ-କଶ୍ମୀର ଛାତ୍ର ସଂଘ (ଜେକେଏସ୍‌ଏ) ଅନୁଯାଇ, ବର୍ତ୍ତମାନ ସ୍ଥିତିରେ ଛାତ୍ରମାନଙ୍କ ଏହି ପ୍ରତ୍ୟାବର୍ତ୍ତନ ସେମାନଙ୍କ ପରିବାର ପାଇଁ ବଡ଼ ଆସ୍ୱସ୍ତି ଆଣି ଦେଇଛି। ଛାତ୍ରମାନେ ଏୟାର ଇଣ୍ଡିଆ ବିମାନ ଏଆଇ-୯୯୬ରେ ଦୁବାଇ ଓ ସାରଜା ଦେଇ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ପହଞ୍ଚିଥିଲେ। ସବୁ ଛାତ୍ର ନିଜ ଖର୍ଚ୍ଚରେ ହିଁ ଭାରତ ଫେରିଛନ୍ତି। ଏପର୍ଯ୍ୟନ୍ତ ୨୦୦ ଭାରତୀୟ ଛାତ୍ର ଇରାନ୍‌ରୁ ଫେରି ସାରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଜମ୍ମୁ-କଶ୍ମୀର ବୋଲି କୁହାଯାଇଛି। ପୂର୍ବରୁ ଜାନୁଆରୀ ୧୬ରେ ପ୍ରଥମ ପର୍ଯ୍ୟାୟରେ ଭାରତୀୟ ଛାତ୍ର ଫେରିଥିଲେ। ଉଲ୍ଲେଖଥାଉ କି, ଇରାନରେ ଡିସେମ୍ବର ୨୮ରୁ ସରକାରୀ ବିରୋଧୀ ଆନ୍ଦୋଳନ ତଥା ବିକ୍ଷୋଭ ଜାରି ରହିଛି। ଇରାନର ୩୧ଟି ରାଜ୍ୟରେ ହିଂସ୍ରକ ଆନ୍ଦୋଳନ ବ୍ୟାପୀ ଯାଇଛି। ଏଥିରେ ୩ ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିସାରିଛନ୍ତି। ଗୁଳି ବାଜିବା କାରଣରୁ ଅଧିକାଂଶ ଲୋକଙ୍କ ମୃତ୍ୟୁ ହୋଇଛି। ଆଗକୁ ଆହୁରି କିଛି ଛାତ୍ର ଭାରତ ଫେରିବେ ବୋଲି କୁହଯାଉଛି।

## କଟକଣା ସତ୍ତ୍ୱେ ଆରାବଳୀରେ ଚାଲିଛି ବେଆଇନ ଖନନ

■ ସମୟ ପୂର୍ବରୁ ରୋକା ନ ଗଲେ ସ୍ଥିତି ହାତରୁ ପଳାଇବ: ସୁପ୍ରିମକୋର୍ଟ
■ ଖଣି ଖନନ ରୋକିବାକୁ ଗଠନ ହେବ ବିଶେଷଜ୍ଞ କମିଟି

ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି): ସର୍ବ ପୁରାତନ ପର୍ବତମାଳା ଆରାବଳୀର ଯନ୍ତ୍ରଣା ଅସହ୍ୟ ହେବାରେ ଲାଗିଛି। କଟକଣା ସତ୍ତ୍ୱେ ଏହି ପର୍ବତମାଳାରେ ବେଆଇନ ଖଣି ଖନନ ଚାଲିଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାକୁ ନେଇ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଖଣି ଖନନ ଦ୍ୱାରା ଏଭଳି ସ୍ଥିତି ସୃଷ୍ଟି ହେବ ଯାହାକୁ କେବେ ସୁଧାରି ହେବନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଖଣି ଖନନ ବନ୍ଦ କରିବାକୁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବ। ପରିବେଶବିତ, ବୈଜ୍ଞାନିକଙ୍କୁ ନେଇ ଗଠନ ହେବାକୁ ଥିବା ଏହି କମିଟି ବିଭିନ୍ନ ଦିଗକୁ ଦେଖି ପରାମର୍ଶ ଦେବେ। ଆରାବଳୀ କ୍ଷେତ୍ରରେ କୌଣସି ପ୍ରକାରର ଖଣି ଖନନ ହେବାକୁ ନ ଦେବା ପାଇଁ ସୁପ୍ରିମକୋର୍ଟ ରାଜସ୍ଥାନ ସରକାରଙ୍କଠାରୁ ଗ୍ୟାରେଣ୍ଟି ନେଇଛନ୍ତି।

ସିଜେଆଇ କହିଛନ୍ତି ବେଆଇନ ଖଣି ଖନନ କେବଳ ପରିବେଶର କ୍ଷତି କରେନାହିଁ, ବରଂ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହାର ପ୍ରଭାବ ରହିଥାଏ। ସମୟ ଥିବା ପୂର୍ବରୁ ଏହାକୁ ରୋକା ନ ଗଲେ ସ୍ଥିତି ହାତରୁ ବାହାରି ଯିବ। ତେଣୁ ପୂର୍ବ ନିର୍ଦ୍ଦେଶକୁ ବଜାୟ ରଖିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆରାବଳୀ କ୍ଷେତ୍ରରେ ବେଆଇନ ଖଣ ଖନନ ରୋକିବା ପାଇଁ ରାଜସ୍ଥାନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ଖଣି ଖନନରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ମାମଲାରେ ବିସ୍ତୃତ ଠୋସ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ସବୁ ପକ୍ଷଙ୍କୁ ସିଜେଆଇ ନିର୍ଦ୍ଦେଶ ଦେଇଛନ୍ତି। ଚାରି ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି।



## ସିଞ୍ଜୋ ଆବେଙ୍କ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

ଟୋକିଓ, ୨୧।୧(ଏଜେନ୍ସି): ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ହତ୍ୟା କରିଥିବା ଅଭିଯୁକ୍ତକୁ ଆଜୀବନ କରାଦଣ୍ଡରେ ଦଣ୍ଡିତ କରାଯାଇଛି। ୨୦୨୨ ଜୁଲାଇ ୮ରେ ନାରା ସିଟିରେ ଏକ ନିର୍ବାଚନ ପ୍ରଚାର ସମୟରେ ଆବେଙ୍କୁ ଅତର୍କିତ ଭାବେ ଗୁଳି କରି ହତ୍ୟା କରାଯାଇଥିଲା। ବୁିଧବାର ଏକ କୋର୍ଟ ଅଭିଯୁକ୍ତ ହତ୍ୟାକାରୀ ତେତସୂୟା ଆମାଗାମିଙ୍କୁ ଦଣ୍ଡ ଶୁଣାଇଛନ୍ତି। ସରକାରୀ ଓକିଲ କୋର୍ଟରେ କହିଥିଲେ ଯେ, ୟାମାଗାମି କରିଥିବା ଅପରାଧ ଅତ୍ୟନ୍ତ ଗମ୍ଭୀର ଓ ସେ କଠୋରରୁ କଠୋରତମ ଦଣ୍ଡ ପାଇବା ଉଚିତ। ତେବେ ୟମାଗାମୀ ଧାର୍ମିକ ନିର୍ଯାତନାର ଶିକାର ହୋଇଥିଲେ ବୋଲି ତାଙ୍କ ପକ୍ଷ ଯୁକ୍ତି ଉପସ୍ଥାପନ କରିଥିଲେ। ତାଙ୍କ ଓକିଲମାନେ କହିଥିଲେ ଯେ, ୟାମାଗାମି ମାଆ ୟୁନିଫିକେଶନ ଚର୍ଚ୍ଚ ସହିତ ଜଡିତ ଥିଲେ ଓ ଏହା ତାଙ୍କ ପରିବାରକୁ ବଡ଼ ଋଣଭାରରେ ବୁଡ଼ାଇ ଦେଇଥିଲା। ୟାମାଗାମି କୋର୍ଟଙ୍କୁ କହିଥିଲେ ଯେ, ସେ ପ୍ରଥମେ ଚର୍ଚ୍ଚ ସହିତ ଜଡ଼ିତ ଅଧିକାରୀମାନଙ୍କୁ ଆକ୍ରମଣ କରିବାକୁ ଚାହୁଁଥିଲେ। ସେବେ ୨୦୨୧ରେ ସେ ଆବେଙ୍କ ଏକ ଭିଡିଓ ଦେଖିବାକୁ ପାଇଥିଲେ ଓ ଏଥିରେ ତାଙ୍କ ଚର୍ଚ୍ଚ ସହିତ ଥିବା ସମ୍ପର୍କ ଥିବା ଜାଣି ପାରିଥିଲେ। ଫଳରେ ଚର୍ଚ୍ଚ ସହିତ ତାଙ୍କ ସମ୍ପୃକ୍ତିକୁ ସ୍ପଷ୍ଟ କରିଥିଲା। ଏହାପରେ ସେ ଆବେଙ୍କୁ ଟାର୍ଗେଟ କରିବାକୁ ମନସ୍ଥ କରିଥିଲେ ବୋଲି ସେ କହିଛନ୍ତି।

## ବୋଡ଼ୋ- ଆଦିବାସୀ ସଂଘର୍ଷ
## କୋକ୍ରାଝରରେ ସେନା ମୁତୟନ

ଗୌହାଟୀ, ୨୧।୧(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମର କୋକ୍ରାଝର ଜିଲ୍ଲାରେ ସେନାକୁ ମୁତୟନ କରାଯାଇଛି। ମଙ୍ଗଳବାର ଏଠାରେ ବୋଡ଼ୋ ସ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ କାରଣରୁ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିଲେ। ଫଳରେ ହିଂସା ସୃଷ୍ଟି ହେବା ସହ ଭୟଙ୍କର ରୂପ ଧାରଣ କରିଥିଲା। ସମ୍ଭାବ୍ୟ ଆକ୍ରମଣ ଆଶଙ୍କା କରି ଗାଁ ଲୋକେ ଘର ଛାଡ଼ି ପଳାଇଛନ୍ତି। ଜଣେ ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି ଯେ, ମଙ୍ଗଳବାର ରାତିରେ ସେନା କର୍ମଚାରୀମାନେ କାରିଗାଓଁ ଓ ଆଖାପାଖ ଅଞ୍ଚଳରେ ପାଟ୍ରୋଲିଂ କରିଥିଲେ ଓ ବୁଧବାର ଅଞ୍ଚଳରେ ଏକ ଫ୍ଲାଗମାର୍ଚ୍ଚ କରିଥିଲେ। ଜିଲ୍ଲାରେ ଏବେ ମୋଟ୍ ଉପରେ ସେନାର ୪ଟି ଅଂଶକୁ ମୁତୟନ କରାଯାଇଛି ଓ ସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି। ସମଗ୍ର କୋକ୍ରାଝର ଜିଲ୍ଲାରେ କର୍ଫ୍ୟୁ ଜାରି କରାଯାଇଛି। କ୍ରୋକାଝର ଓ ଚିରାଙ୍ଗ ଜିଲ୍ଲାରେ ଇଣ୍ଟରନେଟ ଓ ମୋବାଇଲ ଡାଟା ସେବାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଇଛି।


## ଚନ୍ଦ୍ରକୁ ଯିବାକୁ ଚାହୁଁଛି; ସ୍ୱାମୀ ଅନୁମତି ଦେଉନାହାନ୍ତି



ନୂଆଦିଲ୍ଲୀ, ୨୧।୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ତଥା ଆମେରିକୀୟ ମହିଳା ମହାକାଶଚାରୀ ସୁନୀତା ୱିଲିୟମ୍ସ ଭାରତ ଆସିଛନ୍ତି ଓ ଦିଲ୍ଲୀର ଆମେରିକା ସେଣ୍ଟରରେ ଆୟୋଜିତ 'ଆଖୋଁ ସିତାରୋଁ ପର, ପୈର ଜମି ପର' ସେମିନାରରେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଛନ୍ତି। ଭାରତକୁ ଆସିବା ଘରକୁ ଫେରିବା ଭଳି ଲାଗୁଛି ବୋଲି ସେ କହିଛନ୍ତି। ଏବେ ବିଶ୍ୱରେ ଏକ ମହାକାଶ ଦୌଡ଼ ଚାଲିଛି। ଅନେକ ଦେଶ ଚନ୍ଦ୍ର ଓ ମହାକାଶରେ ଆଗକୁ ବଢ଼ିବାକୁ ପ୍ରୟାସ କରୁଛନ୍ତି। ଲକ୍ଷ୍ୟ କେବଳ ପହଞ୍ଚିବା ନୁହେଁ, ବରଂ ମଣିଷମାନେ ସୁରକ୍ଷିତ, ସ୍ଥାୟୀ ଓ ସ୍ଥାୟୀ ଭାବେ ଚନ୍ଦ୍ର ପହଞ୍ଚିବା ନିଶ୍ଚିତ କରିବା। ତେବେ ଏହି କାମ ଗଣତାନ୍ତ୍ରିକ ଭାବେ କରାଯିବା ଉଚିତ, ପାରସ୍ପରିକ ଲାଭ, ସହଯୋଗ ଓ ସ୍ୱଚ୍ଛତା ସହିତ, ଯାହା ଦ୍ୱାରା କୌଣସି ଗୋଟିଏ ଦେଶ ପ୍ରାଧାନ୍ୟ ବିସ୍ତାର ନ କରେ ଏବଂ ସମସ୍ତ ମାନବଜାତି ଲାଭବାନ ହେବ। ସବୁ ଦେଶ ଆଣ୍ଟାର୍କଟିକା ମଡେଲ ଭଳି ସହଯୋଗରେ ଆଗକୁ ବଢ଼ିବା ଉଚିତ ବୋଲି ସେ କହିଥିଲେ। ଭାରତ ଆସିବା ତାଙ୍କ ପାଇଁ ସ୍ୱଦେଶ ଫେରିବା ଭଳି ଅନୁଭବ ହୁଏ। କାରଣ ତାଙ୍କ ପିତା ଗୁଜରାଟର ମେହସାଣା ଜିଲ୍ଲାର ଝୁଲାସନ ଗାଁରୁ ଆସିଥିଲେ। ସେ ଚନ୍ଦ୍ରକୁ ଯିବାକୁ ଚାହୁଁଛନ୍ତି। କିନ୍ତୁ ଏଥିପାଇଁ ସ୍ୱାମୀ ମତେ ଅନୁମତି ଦେଉନାହାନ୍ତି ବୋଲି ଏକ ପ୍ରଶ୍ନର ଉତ୍ତର ଦେବା ଅବସରରେ ମଜାରେ ସେ ଏହି କଥା କହିଛନ୍ତି। ଏବେ ଘରକୁ ଫେରି ଦାୟିତ୍ୱ ହସ୍ତାନ୍ତର କରିବାର ସମୟ ଉପନୀତ ହୋଇଛି। ପରବର୍ତ୍ତୀ ପିଢ଼ିକୁ ମହକାଶ ଅନୁସନ୍ଧାନରେ ନିଜ ସ୍ଥାନ ସୃଷ୍ଟି କରିବାକୁ ପଡ଼ିବ। ମହାକାଶରୁ ପୃଥିବୀ ଦେଖିବା ବେଳେ ଆମେ ସମସ୍ତେ ଏକ ବୋଲି ମନେ ହୁଏ ବୋଲି ସେ କହିଛନ୍ତି। ୬୦ ବର୍ଷୀୟ ସୁନୀତା ନିକଟରେ ନାସାରୁ ଦୀର୍ଘ ୨୭ ବର୍ଷ ପରେ ଅବସର ଗ୍ରହଣ କରିଛନ୍ତି। ସେ ୪-୫ ଦିନ ଭାରତ ଗସ୍ତରେ ଆସିଛନ୍ତି। ସେ ମଧ୍ୟ ଅନ୍ୟତମ ମହିଳା ଭାରତୀୟ ମହାକାଶଚାରୀ କଳ୍ପନା ଚାୱାଲାଙ୍କ ମା ଓ ଭଉଣୀଙ୍କୁ ଦେଖା କରିଛନ୍ତି। ସୁନୀତା ୨୦୨୪ରେ ୮ ଦିନ ପାଇଁ ମହାକାଶ ଯାଇଥିଲେ। କିନ୍ତୁ ସେଠାରେ ସେ ବିଭିନ୍ନ କାରଣ ପାଇଁ ୯ ମାସରୁ ଅଧିକ ସମୟ ରହିବାକୁ ବାଧ ହୋଇଥିଲେ।

## ଝାଡ଼ଖଣ୍ଡରେ 'ହାତୀ ପାଇଁ ଜରୁରୀକାଳୀନ ପରିସ୍ଥିତି' ଘୋଷିତ

ରାଞ୍ଚି, ୨୧।୧(ଏଜେନ୍ସି): ଝାଡ଼ଖଣ୍ଡର ପଶ୍ଚିମ ସିଂଭୂମ ଜିଲ୍ଲାରେ ଏକ ବଣୁଆ ହାତୀ ୨୨ ଜଣ ଲୋକଙ୍କୁ ମାରିବା ପରେ ରାଜ୍ୟ ସରକାରଙ୍କ ଚେତା ପଶିଛି। ସରକାର ବୁଧବାର 'ହାତୀ ଜରୁରୀକାଳୀନ ପରିସ୍ଥିତି' ଘୋଷଣା କରିଛନ୍ତି। ବନ ଅଧିକାରୀମାନେ କହିଛନ୍ତି ଯେ, ହାତୀଟି ନିଜ ପଲ ତଥା ଦଳଠାରୁ ଅଲଗା ହେବା ପରେ ଅତ୍ୟନ୍ତ ଆକ୍ରମଣାତ୍ମକ ହୋଇଯାଇଥିଲା। ପ୍ରତିଦିନ ହାତୀଟି ୩୦ କିମି ଅତିକ୍ରମ କରୁଛି ଓ ଏପର୍ଯ୍ୟନ୍ତ ୨୨ ଜଣଙ୍କ ମାରି ସାରିଛି। ବନ ବିଭାଗ ହାତୀକୁ ଟ୍ରାକିଂ କରି ଧରିବା ପାଇଁ ୧୦୦ରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରିଛି। ସେମାନେ ୩ଥର ହାତୀକୁ ଟ୍ରାଙ୍କୁଲାଇଜ୍ କରିବାକୁ ପ୍ରୟାସ କରିଛନ୍ତି। ତେବେ ସେମାନେ ସଫଳ ହୋଇପାରି ନାହାନ୍ତି। ପ୍ରଥମଥର ପାଇଁ କୌଣସି ପୁରୁଷ ହାତୀ ଏହି ଅଞ୍ଚଳରେ ଏଭଳି କାଣ୍ଡ ଘଟାଇଛି। ଏହା ଏକ ଅଭୁତପୂର୍ବ ସ୍ଥିତି ସୃଷ୍ଟି କରିଛି।



### ପ୍ରଶାସନକୁ ଶଙ୍କରାଚାର୍ଯ୍ୟଙ୍କ ଚେତାବନୀ

## ନୋଟିସ ପ୍ରତ୍ୟାହାର ନ କଲେ କେସ୍ କରିବି

ପ୍ରୟାଗରାଜ, ୨୧।୧ (ଏଜେନ୍ସି): ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ପ୍ରୟାଗରାଜ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ତାଙ୍କୁ ଜାରି କରାଯାଇଥିବା ନୋଟିସ୍ ପ୍ରତ୍ୟାହାର ନ କରାଯାଏ, ମାନହାନୀ ମାମଲା ଦାଏର କରିବେ ବୋଲି କହିଛନ୍ତି। ପ୍ରଶାସନର ଦେଇଥିବା ନୋଟିସର ଜବାବର ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଇମେଲ୍ ମାଧ୍ୟମରେ ୮ ପୃଷ୍ଠାର ଉତ୍ତର ପଠାଇ ଏହାକୁ ମନମୁଖୀ, ଖରାପ ଏବଂ ଅସାମ୍ବିଧାନିକ କହିଛନ୍ତି। ଅବିମୁକ୍ତେଶ୍ୱରାନନ୍ଦ ଲେଖିଛନ୍ତି ଯେ ସୁପ୍ରିମକୋର୍ଟ ତାଙ୍କୁ ଶଙ୍କରାଚାର୍ଯ୍ୟ ପଦରେ ରହିବାରୁ ବାରଣ କରିବା ପାଇଁ କୌଣସି ନିର୍ଦ୍ଦେଶ ଜାରି କରିନାହାଁନ୍ତି। ମାମଲା ବିଚାରାଧୀନ ଅଛି, ତେଣୁ କୌଣସି ତୃତୀୟ ପକ୍ଷର ମନ୍ତବ୍ୟ ଦେବା କିମ୍ବା ପ୍ରତିବନ୍ଧକ ଲଗାଇବାର ଅଧିକାର ନାହିଁ। ଏହା ମଧ୍ୟରେ ଦ୍ୱାରକା ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ମହାରାଜ ମୌନୀ ଅମାବାସ୍ୟାରେ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ସ୍ନାନ କରାଇ ନ ଦେବା ଘଟଣାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ପ୍ରଶାସନ କ୍ଷମା ମାଗିବା ଉଚିତ। ପୁଲିସ ବ୍ରାହ୍ମଣମାନଙ୍କୁ କେଶ ଧରି ଟାଣି ନେଇଥିଲା। ଏହା ସରକାରଙ୍କ ଅହଂକାରକୁ ଦର୍ଶାଉଛି। କ୍ଷମତା ସବୁଦିନ ପାଇଁ ସ୍ଥାୟୀ ନୁହେଁ। ଯେଉଁମାନେ ଗଙ୍ଗାରେ ସ୍ନାନ କରିବାରୁ ଲୋକଙ୍କୁ ବାଧା ଦିଅନ୍ତି ସେମାନେ ଗୋହତ୍ୟାର ଦୋଷୀ।

ଉଲ୍ଲେଖଯୋଗ୍ୟ ଯେ ସଦାନନ୍ଦ ମହାରାଜ ଏବଂ ଅବିମୁକ୍ତେଶ୍ୱରାନନ୍ଦ ହେଉଛନ୍ତି ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଶିଷ୍ୟ। ତାଙ୍କ ମୃତ୍ୟୁ ପରେ, ଉଭୟେ ଏକାଠି ଶଙ୍କରାଚାର୍ଯ୍ୟ ହୋଇଥିଲେ।

ଅନ୍ୟପଟେ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ କହିଛନ୍ତି ଯେ ଅବିମୁକ୍ତେଶ୍ୱରାନନ୍ଦଙ୍କ ପ୍ରତି ଅନ୍ୟାୟ ହୋଇନାହିଁ। ସେ ହିଁ ଅନ୍ୟାୟ କରିଥିଲେ। ପାଲିଙ୍କିରେ ସ୍ନାନ ପାଇଁ ଗଙ୍ଗା ଯାତ୍ରା କରିବାର କୌଣସି ନିୟମ ନାହିଁ। ଆମେ ମଧ୍ୟ ପାଦରେ ଚାଲି ଯାଉ। ନିଜକୁ ଶଙ୍କରାଚାର୍ଯ୍ୟ ପ୍ରମାଣିତ କରିବା ପାଇଁ ସରକାର ତାଙ୍କୁ ଯଥାର୍ଥ ଭାବରେ ନୋଟିସ୍ ଜାରି କରିଛନ୍ତି।

## ସଂଘର୍ଷର ଅନ୍ୟ ନାମ
# ସନ୍ତୋଷୀ

**ଜୀବନର ଉଠାଣି ଗଡ଼ାଣି ରାସ୍ତାରେ ଚାଲିବା ସମସ୍ତଙ୍କ ପାଇଁ ସହଜ ହୋଇ ନ ଥାଏ। ଅନେକ ହାରିଯାଆନ୍ତି। ଆଉ କିଛି ହାରି ନ ଯାଇ ଦୁର୍ଯୋଗକୁ ସୁଯୋଗରେ ପରିଣତ କରି ସଫଳତା ପ୍ରାପ୍ତି କରିଥାନ୍ତି। ସଂଘର୍ଷରୁ ସଫଳତା ପ୍ରାପ୍ତ କରିଥିବା ସେମିତି ଜଣେ ମହିଳା ହେଲେ, କେନ୍ଦୁଝରର ପ୍ରଥମ ମହିଳା ଅଟୋ ଚାଳକ ସନ୍ତୋଷୀ ଦେଓ। ଏବେ ସେ ବାଣିଜ୍ୟ ଓ ପରିବହନ ବିଭାଗର ଲୋକାଭିମୁଖୀ ଯୋଜନା 'ଆତ୍ମନିର୍ଭର ମହିଳା ସୁବାହକ'ର ଜଣେ ସଫଳ ହିତାଧିକାରୀ ହୋଇଛନ୍ତି।**



ମାତ୍ର ୧୬ ବର୍ଷ ବୟସରେ ସନ୍ତୋଷୀ ହରିୟାନାରେ ବିବାହ କରିଥିଲେ; କିନ୍ତୁ ବିବାହର କିଛିଦିନ ପରେ ସେ ଯୌତୁକ ନିର୍ଯାତନା ଏବଂ ଘରୋଇ ହିଂସାର ସମ୍ମୁଖୀନ ହୋଇଥିଲେ। ଫଳରେ ସ୍ୱାମୀଙ୍କୁ ସବୁଦିନ ପାଇଁ ଛାଡ଼ିବାକୁ ସେ ସ୍ଥିର କରିଥିଲେ। ସ୍ୱାମୀ ପରିତ୍ୟକ୍ତା ହେବାପରେ ସେ ଛୋଟ ଝିଅକୁ ଧରି ସ୍ୱାଭିମାନର ସହ ବଞ୍ଚିବା ପାଇଁ କେନ୍ଦୁଝର ଫେରିଥିଲେ। ଚେନ୍ନାଇର ଜଣେ ମହିଳା ଅଟୋ ଚାଳକଙ୍କୁ ଦେଖି ସେଥିରୁ ଅନୁପ୍ରାଣିତ ହୋଇ ସେ ୨୦୧୫ ମସିହାରେ କେନ୍ଦୁଝରର ପ୍ରଥମ ମହିଳା ଅଟୋ ଚାଳିକା ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାଦ୍ୱାରା ସେ ସାମାଜର ରଢ଼ିବାଦୀ ଚିନ୍ତାଧାରାକୁ ଭାଙ୍ଗିଥିଲେ। ୨୦୨୧ ମସିହାରେ ସେ ଓଡ଼ିଶାର ପ୍ରଥମ 'ମୋ ବସ୍' ଡ୍ରାଇଭର ଭାବେ ଇତିହାସ ରଚିଥିଲେ। ଏହାପରେ ସେ ନିଜର ଦକ୍ଷତା ପ୍ରତିପାଦନ କରି କେନ୍ଦୁଝରର ଏକ ଘରୋଇ ଖଣି କମ୍ପାନୀ ଅଧୀନରେ ୪୦ ମେଟ୍ରିକ ଟନ୍ ବିଶିଷ୍ଟ ବିଶାଳକାୟ 'ଭଲ୍‌ଭୋ ଟ୍ରକ୍' ମଧ୍ୟ ଚଲାଇଥିଲେ। ସେ ନିଜର ଅଟୋ ଧରି ନ୍ୟାୟ ପାଇଁ ପ୍ରାୟ ୧୬୦୦ କିଲୋମିଟର ପଥ ଅତିକ୍ରମ କରି ନୂଆଦିଲ୍ଲୀ ଯାଇଥିଲେ। ନିକଟରେ କେନ୍ଦୁଝରରୁ ଅଯୋଧ୍ୟା ଗାଡ଼ି ଚଳାଇ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ସେ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସାହସ ଏବଂ ନିଷ୍ଠାର ପ୍ରତୀକ ଭାବେ ସନ୍ତୋଷୀଙ୍କୁ 'ଜାତୀୟ ସଡ଼କ ସୁରକ୍ଷା ମାସ' ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ କରିଛନ୍ତି। ସନ୍ତୋଷୀ ଦେଓ ବାଣିଜ୍ୟ ଓ ପରିବହନ ବିଭାଗର ଲୋକାଭିମୁଖୀ ଯୋଜନା 'ଆତ୍ମନିର୍ଭର ମହିଳା ସୁବାହକ' (ଆମ ସୁବାହକ) ର ଜଣେ ସଫଳ ହିତାଧିକାରୀ ହୋଇଛନ୍ତି। ଏପରି କରି ସେ ଅନ୍ୟ ମହିଳାଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

# ଅଜରଖ ଲେହେଙ୍ଗା

**ମହିଳାମାନେ ବିବାହ ଉତ୍ସବରେ ଲେହେଙ୍ଗା ପିନ୍ଧିବାକୁ ପସନ୍ଦ କରନ୍ତି। ଏଥିପାଇଁ ବରାଦ ଦେଇ ସ୍ୱତନ୍ତ୍ର ଲେହେଙ୍ଗା ଡିଜାଇନ୍ କରିଥାନ୍ତି। ତେଣୁ ବିବାହରେ ନିଜକୁ ଭିନ୍ନ ତଥା ଆକର୍ଷଣୀୟ ଲୁକ୍ ଦେବାକୁ ଚାହୁଁଥିଲେ ଅଜରଖ ଲେହେଙ୍ଗା ପିନ୍ଧିପାରିବେ। ଏହା ମହିଳାଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ରହିଛି। ଏହା ଗୁଜୁରାଟ, ରାଜସ୍ଥାନର ପାରମ୍ପରିକ ପରିଧାନ ଭାବେ ଜଣାଯାଏ। ଏହା ସବୁ ବୟସର ମହିଳାଙ୍କୁ ମାନିଥାଏ। ଜାଣିବା ସେ ବିଷୟରେ...**



### ଅଜରଖରୁ ରାଜକୀୟ ଲୁକ୍

କଳା ଏବଂ ଖଇରିଆ ରଙ୍ଗର ଏହି ଅଜରଖ୍ ପ୍ରିଣ୍ଟ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ଲେହେଙ୍ଗା ତଳପାର୍ଶ୍ୱରେ ସୁନ୍ଦର ଏମ୍ବ୍ରୋଡୋରୀ ସାଙ୍ଗକୁ ମିରର୍ ୱାର୍କ ଥାଏ। ଏହା ବିବାହ ଫଙ୍କସନ୍ ପାଇଁ ଭଲ ହୋଇଥାଏ। ଏଥିସହ ଅଜରଖ ପ୍ରିଣ୍ଟ ଯୁକ୍ତ ଦୁପଟ୍ଟା ଏଥିନିକ୍ ସହ ଆଧୁନିକ ସ୍ପର୍ଶ ଦେଇଥାଏ। ସେହିପରି ଏହା ଚକୋର ନେକ୍‌ଲେସ୍ ସହ ଏକ ରାଜକୀୟ ଲୁକ୍ ଦେଇଥାଏ।

### ମଲ୍‌ଟିକଲର୍

ମଲ୍‌ଟିକଲର ଲେହେଙ୍ଗା ଡିଜାଇନ୍ ଏବଂ ରଙ୍ଗ ଖୁବ୍ ଉଜ୍ଜ୍ୱଳ ହୋଇଥାଏ। ଏଥିରେ ଅଜରଖ ପ୍ରିଣ୍ଟ ସମେତ କାଚ କାମ, ସୂକ୍ଷ୍ମ ସୂତା କାରିଗରୀ ଥାଏ। ଏଥିରୁ ଏକ ଫେଷ୍ଟିଭ୍ ଲୁକ୍ ମିଳିଥାଏ। ଏଥିସହ ଭାରି ଦୁପଟ୍ଟା ଏବଂ ଅଳଙ୍କାର ପିନ୍ଧି ଯେ କୌଣସି ବିବାହ ଫଙ୍କସନ୍‌ରେ ନିଜକୁ ଷ୍ଟାଇଲିଶ୍ ଲୁକ୍ ଦେଇପାରିବେ।

### ଘେର ଯୁକ୍ତ ଲେହେଙ୍ଗା

ନାଲିରଙ୍ଗର ଅଜରଖ ପ୍ରିଣ୍ଟ ଲେହେଙ୍ଗା ଦେଖିବାକୁ ଖୁବ୍ ସୁନ୍ଦର ଏବଂ ଷ୍ଟାଇଲିଶ୍ ହୋଇଥାଏ। ଏଥିରେ ଭିନ୍ନ ପ୍ୟାଟର୍ଣ୍ଣର କପଡ଼ା ଥାଏ।

# ବ୍ଲରିଙ୍ଗ୍ ମେକ୍‌ଅପ୍

**ସମୟ ଅନୁସାରେ ମେକ୍‌ଅପ୍ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏବେ ବ୍ଲରିଙ୍ଗ୍ ମେକ୍‌ଅପ୍ ଲୋକପ୍ରିୟ ରହିଛି। ଏହା ତ୍ୱଚାର ଥିବା ଦାଗ, ବ୍ରଣ , ଲୋମଛିଦ୍ର ଦୂର କରି ସେଲ୍‌ଫି ଫିଲ୍‌ଟର୍ ଭଳି କୋମଳ ଏବଂ ଦାଗବିହୀନ ତ୍ୱଚା ଦେଇଥାଏ।**

### ବ୍ଲରିଙ୍ଗ୍ ମେକ୍‌ଅପ୍ କ'ଣ

ବ୍ଲରିଙ୍ଗ୍ ମେକ୍‌ଅପ୍ ତ୍ୱଚାକୁ ସୁନ୍ଦର ଓ ନିର୍ମଳ ରଖିଥାଏ। ଏହା ତ୍ୱଚାରେ ଥିବା ପୋର୍ସ, ଚର୍ମ କୁଞ୍ଚନ, ହାଲୁକା ଦାଗ ଆଦିକୁ ଲୁଚାଇ ଥାଏ। ଏଥିରେ ସିଲିକନ୍ ତଥା ଫାଇନ୍ ପାଉଡର୍ ଯୁକ୍ତ ପ୍ରାଇମର୍ ବ୍ୟବହାର କରାଯାଇଥାଏ। ଏହି ମେକ୍‌ଅପ୍ ବିଶେଷ କରି ତେଲିଆ ଏବଂ କମ୍ବିନେସନ୍ ସ୍କିନ୍‌କୁ ଭଲ ଦିଶିଥାଏ।

### ମେକ୍‌ଅପ୍ ପ୍ରଣାଳୀ

#### କ୍ଲିନ୍, ମଏଶ୍ଚରାଇଜ୍

ଫ୍ଲୋଲେସ୍ ମେକ୍‌ଅପ୍ ପାଇଁ ସର୍ବ ପ୍ରଥମେ ତ୍ୱଚାକୁ ସଫା କରିବା ଆବଶ୍ୟକ। କାରଣ ତ୍ୱଚା ଅପରିଷ୍କାର ଏବଂ ତେଲିଆ ଥିଲେ, ଏହି ମେକ୍‌ଅପ୍ ଦୀର୍ଘ ସମୟ ରହି ନ ଥାଏ। ଏଥିପାଇଁ ଫେସ୍‌ୱାସ୍‌ରେ ତ୍ୱଚାକୁ ଭଲ କରି ସଫା କରନ୍ତୁ। ଏହାପରେ ମୁହଁରେ ମଏଶ୍ଚରାଇଜର୍ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ।

#### ପ୍ରାଇମର୍

ମେକ୍‌ଅପ୍‌ରେ ପ୍ରାଇମର୍ ମୁଖ୍ୟ ହୋଇଥାଏ। ଏହା ତ୍ୱଚାକୁ କୋମଳ କରିବା ସହ ଫାଉଣ୍ଡସେନ୍ ଏକ ଭଲ ବେଶ୍ ଦେଇଥାଏ। ତେଲିଆ ତ୍ୱଚା ଥିବା ମହିଳାଙ୍କ ପାଇଁ ମ୍ୟାଟ୍ ଫିନିଶ୍ ପ୍ରାଇମର୍ ସବୁଠୁ ଭଲ ହୋଇଥାଏ।

#### ଫାଉଣ୍ଡେସନ୍

ପ୍ରାଇମର୍ ଲଗାଇବା ପରେ, ତ୍ୱଚାର ରଙ୍ଗ ସହ ମିଶୁଥିବା ହାଲୁକା ଫାଉଣ୍ଡେସନ ଲଗାନ୍ତୁ। ଏଥିରୁ ଏକ ମ୍ୟାଟ୍ ଫିନିଶ୍ ଲୁକ୍ ମିଳିଥାଏ। ଫାଉଣ୍ଡେସନକୁ ବ୍ରଶ୍ ଏବଂ ସ୍ପଞ୍ଜ ସହ ଭଲ ଭାବେ ମ୍ୟାଚ୍ କରନ୍ତୁ। ସେହିପରି ତ୍ୱଚାରେ ଦାଗ, ବ୍ରଣ ତଥା ଆଖିତଳେ ସମସ୍ୟା ଥିଲେ, ସେହି ସ୍ଥାନରେ କନ୍‌ସିଲର୍ ଲଗାଇପାରିବେ।

#### ଟ୍ରାନ୍ସଲୁସେଣ୍ଟ ପାଉଡର୍

ବ୍ଲରିଙ୍ଗ୍‌ର ମେକ୍‌ଅପ୍‌ର ସବୁଠୁ ମୁଖ୍ୟ ହେଲା, ଟ୍ରାନ୍ସଲୁସେଣ୍ଟ ପାଉଡର୍। ଏହାକୁ ଲଗାଇ ମେକ୍‌ଅପ୍‌କୁ ସେଟ୍ କରନ୍ତୁ। ଏହା ଚେହେରାର ଅତିରିକ୍ତ ଚମକକୁ କମ୍ କରିଥାଏ। ଏବଂ ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିଥାଏ। ଏଥିପାଇଁ ବ୍ରଶ୍‌ରେ ହାଲୁକା ହାତରେ ମୁହଁରେ ଲଗାନ୍ତୁ। ଏହାପରେ ବ୍ଲଶ୍ ଓ ହାଇଲାଇଟର୍ ଲଗାଇପାରିବେ।





# ଚର୍ମକୁଞ୍ଚନ ଦୂର କରିବ ଆଇ ଜେଲ୍

**ସାଧାରଣତଃ ବୟସ ବଢ଼ିଲେ ଏହାର ପ୍ରଭାବ ପ୍ରଥମେ ଆଖିରେ ଦେଖିବାକୁ ମିଳିଥାଏ। ଆଖତଳ କଳାପଡ଼ିବା, ଦାଗ, ତଥା କୁଞ୍ଚନ ସମସ୍ୟା ହୋଇଥାଏ। ଏଥିପାଇଁ ଅନେକ ବଜାରରେ ମିଳୁଥିବା ଦାମୀ କ୍ରିମ୍ ଲଗାଇଥାନ୍ତି। କିନ୍ତୁ ଏହା ସେତେ ପ୍ରଭାବୀ ହୋଇ ନଥାଏ। ତେଣୁ ଚାହିଁଲେ ଘରେ ଜେଲ୍ ପ୍ରସ୍ତୁତ କରି ଲଗାଇପାରିବେ। ଏହା ବିଭିନ୍ନ ଆଖିଜନିତ ସମସ୍ୟା ଦୂର କରିଥାଏ।**

### ଜେଲ୍ ପ୍ରସ୍ତୁତି

ଏଥିପାଇଁ ପ୍ରଥମେ ଆଲମଣ୍ଡକୁ ବାଟି ଏକ ପେଷ୍ଟ କରି ସେଥିରେ କ୍ଷୀର, ଆଲୋଭେରା ଜେଲ୍ ଏବଂ ଭିଟାମିନ୍ ଇ କ୍ୟାପ୍‌ସୁଲ୍ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଭଲରେ ମିକ୍ସ କରି ଏକ କାଚ ବୋତଲରେ ରଖନ୍ତୁ। ଏହାକୁ ରାତିରେ ଶୋଇବା ପୂର୍ବରୁ ଆଖି ତଳେ ଲଗାଇ ହାଲୁକା ମସାଜ୍ କରନ୍ତୁ।

### ଲଗାଇବା ବିଧି

- ପ୍ରଥମେ ମୁହଁକୁ ଭଲରେ ଧୋଇ ପରିଷ୍କାର କରନ୍ତୁ। ପରେ ଆଖିରେ ମେକ୍‌ଅପ୍ କିମ୍ବା କାଜଲ୍ ଲାଗିଥିଲେ ଏହାକୁ ପୋଛି ସଫା କରନ୍ତୁ।
- ଅଙ୍ଗୁଳିରେ ଜେଲ୍ ନେଇ ଆଖିତଳେ କିମ୍ବା ଆଖପାଖରେ ଲଗାଇ ମସାଜ୍ କରନ୍ତୁ। ହାତକୁ ଗୋଲାକାର ମୋସନରେ ବୁଲାନ୍ତୁ। ଏପରି ଦୁଇମିନିଟ୍ ଯାଏ ଆଖି ମସାଜ୍ କରନ୍ତୁ।
- ସେହିପରି ଚାହିଁଲେ ଏହାକୁ ଆଖିରେ ଲଗାଇ ମଧ୍ୟ ଶୋଇପାରିବେ। ଏହା ସମସ୍ତ ଆଖି ସମସ୍ୟା ଦୂର କରିଥାଏ।

# କଦଳୀ ମେଥି ତରକାରି

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ମେଥିଶାଗ – ଦୁଇବିଡ଼ା, ପାଚିଲା କଦଳୀ – ଚାରିଗୋଟି, ଜିରା – ଏକ ଚାମଚ, ଶୁଖିଲା ଲଙ୍କା – ଦୁଇଟି, କଞ୍ଚା ଲଙ୍କା – ଦୁଇଟି, ହଳଦୀଗୁଣ୍ଡ – ଏକ ଚାମଚ, ଲଙ୍କାଗୁଣ୍ଡ – ଏକ ଚାମଚ, ଧନିଆ ଗୁଣ୍ଡ –ଏକ ଚାମଚ, ଜୀରାଗୁଣ୍ଡ – ଏକ ଚାମଚ, ଗରମ ମସଲା – ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ କଦଳୀରୁ ଚୋପା ଛଡ଼େଇ ଏହାକୁ ଛୁରୀରେ ଗୋଲ କରି କାଟନ୍ତୁ। ଏହାପରେ ଶାଗକୁ ଧୋଇ ଗୁଣ୍ଡ କରି କାଟନ୍ତୁ। ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ। ସେଥିରେ ଜିରା ଶୁଖିଲା ଲଙ୍କା, କଞ୍ଚା ଲଙ୍କା ଏବଂ ଅଦା ଦେଇ କଦଳୀ ପକାଇ ଭାଜନ୍ତୁ। ଏହାପରେ ସେଥିରେ କାଟି ରଖିଥିବା ଶାଗକୁ ଦିଅନ୍ତୁ। ଏହାକୁ ପିଠାଖଡ଼ିକାରେ ଏପାଖସେପାଖ କରନ୍ତୁ। ପରେ ସେଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜୀରାଗୁଣ୍ଡ , ଧନିଆ ଗୁଣ୍ଡ ସମେତ ଲୁଣ ଦେଇ ଏପାଖସେପାଖ କରନ୍ତୁ। ଏହାପରେ ସେଥିରେ ସାମାନ୍ୟ ପାଣି ଛିଞ୍ଚି ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଢାଙ୍କୁଣି ଖୋଲି ପରଷନ୍ତୁ ସ୍ୱାଦିଷ୍ଟ 'କଦଳୀ ମେଥି ତରକାରି'।

# ପ୍ରଜାପତି ମୁଦି

**ଅଧିକାଂଶ ମହିଳା ନୂଆ ତଥା ଭିନ୍ନ ଡିଜାଇନର ମୁଦି ପିନ୍ଧିବାକୁ ପସନ୍ଦ କରନ୍ତି। ଏହି କ୍ରମରେ ଏବେ ପ୍ରଜାପତି ମୁଦି(ବଟରଫ୍ଲାଏ ରିଙ୍ଗ) ଲୋକପ୍ରିୟ ରହିଛି। ଏହା ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଖୁବ୍ ଷ୍ଟାଇଲିଶ୍ ଦିଶିଥାଏ। ଜାଣିବା ଏହି ଡିଜାଇନ ବିଷୟରେ...**

### ଆଡଜଷ୍ଟେବୁଲ୍ ରିଙ୍ଗ

ପାର୍ଟି, ଫଙ୍କସନକୁ ଯାଉଥିଲେ ମହିଳାମାନେ ଆଉଟ୍‌ଫିଟ୍ ସହ ଡିଜାଇନର ମୁଦି ପିନ୍ଧିବାକୁ ପସନ୍ଦ କରନ୍ତି। କିନ୍ତୁ ଅନେକ ସମୟରେ ବ୍ୟସ୍ତତା ଯୋଗୁ ଏହା ମିଳେନି, ଏପରି ସ୍ଥଳେ ଏହି ବଟର୍‌ଫ୍ଲାଏ ଡିଜାଇନର ଆଡଜଷ୍ଟେବୁଲ୍ ମୁଦି ପିନ୍ଧିପାରିବେ।

### ସିଲ୍‌ଭର୍

ସେହିପରି ଦିନପିନ୍ଧା କରିବାକୁ ଚାହୁଁଥିଲେ, ସିଲ୍‌ଭର୍ ରଙ୍ଗର ବଟର୍‌ଫ୍ଲାଏ ମୁଦି ପିନ୍ଧିପାରିବେ। ଏହା ସୁନ୍ଦର ଦେଖାଯିବା ସହ ଦୀର୍ଘ ଦିନ ଲାଷ୍ଟିଙ୍ଗ୍ କରିଥାଏ। ଏହାକୁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରୁ କିଣିପାରିବେ।

### ଷ୍ଟୋନ୍ ବଟର୍‌ଫ୍ଲାଏ ରିଙ୍ଗ୍

ବିଶେଷ କରି କଲେଜ ଏବଂ ଅଫିସ୍ ଯାଉଥିବା ମହିଳାଙ୍କ ମଧ୍ୟରେ ଏହି ଡିଜାଇନ୍ ଖୁବ୍ ଲୋକପ୍ରିୟ ରହିଛି। ଏହାକୁ ଯେ କୌଣସି ଆଉଟ୍‌ଫିଟ୍ ସହ ପିନ୍ଧି ନିଜକୁ ଏକ ଭିନ୍ନ ଲୁକ୍ ଦେଇପାରିବେ। ଏଥିରୁ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ।



# ଏପରି ସଜାନ୍ତୁ ଡାଇନିଙ୍ଗ୍

**ମହିଳାମାନେ ଘରକୁ ସୁନ୍ଦର କରି ସଜାଇବାକୁ ପସନ୍ଦ କରନ୍ତି। ହେଲେ ଡାଇନିଙ୍ଗ୍ ଟେବୁଲ୍ ପ୍ରତି କେହି ଏତେଟା ଧ୍ୟାନ ଦିଅନ୍ତିନି। ସେହିପରି ଅଧିକାଂଶ ଘରେ ମଧ୍ୟ ଡାଇନିଙ୍ଗ୍ ଏରିଆ ଛୋଟ ଥାଏ। ତେଣୁ ଚାହିଁଲେ କମ୍ ଖର୍ଚ୍ଚରେ ମଧ୍ୟ ଡାଇନିଙ୍ଗ୍‌କୁ ସୁନ୍ଦର କରି ସଜାଇପାରିବେ।**



### ଝୁମର୍

ଝୁମର୍ ଘରକୁ ଏକ ରାଜକୀୟ ଲୁକ୍ ଦେଇଥାଏ। ଏହା ଡାଇନିଙ୍ଗର ସୁନ୍ଦରତା ଦ୍ୱିଗୁଣିତ କରିଥାଏ। ତେବେ ଡାଇନିଙ୍ଗ୍ ଟେବୁଲର ଠିକ୍ ମଝିଭାଗରେ ଝୁମର୍ ଲଗାଇଲେ ଏହା ବେଶି ଭଲ ଦିଶିଥାଏ।

### ୱାଲ୍ ପେପର୍

ଘର କାନ୍ଥ ପୁରୁଣା ଥିଲେ ଏଥିରେ ୱାଲ୍ ପେପର୍ ଲଗାଇ ସଜାଇପାରିବେ। ଏହା କାନ୍ଥର ସୁନ୍ଦରତା ବୃଦ୍ଧି କରିଥାଏ। ଏଥିସହ କମ୍ ଖର୍ଚ୍ଚରେ ଏହି କାର୍ଯ୍ୟ ହୋଇଥାଏ।

### କାରପେଟ୍

କାରପେଟ୍ ପକାଇଲେ ଛୋଟ ଘର ମଧ୍ୟ ସୁନ୍ଦର ଦିଶିଥାଏ। ତେଣୁ ଏହାକୁ ଇଣ୍ଟେରିୟର ଡିଜାଇନରେ ସାମିଲ କରିବା ଭଲ। କାରପେଟ୍ ସାଇଜ୍ ଡାଇନିଙ୍ଗ୍ ଟେବୁଲ୍ ଆକାରଠୁ ବଡ଼ ହେବା ଆବଶ୍ୟକ।

### ଫୁଲଦାନୀ

ଡାଇନିଙ୍ଗ୍ ଟେବୁଲ୍ ମଧ୍ୟରେ ଏକ ଫ୍ଲାୱାର୍ ପଟ୍, ସତେଜ ଫୁଲ, ଫଳ ଟୋକେଇ ତଥା ସୁନ୍ଦର ସୋପିସ୍ ରଖିପାରିବେ। ଏହା ଡାଇନିଙ୍ଗ୍‌କୁ ଖୁବ୍ ସୁନ୍ଦର କରିଥାଏ।

### ମହମବତୀ

ସେହିପରି ଡାଇନିଙ୍ଗ୍‌କୁ ସୁନ୍ଦର କରିବା ପାଇଁ, ଚାହିଁଲେ ରଙ୍ଗିନ ମହମବତୀ ଲଗାଇପାରିବେ। ଏଥିସହ କାନ୍ଥରେ ଖାଦ୍ୟ ସମ୍ବନ୍ଧୀୟ ପେଣ୍ଟିଙ୍ଗ୍ ମଧ୍ୟ ଲଗାଇପାରିବେ।

### କାଠ ଉପକରଣ

ଡାଇନିଙ୍ଗ୍ ଟେବୁଲ୍‌କୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, କାଠବାସନ ସହ ସାଜଉପକରଣ ମିଶାଇପାରିବେ। ଏହା ଖାଦ୍ୟ ସହ ଡାଇନିଙ୍ଗ୍ ହଲ୍‌ର ଶୋଭାବର୍ଦ୍ଧନ କରିଥାଏ।

# ବିସ୍ଫୋରକ ଅଭିଷେକ | ଅର୍ଦ୍ଧଶତକରେ ବିଶ୍ୱରେକର୍ଡ




ନାଗପୁର, ୨୧।୧ (ଏଜେନ୍ସି):

ଘରୋଇ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ବୁଧବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ବିଦର୍ଭ କ୍ରିକେଟ୍ ସଂଘ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୭ ୱିକେଟ୍ ହରାଇ ୨୩୮ ରନର ବିଶାଳ ସ୍କୋର ସଂଗ୍ରହ କରିଛି। ଜବାବରେ ଏହି ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଶେଷ ଖବର ସୁଦ୍ଧା ୪ ଓଭରରେ ୨ ୱିକେଟ୍ ହରାଇ ୩୩ ରନ ସଂଗ୍ରହ କରିଛି। ସିରିଜର ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ରାୟପୁରରେ ଖେଳାଯିବ। ପୂର୍ବରୁ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆକୁ ୨-୧ରେ ଜିତି ନ୍ୟୁଜିଲାଣ୍ଡ ଐତିହାସିକ ସିରିଜ ବିଜୟୀ ହୋଇଥିଲା।

### ୭୮୫ ଦିନ ପରେ ଫେରିଲେ ଇଶାନ

ବୁଧବାର ରାତିରେ ଖେଳାଯାଇଥିବା ଏହି ହାଇସ୍କୋରିଂ ମ୍ୟାଚରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଭାରତ ୩ ଓଭର ମଧ୍ୟରେ ସଞ୍ଜୁ ସାମସନ ଓ ଇଶାନ କିଶାନଙ୍କ ୱିକେଟ୍ ହରାଇଥିଲା। ଦୁଇଟି ଚୌକା ସହ ୭ ବଲରେ ୧୦ ରନ କରିଥିବାବେଳେ ସାମସନ କାଏଲ ଜେମିସନଙ୍କ ବଲରେ ରାଚିନ ରବୀନ୍ଦ୍ରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିଭଳି ୭୮୫ ଦିନ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଥିବା ଇଶାନ ମଧ୍ୟ ମାତ୍ର ୮ ରନ କରି ଜାକବ ଡଫିଙ୍କ ବଲରେ ବିଦାୟ ନେଇଥିଲେ। ଇଶାନ ଶେଷଥର ଲାଗି ୨୦୨୩ ନଭେମ୍ବର ୨୮ ତାରିଖରେ ଅଷ୍ଟ୍ରେଲିଆ (ଟି-୨୦) ବିପକ୍ଷରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ।

### ସ୍ଥିତି ସମ୍ଭାଳିଲେ ଅଭି-ସୂର୍ଯ୍ୟ

୨୭ ରନରେ ଦୁଇଟି ୱିକେଟ୍ ହରାଇବା ପରେ ଯୁବ ଓପନର ଅଭିଷେକ ଶର୍ମାଙ୍କ ସହ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଯୋଗଦେଇ ସ୍ଥିତି ସମ୍ଭାଳିଥିଲେ। ତୃତୀୟ ୱିକେଟ୍ ଭାଗୀଦାରିରେ ଉଭୟ ୪୭ ବଲରୁ ୯୯ ରନ ସଂଗ୍ରହ କରି ଦଳକୁ ବଡ଼ ସ୍କୋର ଅଭିମୁଖେ ଅଗ୍ରସର କରାଇଥିଲେ। କ୍ରିଜରେ ଜମି ଆସୁଥିବା ସୂର୍ଯ୍ୟ ୪ଟି ଚୌକା ଓ ଗୋଟିଏ ଛକା ବଳରେ ୨୨ ବଲରୁ ୩୨ ରନ କରି ପ୍ରତିପକ୍ଷ ଅଧିନାୟକ ସାଣ୍ଟନରଙ୍କ ଶିକାର ବନିଥିଲେ। ଏହାପରେ ଅଭିଷେକ ମଧ୍ୟ ତାଙ୍କ କ୍ୟାରିୟରର ୮ମ ଅର୍ଦ୍ଧଶତକ ହାସଲ କରି ୮୪ ରନରେ ଆଉଟ୍ ହୋଇଥିଲେ। ୨୨ ବଲରେ ଅର୍ଦ୍ଧଶତକ ହାସଲ କରିଥିବା ଅଭିଷେକ ୩୫ ବଲର ଏହି ବିସ୍ଫୋରକ ପାଳିରେ ୫ଟି ଚୌକା ଓ ୮ଟି ଛକା ମାରିଥିଲେ। ଏଥିସହ ୨୫ରୁ କମ୍ ବଲ୍ ଖେଳି ଅନ୍ତର୍ଜାତୀୟ ଟି-୨୦ରେ ସର୍ବାଧିକ ଅର୍ଦ୍ଧଶତକ ମାରିବାରେ ରେକର୍ଡ ଅଭିଷେକଙ୍କ ନାମରେ ଲିପିବଦ୍ଧ ହୋଇଛି। ୭ଟି ଲେଖାଏ ଅର୍ଦ୍ଧଶତକ ସହ ଫିଲ୍ ସଲ୍ଟ, ସୂର୍ଯ୍ୟକୁମାର ଓ ଏଭିନ ଲୁଇସ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶେଷ ଭାଗରେ ରିଙ୍କୁ ସିଂ ୨୦ ବଲରେ ୪୪ ରନର ଦ୍ରୁତ ପାଳି ଖେଳିବା ଯୋଗୁ ଭାରତ ୭ ୱିକେଟରେ ୨୩୮ ରନର ବିଶାଳ ସ୍କୋର ଠିଆ କରାଇଥିଲା।

#### ସଂକ୍ଷିପ୍ତ ସ୍କୋର

ଭାରତ: ୨୩୮/୭, ୨୦ ଓଭର (ଅଭିଷେକ- ୮୪, ରିଙ୍କୁ- ଅପରାଜିତ- ୪୪, ସୂର୍ଯ୍ୟକୁମାର- ୩୨, ହାର୍ଦ୍ଦିକ- ୨୫, ସାମସନ- ୧୦, ଇଶାନ- ୮, ଡଫି- ୨/୨୭, ଜେମିସନ- ୨/୫୪)

ନ୍ୟୁଜିଲାଣ୍ଡ: ୩୩/ ୨, ୪ ଓଭର ସୁଦ୍ଧା

### ୧୦୦ ଟି-୨୦ ମ୍ୟାଚ୍ ଖେଳିଲେ ସୂର୍ଯ୍ୟକୁମାର

ନାଗପୁର, ୨୧।୧ (ଏଜେନ୍ସି): ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କ କ୍ୟାରିୟରର ୧୦୦ତମ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ବୁଧବାର ଏଠାରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ସୂର୍ଯ୍ୟକୁମାର ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଅନ୍ତର୍ଜାତୀୟ ଟି-୨୦ରେ ୧୦୦ ମ୍ୟାଚ୍ ଖେଳିବାରେ ସେ ଭାରତର ୪ର୍ଥ ଖେଳାଳି ହୋଇଛନ୍ତି। ସୂର୍ଯ୍ୟକୁମାରଙ୍କ ପୂର୍ବରୁ ରୋହିତ୍ ଶର୍ମା, ବିରାଟ କୋହଲି ଓ ହାର୍ଦ୍ଦିକ ପାଣ୍ଡ୍ୟା ଏହି କ୍ଲବରେ ସାମିଲ ହୋଇଥିଲେ। ୧୫୯ ମ୍ୟାଚ୍ ସହ ରୋହିତ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ସେହିଭଳି ବିରାଟ ଓ ପାଣ୍ଡ୍ୟା ୧୨୫ଟି ଲେଖାଏ ମ୍ୟାଚ୍ ଖେଳିଛନ୍ତି। ସୂର୍ଯ୍ୟକୁମାର ବର୍ତ୍ତମାନ ସୁଦ୍ଧା ୧୦୦ଟି ଟି-୨୦ ମ୍ୟାଚରୁ ୩୫ରୁ ଊର୍ଦ୍ଧ୍ୱ ଆଭରେଜରେ ୨୮୨୦ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୪ଟି ଶତକ ସାମିଲ ରହିଛି।

## ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍

# ବିରାଟ ଖସିଲେ; ଶୀର୍ଷରେ ମିଚେଲ

ଦୁବାଇ, ୨୧।୧ (ଏଜେନ୍ସି): ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଦିନିକିଆ ର୍ୟାଙ୍କିଙ୍ଗ୍‌ର ଭାରତର ବ୍ୟାଟିଂ ଆଇକନ୍ ବିରାଟ କୋହଲି ଶୀର୍ଷ ସ୍ଥାନ ହରାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ କୋହଲି ଗୋଟିଏ ସ୍ଥାନ ହରାଇ ଦ୍ୱିତୀୟକୁ ଖସିଯାଇଛନ୍ତି। ସେହିଭଳି ଭାରତ ମାଟିରେ ନ୍ୟୁଜିଲାଣ୍ଡକୁ ଐତିହାସିକ ଦିନିକିଆ ସିରିଜ ଭେଟି ଦେଇଥିବା ଡାରୀଲ ମିଚେଲ ଗୋଟିଏ ପାହାଚ ଉଠି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ମିଚେଲ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜରେ ଯଥାକ୍ରମେ ୮୪, ୧୩୧ ଓ ୧୩୭ ରନ ସହ ମୋଟ୍ ୩୫୨ ରନ କରିଥିଲେ। ଏହି ପ୍ରଦର୍ଶନ ଲାଗି ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍‌ରେ ସେ କୋହଲିଙ୍କୁ ହଟାଇ ଏକ ନମ୍ବର ସ୍ଥାନ ଦଖଲ କରିଛନ୍ତି। ଅପରପକ୍ଷରେ କୋହଲି ୩ଟି ଇନିଂସ ଖେଳି ୨୪୦ ରନ କରିଥିଲେ। ଯେଉଁଥିରେ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଦିନିକିଆରେ ୧୨୪ ରନର ଶତକୀୟ ପାଳି ସାମିଲ ରହିଛି। ଏହାସତ୍ତ୍ୱେ କୋହଲି ଶୀର୍ଷ ମାନ୍ୟତାକୁ କେବଳ ଗୋଟିଏ ସପ୍ତାହ ବଜାୟ ରଖିବାରେ ସଫଳ ହୋଇଥିଲେ। ୮୪୫ ରେଟିଂ



ପଏଣ୍ଟ ସହ ମିଚେଲ ଶୀର୍ଷରେ ରହିଥିବାବେଳେ କୋହଲିଙ୍କ ରେଟିଂ ୭୯୫ ରହିଛି। ଅପରପକ୍ଷରେ ଶ୍ରେୟସ ଆୟରଙ୍କୁ ହଟାଇ ଲୋକେଶ ରାହୁଲ ଟପ୍-୧୦ରେ ରହିଛନ୍ତି। ସଦ୍ୟ ର୍ୟାଙ୍କିଙ୍ଗ୍‌ରେ ନ୍ୟୁଜିଲାଣ୍ଡର ଗ୍ଲେନ ଫିଲିପ୍ସ ୩୬ରୁ ୨୦ତମ ସ୍ଥାନକୁ ଲମ୍ଫ ମାରିଛନ୍ତି। ଦିନିକିଆ ବୋଲିଂ ତାଲିକାରେ କୁଲଦୀପ ଯାଦବ ୪ଟି ପାହାଚ ତଳକୁ ଖସି ୭ମ ସ୍ଥାନରେ ରହିଛନ୍ତି। ରଶିଦ ଖାନ ଓ ଜୋଫ୍ରା ଆର୍ଚର ତାଲିକାର ପ୍ରଥମ ଦୁଇଟି ସ୍ଥାନରେ ପୂର୍ବଭଳି ସ୍ଥିର ରହିଛନ୍ତି।

## ଇଣ୍ଡୋନେସିଆ ମାଷ୍ଟର୍ସ

# ସିନ୍ଧୁ, ଶ୍ରୀକାନ୍ତ, ଲକ୍ଷ୍ୟଙ୍କ ବିଜୟ ଅଭିଯାନ

ଜାକର୍ତ୍ତା, ୨୧।୧ (ଏଜେନ୍ସି): ଇଣ୍ଡୋନେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ବୁଧବାର ଭାରତୀୟ ଖେଳାଳିଙ୍କ ଲାଗି ମିଶ୍ରିତ ଫଳାଫଳ ଆଣିଛି। ପୁରୁଷ ସିଙ୍ଗଲ୍ସ ବିଭାଗରେ ପୂର୍ବତନ ଏକ ନମ୍ବର ଖେଳାଳି କିଦାମ୍ବୀ ଶ୍ରୀକାନ୍ତ, ଲକ୍ଷ୍ୟ ସେନ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। କିନ୍ତୁ ଏଚ୍‌ଏସ୍ ପ୍ରଣୟ ଓ କିରଣ ଜର୍ଜ ପ୍ରଥମ ରାଉଣ୍ଡରେ ପରାଜୟ ସହ ବିଦାୟ ନେଇଛନ୍ତି। ଶ୍ରୀକାନ୍ତ ୨୧-୧୫, ୨୧-୨୩, ୨୪-୨୨ ଗେମରେ ଜାପାନର କୋକି ୱତାନାବେଙ୍କୁ ଓ ଲକ୍ଷ୍ୟ ୨୧-୧୩, ୧୬-୨୧, ୨୧-୧୪ରେ ତାଇୱାନର ଚିଡବ୍ଲ୍ୟୁ ୱାଙ୍ଗଙ୍କୁ ପରାସ୍ତ କରିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ପଞ୍ଚମ ସିଡ୍ ସିନ୍ଧୁ ୨୨-୨୦, ୨୧-୧୮ ଗେମରେ ଜାପାନର ମାନାମି ସୁଇଜୁଙ୍କୁ ହରାଇଥିଲେ। ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ ୫୩ ମିନିଟ୍ ସମୟ ଲାଗିଥିଲା। କିନ୍ତୁ କିରନ ଜର୍ଜ ୧୭-୨୧, ୧୪-୨୧ ଗେମରେ ଘରୋଇ ଖେଳାଳି ମୋହ ଜାକି ଉବେଦିଲ୍ଲାଙ୍କ ନିକଟରୁ ହାରି ବିଦାୟ ନେଇଛନ୍ତି।

# ବାଂଲାଦେଶକୁ ଆଉ ଗୋଟିଏ ଦିନ ସମୟ ଦେଲା ଆଇସିସି

ଦୁବାଇ, ୨୧।୧ (ଏଜେନ୍ସି): ଭାରତ ମାଟିରେ ଆଗାମୀ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ନ ଖେଳିବା ଲାଗି ଅଡ଼ି ବସିଥିବା ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)କୁ ନିରାଶ ହେବାକୁ ପଡ଼ିଛି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ବାଂଲାଦେଶର ମ୍ୟାଚ୍‌ଗୁଡ଼ିକ ଭାରତରେ ଖେଳାଯିବ ବୋଲି ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର କୁହାଯାଇଛି। ଆଗାମୀ ଟି-୨୦ ବିଶ୍ୱକପ୍ ଉପରେ ବିସିବି ବୁଧବାର ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଆଇସିସି ନିକଟରେ ଦାଖଲ କରିବାର ଥିଲା। କିନ୍ତୁ ବିସିବିକୁ ଚେତାବନୀ ସହିତ ଆଇସିସି ଆଉ ଗୋଟିଏ ଦିନର ମହଲତ୍ ଦେଇଛି। ଅର୍ଥାତ୍ ଗୁରୁବାର ସୁଦ୍ଧା ବାଂଲାଦେଶ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବ। ଫଳରେ ବାଂଲାଦେଶର ବିଶ୍ୱକପ୍ ଖେଳିବା ଚିତ୍ର ଗୁରୁବାର ସ୍ପଷ୍ଟ ହୋଇଯିବ। ଏନେଇ ବୁଧବାର ଦୁବାଇସ୍ଥିତ ଆଇସିସି ମୁଖ୍ୟାଳୟରେ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ବଦଳରେ ଶ୍ରୀଲଙ୍କାରେ ଖେଳିବା ଲାଗି ବାଂଲାଦେଶ ଦେଇଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏଥିଲାଗି ବୈଠକରେ ଏକ ଭୋଟିଂ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିଯେର ଆଇସିସି ସମେତ ଅଧିକାଂଶ ସଦସ୍ୟ ରାଷ୍ଟ୍ର ବାଂଲାଦେଶ ରାଜି ନ ହେଲେ ବିକଳ୍ପ ଦଳକୁ ସାମିଲ କରିବା ସପକ୍ଷରେ ଯାଇ ଭୋଟ୍ ଦେଇଥିଲେ। ଯଦି ବାଂଲାଦେଶ ମନା କରିଦିଏ ତେବେ ର୍‍ୟାଙ୍କିଙ୍ଗ୍ ଅନୁଯାୟୀ ସ୍କଟଲାଣ୍ଡକୁ ଯୋଗ୍ୟତା ମିଳିବ। ପ୍ରକାଶଯୋଗ୍ୟ, ଫେବୃଆରୀ ୭ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଟି-୨୦ ବିଶ୍ୱକପ୍ ଖେଳାଯିବ। ବାଂଲାଦେଶ ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ତେବେ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ହତ୍ୟା କରାଯିବାକୁ ନେଇ ଭାରତ ବିଭିନ୍ନ ସଂଗଠନ ପ୍ରତିବାଦ କରିଥିଲେ। ସେମାନେ ଆଇପିଏଲ୍‌ରୁ ବାଂଲା କ୍ରିକେଟର୍ ମୁସ୍ତାଫିଜୁର ରହେମାନଙ୍କୁ ବାହାର କରିବାକୁ ଦାବି କରିଥିଲେ। ଏହାପରେ ବିସିସିଆଇର ନିର୍ଦ୍ଦେଶରେ କୋଲକାତା ନାଇଟ୍ ରାଇଡର୍ସ ଦଳ ରହେମାନଙ୍କୁ ଆଗାମୀ ଆଇପିଏଲ୍‌ରୁ ବିଦା କରିଦେଇଥିଲା। ଏହାକୁ ବିରୋଧ କରି ବାଂଲାଦେଶ କ୍ରିକେଟ୍ ବୋର୍ଡ ସୁରକ୍ଷାଜନିତ କାରଣ ଦର୍ଶାଇ ଭାରତରେ ମ୍ୟାଚ୍ ନ ଖେଳିବା ଲାଗି ଅଡ଼ି ବସିଛି।

## ହକି ଇଣ୍ଡିଆ ଲିଗ୍

# କଳିଙ୍ଗ ଲାନ୍ସର୍ସର ଅପରାଜେୟ ଧାରା ଭାଙ୍ଗିଲା

ଭୁବନେଶ୍ୱର, ୨୧।୧ (ସମିସ): ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଚଳିତ ସଂସ୍କରଣରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ବିଜୟ ରଥରେ ବ୍ରେକ୍ ଲାଗିଛି। ଆଇକନିକ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର କଳିଙ୍ଗ ଲାନ୍ସର୍ସ ଏହାର ଶେଷ ଲିଗ୍ ମ୍ୟାଚରେ ୧-୨ ଗୋଲରେ ସୁରମା ହକି କ୍ଲବ ନିକଟରୁ ହାରିଯାଇଛି। ଫଳରେ ଚଳିତ ଲିଗରେ କ୍ରମାଗତ ୬ଟି ମ୍ୟାଚ୍ ଜିତି ଅପରାଜେୟ ରହିଥିବା ଲାନ୍ସର୍ସ ପ୍ରଥମ ପରାଜୟବରଣ କରିଛି। ପରାଜୟ ସତ୍ତ୍ୱେ କଳିଙ୍ଗ ଲାନ୍ସର୍ସ ୭ ମ୍ୟାଚରୁ ୧୬ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ପୂର୍ବରୁ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିସାରିଛି। ଶୁକ୍ରବାର ପ୍ରଥମ ପ୍ଲେ-ଅଫ୍ ଖେଳିବ କଳିଙ୍ଗ। ଅପରପକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ହାଇଦରାବାଦ୍ ତୁଫାନ୍ସ ୩-୨ ଗୋଲରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନସିଲ୍ ଦଳକୁ ହରାଇଦେଇଛି। ତୁଫାନ୍ସର ଏହା ୩ୟ ବିଜୟ ଥିଲା। ତୁଫାନ୍ସର ଏହି ବିଜୟରେ ଦୁଇ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଓ ଅମନଦୀପ୍ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ ଅତିଥି ଭାବେ ଯୋଗଦେଇଥିଲେ।




ରନର୍ସ ଅପ୍ ଓଡ଼ିଶା ବାଳକ ରଗ୍‌ବୀ ଦଳ

## ଜାତୀୟ ସବ୍-ଜୁନିଅର ରଗବୀ | ବିହାର ଚାମ୍ପିଅନ; ଓଡ଼ିଶାକୁ ରୌପ୍ୟ

ଭୁବନେଶ୍ୱର, ୨୧।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍-ଜୁନିଅର ରଗବୀ ଚାମ୍ପିଅନସିପ୍ ବୁଧବାର ଉଦଯାପିତ ହୋଇଯାଇଛି। ବାଳକ ବିଭାଗରେ ଓଡ଼ିଶା ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଫାଇନାଲରେ ବିହାର ୨୫-୫ ସ୍କୋରରେ ଓଡ଼ିଶାକୁ ପରାସ୍ତ କରି କ୍ରମାଗତ ଟାଇଟଲ୍ ଜିତିବାରେ ସଫଳ ହୋଇଛି। ସେହିଭଳି ଗତ ସଂସ୍କରଣ ରନର୍ସଅପ୍ ରାଜସ୍ଥାନକୁ ଏଥର କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପୂର୍ବରୁ ଅନୁଷ୍ଠିତ ବାଳିକା ବିଭାଗରେ ମଧ୍ୟ ବିହାର ଚାମ୍ପିଅନ ହୋଇଥିଲା। ସେହିଭଳି ଓଡ଼ିଶା ବାଳିକା ଦଳ କାଂସ୍ୟ ପଦକ ହାସଲ କରିଥିଲା। ଏହି ପ୍ରତିଯୋଗିତାରେ ୨୪ଟି ରାଜ୍ୟର ୫୫୦ରୁ ଊର୍ଦ୍ଧ୍ୱ ୧୫ ବର୍ଷରୁ କମ୍ ବାଳକବାଳିକା ରଗବୀ ଖେଳାଳି ଅଂଶଗ୍ରହଣ କରିଥିଲେ।

# କଳିଙ୍ଗ ହେବ ୨୦୨୮ ବିଶ୍ୱ ଇଣ୍ଡୋର ଆଥଲେଟିକ୍ସ

ଭୁବନେଶ୍ୱର,୨୧।୧(ସମିସ): ଭାରତ ୨୦୨୮ ବିଶ୍ୱ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଆୟୋଜନ ପାଇଁ ଆନୁଷ୍ଠାନିକ ଭାବେ ବିଡ୍ ଅର୍ଥାତ ନିଜର ଦାବି ଉପସ୍ଥାପନ କରିଛି। ଏଥିପାଇଁ ବିଶ୍ୱ ଦୌଡ଼କୁଦର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ୱାର୍ଲ୍ଡ ଆଥଲେଟିକ୍‌ର ଏକ ପ୍ରତିନିଧିମଣ୍ଡଳୀ ବୁଧବାର କଳିଙ୍ଗ ଷ୍ଟାଡିୟମ ଭିତ୍ତିଭୂମି ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗର ଯାଞ୍ଚ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ବିଡ୍ ମୁଖ୍ୟ ମାର୍କ ହର୍ଷ୍ଟ ଓ ଇଭେଣ୍ଟ ନିର୍ଦ୍ଦେଶକ ମାର୍ଟିନ ଗ୍ୟୁଲାଇ ଓ ଅନ୍ୟମାନେ ସାମିଲଥିଲେ। ଅଧିକାରୀମାନେ କଳିଙ୍ଗରେ ଉପଲବ୍ଧ ବୈଷୟିକ କ୍ଷମତା ଓ ଆନ୍ତର୍ଜାତୀୟ ମାନଦଣ୍ଡ ମୂଲ୍ୟାଙ୍କନ କରିବା ପାଇଁ କଳିଙ୍ଗ ଷ୍ଟାଡିୟମ ଇନଡୋର ଆଥଲେଟିକ୍ସ ଷ୍ଟାଡିୟମର ପରିଦର୍ଶନ କରିଥିଲେ। ଏହିକ୍ରମରେ ପ୍ରତିନିଧିମଣ୍ଡଳୀ ୱାର୍ଲ୍ଡ ଆଥଲେଟିକ୍ସ ଉପ- ସଭାପତି ଆଦିଲ ସୁମରିୱାଲା, ଦୁଇ ଅଧିକାରୀ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ କ୍ରୀଡ଼ା ଅଧିକାରୀମାନଙ୍କୁ ଭେଟି ଷ୍ଟାଡିୟମର ଇଣ୍ଡୋର ସ୍ଥାନ ସହ ହୋଟେଲ ଓ ବିମାନ ବନ୍ଦର ଭଳି ଅନ୍ୟାନ୍ୟ ସୁବିଧା ସୁଯୋଗଗୁଡ଼ିକର ଯାଞ୍ଚ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରତିକ୍ରିୟା ବେଶ ଭଲ ବୋଲି ସୁମରିୱାଲା କହିଛନ୍ତି। ୱାର୍ଲ୍ଡ ଆଥଲେଟିକ୍ସ ଅନୁଯାୟୀ ଫେବୃଆରୀ ୨୦ ହେଉଛି ବିଡ୍ ଦାଖଲ କରିବାର ଶେଷ ତାରିଖ। ସେହିପରି ଆଗାମୀ ମାର୍ଚ୍ଚରେ ୱାର୍ଲ୍ଡ ଆଥଲେଟିକ ପରିଷଦ ଦ୍ୱାରା ଆୟୋଜକ ସହର ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଭାରତ ବ୍ୟତୀତ କାଜାଖସ୍ତାନ ଓ ଅନ୍ୟ କେତୋଟି ଦେଶ ମଧ୍ୟ ଏହି ମେଗା ଇଭେଣ୍ଟ ଆୟୋଜନ କରିବାକୁ ବିଡ୍ ଦାଖଲରେ ଆଗରେ ରହିଛନ୍ତି। ଉଲ୍ଲେଖଥାଉ କି, କଳିଙ୍ଗ ଷ୍ଟାଡିୟମରେ ଦକ୍ଷିଣ ଏସିଆର ସର୍ବବୃହତ୍ ଇଣ୍ଡୋର ଆଥଲେଟିକ୍ସ ଏରିନା ରହିଛି ଓ ଏହାକୁ ୱାର୍ଲ୍ଡ ଆଥଲେଟିକ୍ସ କାଟାଗୋରି-୧ର ମାନ୍ୟତା ପ୍ରଦାନ କରିଛି। ଏଠାରେ ମାର୍ଚ୍ଚ ୨୪ରୁ ୨୫ ମଧ୍ୟରେ ଜାତୀୟ ଇଣ୍ଡୋର ଚାମ୍ପିଅନସିପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି ଓ ୨୦୨୮ ଇଭେଣ୍ଟ ପାଇଁ ଏହି ଇଭେଣ୍ଟ ପରୀକ୍ଷା ସଦୃଶ ହେବ।

**ଯାଞ୍ଚ କଲେ ୱାର୍ଲ୍ଡ ଆଥଲେଟିକ୍ସ ଅଧିକାରୀ**

# ଆଜିଠୁ କିଟ୍‌ରେ ଓଡ଼ିଶା-ତାମିଲନାଡୁ ରଣଜୀ ଲଢ଼େଇ

କଟକ, ୨୧।୧ (ସମିସ): ରଣଜୀ ଟ୍ରଫିର ୬ଷ୍ଠ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଗୁରୁବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏହିକ୍ରମରେ ଘରୋଇ କିଟ୍ ଗ୍ରାଉଣ୍ଡରେ ଓଡ଼ିଶା ଦଳ ତାମିଲନାଡୁକୁ ଭେଟିବ। ଓଡ଼ିଶା ଏବଂ ତାମିଲନାଡୁ ଏଲିଟ ଗ୍ରୁପ୍-ଏ ଟେବଲର ଯଥାକ୍ରମେ ୬ଷ୍ଠ ଏବଂ ୭ମ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ ତିଷ୍ଠି ରହିବା ନିମନ୍ତେ ଏହି ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ହୋଇ ନଥିଲେ ସୁଦ୍ଧା ୨୫ବର୍ଷ ପରେ ଉଭୟ ଦଳ ବିଜୟ ଅପେକ୍ଷାରେ ରହିଛନ୍ତି। ୨୦୦୦ ମସିହାରୁ ଏଯାବତ୍ ଉଭୟ ୪ଥର ମୁହାଁମୁହିଁ ହୋଇଥିଲେ ସୁଦ୍ଧା ସମସ୍ତ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। କିଟ୍ ଗ୍ରାଉଣ୍ଡରେ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ବିଜୟ ଆଶା ନେଇ ପଡ଼ିଆକୁ ଓହ୍ଲାଇବ।

ନାରାୟଣ ଜଗଦୀଶନଙ୍କ ନେତୃତ୍ୱରେ ଗଠିତ ତାମିଲନାଡୁ ୫ଟି ମ୍ୟାଚ୍‌ରୁ ଗୋଟିଏ ବି ବିଜୟ ପଏଣ୍ଟ ହାସଲ କରି ପାରିନାହିଁ।



ବାବା ଇନ୍ଦ୍ରଜିତ, ରଞ୍ଜନ ପଲ, ଆନ୍ଦ୍ରେ ସିଦ୍ଧାର୍ଥ ଦଳର ପ୍ରମୁଖ ବ୍ୟାଟର ଭାବେ ଚଳିତ ସିଜନରେ ଉଭା ହୋଇଛନ୍ତି। ଦୁଇଟି ଶତକୀୟ ପାଳି ବଳରେ ରଞ୍ଜନ ସର୍ବାଧିକ ୩୮୪ ରନ ସଂଗ୍ରହ କରିଛନ୍ତି। ସେହିପରି ବୋଲିଂ ଲାଇନଅପକୁ ନଜର ପକାଇଲେ ସାଇ କିଶୋରଙ୍କ ବ୍ୟତୀତ ଅନ୍ୟ କେହି ସଫଳ ସାବ୍ୟସ୍ତ ହୋଇ ପାରିନାହାନ୍ତି। ୪ଟି ମ୍ୟାଚ୍ ଖେଳିଥିବା ସାଇ କିଶୋରଙ୍କୁ ୧୪ଟି ୱିକେଟ ମିଳିଛି। ଅନ୍ୟପକ୍ଷରେ ଓଡ଼ିଶା ନିମନ୍ତେ ଅଧିନାୟକ ଶୁଭ୍ରାଂଶୁ ଏବଂ ଓପନର ସ୍ୱସ୍ତିକ ସାମଲ ଉଭୟ ୩୯୩ ରନ ଲେଖାଏ ସଂଗ୍ରହ କରି ବ୍ୟାଟରମାନଙ୍କ ତାଲିକାରେ ଆଗରେ ରହିଛନ୍ତି। ଉଭୟଙ୍କ ନାମରେ ଗୋଟିଏ ଲେଖାଏ ଶତକୀୟ ପାଳି ରହିଛି। ନାଗାଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ଶେଷ ମ୍ୟାଚ୍‌ରେ ଅନିଲ ପରିଡ଼ା ଶତକ ହାସଲ କରିବା ସହିତ ଦଳରେ ସ୍ଥାନ ସୁରକ୍ଷିତ କରିଛନ୍ତି। ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକଙ୍କ ଉପରେ ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ନିର୍ଭର କରିବ। ୨୧୦ରନ ସଂଗ୍ରହ କରିବା ସହିତ ୧୨ଟି ୱିକେଟ ଅକ୍ତିଆର କରିଥିବା ଅଲରାଉଣ୍ଡର ଗୋବିନ୍ଦ ଓଡ଼ିଶା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି।

# ତୃତୀୟ ରାଉଣ୍ଡରେ ଆଲ୍‌କାରାଜ, ଜ୍ୱେରେଭ, ସାବାଲେଙ୍କା

## ଅଷ୍ଟ୍ରେଲିଆନ ଓପନ୍

ମେଲବୋର୍ଣ୍ଣ, ୨୧।୧ (ଏଜେନ୍ସି):

ଟପ୍ ସିଡ୍ କାର୍ଲୋସ ଆଲ୍‌କାରାଜ ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନର ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚରେ ଆଲ୍‌କାରାଜ ୭-୬ (୪), ୬-୩, ୬-୨ ସେଟ୍‌ରେ ଜର୍ମାନୀର ୟାନିକ ହନଫମାନ୍ନଙ୍କୁ ପରାସ୍ତ କରିଥିଲେ। ସ୍ପାନିଶ ତାରକା ଆଲ୍‌କାରାଜ ୩ୟ ରାଉଣ୍ଡରେ ଫ୍ରାନ୍ସର କୋରେଣ୍ଟିନ ମୌଟେଟ୍‌ଙ୍କୁ ଭେଟିବେ। ଅନ୍ୟ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ମୌଟେଟ୍ ୩-୬, ୬-୧, ୬-୩, ୨-୦ରେ ଆମେରିକାର ମାଇକେଲ୍ ଝେଙ୍ଗ୍‌କୁ ହରାଇଥିଲେ। ସେହିଭଳି ଗତ ସଂସ୍କରଣର ଫାଇନାଲିଷ୍ଟ ଆଲେକ୍ସଜାଣ୍ଡର ଜ୍ୱେରେଭ ୬-୩, ୪-୬, ୬-୩ ସେଟ୍‌ରେ ଫ୍ରାନ୍ସର ଆଲେକ୍ସଜାଣ୍ଡର ମୁଲରଙ୍କୁ ହରାଇ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅନ୍ୟମାନଙ୍କ ମଧ୍ୟରେ ୬ଷ୍ଠ ସିଡ୍ ଆଲେକ୍ସ ଡି ମିନାଉର, ୧୦ମ ସିଡ୍ କାଜାଖସ୍ତାନର ଆଲେକ୍ସଜାଣ୍ଡର ବଲ୍‌ଭିକ, ରୁଷିଆର ୧୧ତମ ସିଡ୍ ଡାନିଲ ମେଡଭେଡେଭ, ୧୩ତମ ସିଡ୍ ଆନ୍ଦ୍ରେ ରୁବଲେଭ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ବିଜୟ ଲାଭ କରିଥିଲେ।

ଅପରପକ୍ଷରେ ମହିଳା ବିଭାଗରେ ଟପ୍ ସିଡ୍ ଆରିନା ସାବାଲେଙ୍କା, ତୃତୀୟ ସିଡ୍ ଆମେରିକାର କୋକୋ ଗଫ୍, ୧୨ତମ ସିଡ୍ ୟୁକ୍ରେନର ଏଲିନା ସ୍ୱିତୋଲିନା, ଚେକ ଗଣରାଜ୍ୟର କାରୋଲିନା ମୁଚୋଭା, ଇଟାଲୀର ୭ମ ସିଡ୍ ଯସ୍ମିନ ପାଓଲିନ, ୮ମ ସିଡ ରୁଷିଆର ମାରିଆ ଆନ୍ଦ୍ରିଭା ନିଜ ନିଜ ମୁକାବିଲାରେ ବିଜୟୀ ହୋଇ ୩ୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ତେବେ ବ୍ରିଟେନର ଇମା ରାଡୁକାନୁ ୨ୟ ରାଉଣ୍ଡରେ ହାରି ନିରାଶ କରିଛନ୍ତି।

### ଦ୍ୱିତୀୟ ରାଉଣ୍ଡରେ ଭାମ୍ବ୍ରୀ

ଭାରତର ୟୁକି ଭାମ୍ବ୍ରୀ ପୁରୁଷ ଡବଲ୍ସର ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ସ୍ୱିଡେନର ଆନ୍ଦ୍ରେ ଗୋରାନସନଙ୍କୁ ସାଥୀ କରି ଖେଳୁଥିବା ଭାମ୍ବ୍ରୀ ୬-୩, ୬-୪ ସେଟ୍‌ରେ ଘରୋଇ ଅଷ୍ଟ୍ରେଲିଆର ଜେମ୍ସ ଡକୱର୍ଥ ଓ କ୍ରୁଜ ହେୱିଟ ଯୋଡ଼ିଙ୍କୁ ପରାସ୍ତ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS